R.N.I. REGN. No. 65000/96 POSTAL REGN. No. OI

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୯୪
ତିଥି: ପୂର୍ଣ୍ଣିମା
୨୯ ଜୁଲାଇ ୨୦୨୬, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 294
29 July 2026, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ବୈତରଣୀରେ ଆସୁଛି ବଡ଼ ବନ୍ୟା

**ଅବିଶ୍ରାନ୍ତ ବର୍ଷାରେ ୪ ଜିଲ୍ଲାରେ ଜଳବନ୍ଦୀ ପରିସ୍ଥିତି** | **ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖାରେ ସ୍ଥିତି ଅସମ୍ଭାଳ** | **ଆଖୁଆପଦାରେ ବିପଦସଙ୍କେତ ଟପିଲା**

ଭଦ୍ରକ/ଧାମନଗର/ବାରିପଦା/ବ୍ୟାସନଗର, ୨୮ ।୭ (ସବ୍ୟୁ/ଜିପ୍ର): ଅବିଶ୍ରାନ୍ତ ବର୍ଷାରେ ଉବୁଟୁବୁ ଉତ୍ତର ଓଡ଼ିଶା । ଜଳବନ୍ଦୀ ଅବସ୍ଥାରେ ୪ ଜିଲ୍ଲାର ହଜାର ହଜାର ଲୋକ । ଚାରିଆଡ଼େ ବିଭୀଷିକା । ଘର, ରାସ୍ତା, ବଜାର ସବୁଠି କେବଳ ପାଣି ଆଉ ପାଣି। ବାଲେଶ୍ୱରରୁ ଭଦ୍ରକ, ମୟୂରଭଞ୍ଜରୁ କେନ୍ଦୁଝର ଲଗାଣ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି । ଅବିଶ୍ରାନ୍ତ ବର୍ଷା ଯୋଗୁଁ ବିଭିନ୍ନ ଜଳନଦୀର



ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ତେବେ ବୈତରଣୀରେ ଜଳସ୍ତର ବିପଦ ସଙ୍କେତ ଉପର ଦେଇ ଗତି କରୁଥିବାରୁ ଯାଜପୁର ଜିଲାରେ ଦେଖାଦେଇଛି ବନ୍ୟା ପରିସ୍ଥିତି । ମୟୂରଭଞ୍ଜର ଶିମିଳିପାଳ ଅଭୟାରଣ୍ୟରେ ମଧ ଭାରୀ ବର୍ଷା ହେବାରୁ ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା ସମେତ ବିଭିନ୍ନ ନଦୀ ଓ ନାଳର ଜଳସ୍ତର ଦ୍ରୁତ ଗତିରେ ବଢୁବା ସହିତ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି ।

ବୈତରଣୀ ନଦୀର ଉପରମୁଣ୍ଡରେ ଲଘୁଚାପ ଜନିତ ପ୍ରବଳ ବର୍ଷା ହେତୁ ନଦୀରେ ବନ୍ୟା। ପରିସ୍ଥିତି ସୃଷ୍ଟି ହୋଇଛି। ବୈତରଣୀ ନଦୀର ଆଖୁଆପଦା ଠାରେ ବନ୍ୟାଜଳ ବିପଦ ସଙ୍କେତର ଉର୍ଦ୍ଧ୍ୱରେ ପ୍ରବାହିତ ହେଉଛି । ସନ୍ଧ୍ୟା ୭ଟା ସୁଦ୍ଧା ଜଳସ୍ତର ବିପଦ ସଙ୍କେତର ବହୁ ଉର୍ଦ୍ଧ୍ୱରେ ଅର୍ଥାତ ୧୯.୨୧ ମିଟରରେ (୯ ପୃଷ୍ଠାରେ)

## ୮ ଜିଲ୍ଲାରେ ସ୍କୁଲ, କଲେଜ ଛୁଟି

ଭୁବନେଶ୍ୱର, ୨୮ ।୭ (ସବ୍ୟୁ): ଲଗାଣ ବର୍ଷା ଓ ଉପରମୁଣ୍ଡରେ ଅବିରତ ବର୍ଷା ଯୋଗୁ ବୈତରଣୀ ନଦୀରେ ବଡ଼ଧରଣର ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ଏଥିସହ ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖାରେ ବନ୍ୟା ପରସ୍ଥିତି ଦେଖାଦେଇଛନ୍ତି । କେନ୍ଦୁଝର, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ସମ୍ବଲପୁର, ବରଗଡ଼, ସୁନ୍ଦରଗଡ଼ ଜିଲ୍ଲାରେ ଭୀଷଣ ବର୍ଷା ହେବା ଫଳରେ ବିଭିନ୍ନ ଅଞ୍ଚଳରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି । ଛାତ୍ରଛାତ୍ରୀଙ୍କ ଯାତାୟାତରେ ବିପଦ ଆଶଙ୍କାକୁ ଦୃଷ୍ଟିରେ ରଖି ଉପରୋକ୍ତ ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ, ବେସରକାରୀ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭିଏସ୍) ଓ ମହାବିଦ୍ୟାଳୟରେ ଶ୍ରେଣୀ ପାଠପଢ଼ା ବନ୍ଦ ରଖିବାକୁ ଜିଲ୍ଲା ପ୍ରଶାସନ ନିଷ୍ପତ୍ତି ନେଇଛି । ଏଥିସହ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ବି ଛୁଟି ଘୋଷଣା କରାଯାଇଛି ।

## ବାଲେଶ୍ୱର : ପ୍ରବଳ ବର୍ଷାରେ ରାସ୍ତାଘାଟ ଜଳାର୍ଣ୍ଣବ

ବାଲେଶ୍ୱର, ୨୮ ।୭ (ସବ୍ୟୁ): ବାଲେଶ୍ୱର ଜିଲ୍ଲାରେ ଅବପାତ ପ୍ରଭାବରେ ମୂଷଳ ଧାରାରେ ବର୍ଷା ପରେ ଅସ୍ତବ୍ୟସ୍ତ ଜନ ଜୀବନ । ଯୁଆଡ଼େ ଦେଖିଲେ, ଖାଲି ପାଣି ଆଉ ପାଣି । ରାସ୍ତା ନଦୀ ପାଲଟିଛି, ଗଳିରେ ପାଣିର ପ୍ରଖର ସୁଅ । ଘର ଭିତରେ ଲହଡ଼ି ଭାଙ୍ଗୁଛି, ଦୋକାନ ବୁଡ଼ିଛି, ବେପାର ଠପ୍ । ଘରେ ଜଳବନ୍ଦୀ ଲୋକ । ସହରର ଚେହେରା ସମ୍ପୂର୍ଣ୍ଣ ବଦଳିଗଲା ।

ବାଲେଶ୍ୱର ଓ ଏହା ଆଖପାଖ ଅଞ୍ଚଳରେ ଲଗାଣ ବର୍ଷା ଏବଂ ପବନ ଲାଗି ରହିବା ଯୋଗୁଁ ସମଗ୍ର ସହର ଜଳାର୍ଣ୍ଣବ ହୋଇଯାଇଥିଲା । ଏହି ବର୍ଷା ୨୭ ତାରିଖ ସନ୍ଧ୍ୟାରୁ ଅବିଶ୍ରାନ୍ତ ଭାବରେ ସକାଳ ୭ଟା ପର୍ଯ୍ୟନ୍ତ ଲାଗି ରହିଥିବାରୁ ଏହିଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ମଙ୍ଗଳବାର ସକାଳ ସାଢ଼େ ୮ଟା ସୁଦ୍ଧା ବାଲେଶ୍ୱରରେ ୨୪୬ ମିମି ବର୍ଷା ହୋଇଥିବା ବେଳେ ନୀଳଗିରିରେ ୨୩୯ ମିମି, ଜୟପୁରରେ ୨୩୬ମିମି, ରେମୁଣାରେ ୨୨୨ମିମି, ଏନଏଚ-୫ ଗୋବିନ୍ଦପୁରରେ୨୧୩ ମିମି, ରାଜଘାଟରେ ୨୦୨ ମିମି, ଜଳେଶ୍ୱରରେ ୧୬୨ମିମି, ଭୋଗରାଇରେ ୧୨୯ ମିମି ବର୍ଷା ରେକର୍ଡ କରାଯାଇଛି । ସହରର ଚିଡ଼ିଆପୋଲ, ଫକୀରମୋହନ ନଗର, ନୂଆସାହି, ଚୂନଭାଟି, ରାଣିପାଟଣା, ଅଡରବଜାର, ମୋତିଗଞ୍ଜ ବଜାର, ଆଜିମାବାଦ, ବାଲିଆ, ଭୀମପୁରା, ସମୋନାଥପୁର (୯ ପୃଷ୍ଠାରେ)

## ଆନନ୍ଦପୁରରେ ବିପଦ ସଙ୍କେତ ଟପିଲା

କେନ୍ଦୁଝର, ୨୮ ।୭ (ଜିପ୍ର): ଉପର ମୁଣ୍ଡରେ ବର୍ଷା ଜାରି ରହିଥିବାରୁ କେନ୍ଦୁଝର ଜିଲ୍ଲାରେ ବୈତରଣୀ ନଦୀର ଜଳସ୍ତର ଦ୍ରୁତ ଗତିରେ ବଢିଚାଲିଛି।

**ବନ୍ୟା ସ୍ରୋତରେ ଭାସିଗଲେ ଯୁବତୀ**

ଏଥିସହିତ ରେମାଳ ଡ୍ୟାମରେ ଜଳସ୍ତର ବ୍ୟାପକ ବୃଦ୍ଧି ପାଇବା ଯୋଗୁଁ ଏକ ଯୁବତୀ ଭାସିଯାଇଥିବା ଜଣାପଡିଛି । ଉକ୍ତ ଯୁବତୀଙ୍କ ଘର କେସୁଦୁରାପାଳ । କାନଧରି ଡ୍ୟାମରେ ଜଳସ୍ରୋତ ବୃଦ୍ଧି ପାଉଥିବା ବେଳେ ଫାପୁଡିଆ ନାଳ ଭାଙ୍ଗି ଥିବା ସୂଚନା ମିଳିଛି । କେନ୍ଦୁଝର ରେଳଟ୍ରାକ ଉପରେ ଜଳସ୍ରୋତ ଚାଲିଛି । ଏଥିସହିତ ବଡ଼ବିଲ ପୁରୀ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଛି । ଓ ଠାକୁରମୁଣ୍ଡା ଆନନ୍ଦପୁର ରାସ୍ତାଯାତାୟତ ରହିଛି ।

ମଙ୍ଗଳବାର ସନ୍ଧ୍ୟା ୬ଟା ସୁଦ୍ଧା ଆନନ୍ଦପୁର ଗେଜ ଷ୍ଟେସନରେ ଜଳସ୍ତର ୩୯.୭୦୦ ମିଟର ରେକର୍ଡ ହୋଇଛି । ନଦୀର ସତର୍କ ସଙ୍କେତ ସ୍ତର ୩୭.୪୪୫ ମିଟର ଏବଂ ବିପଦ ସଙ୍କେତ ସ୍ତର ୩୮.୩୬୦ ମିଟର ଥିବାବେଳେ ବର୍ତ୍ତମାନ (୯ ପୃଷ୍ଠାରେ)

## ଇଣ୍ଡିଆନ ଆଇଡଲ୍ ବିଜେତା ଜ୍ୟୋତିର୍ମୟୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୮ ।୭ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତ ବର୍ଷର ଇଣ୍ଡିଆନ୍ ଆଇଡଲ୍- ସିଜିନ୍ ୧୬ର ବିଜେତା ଜ୍ୟୋତିର୍ମୟୀ ନାୟକଙ୍କୁ ଆଜି ତାଙ୍କ ସରକାରୀ ବାସଭବନରେ ସମ୍ବର୍ଦ୍ଧିତ କରିଛନ୍ତି। ଏଥି ସହିତ

**୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା**

ଜ୍ୟୋତିର୍ମୟୀଙ୍କ ଅସାଧାରଣ କୃତିତ୍ୱ ପାଇଁ ମୁଖ୍ୟମନ୍ତ୍ରୀ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛନ୍ତି।

ଜ୍ୟୋତିର୍ମୟୀ ଆଜି ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ସରକାରୀ ବାସଭବନରେ ଭେଟି ଇଣ୍ଡିଆନ୍ ଆଇଡଲ୍ ଟ୍ରଫି ପ୍ରଦର୍ଶନ କରିବା ସହିତ ଇଣ୍ଡିଆନ୍ ଆଇଡଲ୍'ର



ସଫଳତା ପଛରେ ଥିବା ତାଙ୍କ କଠିନ ପରିଶ୍ରମ ଓ ଅଧ୍ୟବସାୟ ବିଷୟରେ ବର୍ଣ୍ଣନା କରିଥିଲେ।

ମୁଖ୍ୟମନ୍ତ୍ରୀ ଜ୍ୟୋତିର୍ମୟୀଙ୍କ ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ (୯ ପୃଷ୍ଠାରେ)

## ବନ୍ୟା ସ୍ଥିତି ମୁକାବିଲା ଲାଗି ସରକାର ପ୍ରସ୍ତୁତ

ଭୁବନେଶ୍ୱର, ୨୮ ।୭ (ସବ୍ୟୁ) : ରାଜ୍ୟରେ ଲଗାଣ ବର୍ଷାଜନିତ ସୃଷ୍ଟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ରାଜ୍ୟସରକାର ତଥା ସମସ୍ତ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ସହ ସାଧାରଣ ଲୋକେ ପ୍ରଶାସନିକ ସେବା ଏବଂ ସହାୟତା ନେଇ ସୁରକ୍ଷିତ ରହିବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି । ଏଥିସହିତ ସମସ୍ତ ଜିଲ୍ଲାପ୍ରଶାସନ ଏବଂ ଅନ୍ୟାନ୍ୟ

## ଭୟଭୀତ ନ ହୋଇ ସତର୍କ ରୁହନ୍ତୁ



ବିଭାଗମାନଙ୍କୁ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ ସମନ୍ୱିତ ହୋଇ କାର୍ଯ୍ୟ କରିବାକୁ ମନ୍ତ୍ରୀ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ଆନନ୍ଦପୁର ଏବଂ ଆଖୁଆପଦାଠାରେ ବୈତରଣୀ ଏବଂ ଜଳକା ନଦୀରେ ଜଳପତ୍ତନସ୍ତର ବୃଦ୍ଧି ପାଇ ବିପଦସ୍ତରଠୁଁ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ କେତେକ ସ୍ଥାନରେ ବ୍ରାହ୍ମଣୀ ଏବଂ ସୁବର୍ଣ୍ଣରେଖା ନଦୀର ଜଳପତ୍ତନ ସ୍ତର ଚିନ୍ତାଜନକ ରହିଛି । ଗତ ଚବିଶ ଘଣ୍ଟାରେ ବାଲେଶ୍ୱର ଜିଲ୍ଲାରେ ସର୍ବାଧିକ ବୃଷ୍ଟିପାତ ହୋଇଥିଲା ବେଳେ ଭଦ୍ରକ ଏବଂ ଯାଜପୁର ଜିଲ୍ଲାରେ (୯ ପୃଷ୍ଠାରେ)

- ୩ ଜିଲ୍ଲା ଲାଗି ୩ ଆଇଏଏସ୍‌ଙ୍କୁ ଦାୟିତ୍ୱ
- ରାତିସାରା ଖୋଲା ରହିବ ଏସ୍ଆରସି କାର୍ଯ୍ୟାଳୟ
- ସ୍ଥାନାନ୍ତିକରଣ ତ୍ୱରାନ୍ୱିତ ଲାଗି ମନ୍ତ୍ରୀଙ୍କ ନିର୍ଦ୍ଦେଶ

**ନାଇଡୁ କମିଶନ ରିପୋର୍ଟ ଗାଏବ ମାମଲା**

## କ୍ରାଇମ୍‌ବ୍ରାଞ୍ଚରେ ମାମଲା ରୁଜୁ, ତଦନ୍ତ ଆରମ୍ଭ

ଭୁବନେଶ୍ୱର, ୨୮ ।୭ (ସବ୍ୟୁ) : ସିଏମ୍‌ଓରୁ ନାଇଡୁ କମିଶନ ତଦନ୍ତ ରିପୋର୍ଟ ଗାଏବ ମାମଲାର ତଦନ୍ତ ପାଇଁ କ୍ରାଇମ୍‌ବ୍ରାଞ୍ଚକୁ ନିର୍ଦ୍ଦେଶ ହେବା ପରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି । ଏସ୍‌ପି ଅନିରୁଦ୍ଧ ରାଉତରାୟଙ୍କ ତତ୍ତ୍ୱାବଧାନରେ ଗଠିତ ତିନିଜଣିଆ ଟିମ୍ ମଙ୍ଗଳବାର କ୍ୟାପିଟାଲ ଥାନାକୁ ଆସି ମାମଲା ହସ୍ତାନ୍ତର କରିବା ପରେ ତଦନ୍ତ ଆରମ୍ଭ କରାଯାଇଛି । ଡିଏସ୍‌ପି ଆଶୁତୋଷ ମିଶ୍ରଙ୍କ ନେତୃତ୍ୱରେ ତିନିଜଣିଆ ଟିମ୍ କ୍ୟାପିଟାଲ ଥାନାର ତଦନ୍ତକାରୀ ଅଫିସର ଅତିରିକ୍ତ ଇନ୍ସପେକଫର ବିପିନ ବିହାରୀ ହୋତାକୁ ପଚରାଉଚରା କରି ମାମଲାର କାଗଜପତ୍ର ନେଇଛନ୍ତି ।

କ୍ରାଇମ୍‌ବ୍ରାଞ୍ଚରେ କେସ୍ ନମ୍ବର ୯/୨୦୨୬ରେ ମାମଲା ରୁଜୁ କରାଯାଇ ଦଫା ୩୦୫, ୩୧୬ (୨), ୨୩୮ (ସି), ୨୪୧, ୬୧ (୨)(ବି) ଲାଗୁ କରାଯାଇଛି। ଭାରତୀୟ ନ୍ୟାୟ ସଂହିତାର ଏହିସବୁ ଦଫାରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତକାରୀ ଟିମ୍ ଛାନ୍‌ଭିନ୍ ଆରମ୍ଭ କରିଛି । ୩ଜଣିଆ ଟିମ୍‌ର ମୁଖ୍ୟ ଡିଏସ୍‌ପି ଆଶୁତୋଷ ମିଶ୍ରଙ୍କ କହିବାନୁଯାୟୀ ତଥ୍ୟ ସଂଗ୍ରହ କରାଯାଇ ଯାଞ୍ଚ ହେବା ପରେ ତଦନ୍ତ ତ୍ୱରାନ୍ୱିତ ହେବ । ସିଏମ୍‌ଓରୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ମାମଲାର ତଦନ୍ତ କରୁଥିବା ନାଇଡୁ କମିଶନ ରିପୋର୍ଟ ଫାଇଲ କେଉଁଆଡେ ଗାଏବ ହୋଇଯାଇଛି । ଏ ସମ୍ପର୍କରେ ଗୃହ ବିଭାଗ ପକ୍ଷରୁ କ୍ୟାପିଟାଲ ଥାନାରେ ଅଭିଯୋଗ ହେବା ପରେ କମିଶନରେଟ୍ ପୋଲିସ ତଦନ୍ତ କରୁଥିଲା । ତଦନ୍ତ ସମୟରେ ୪ଜଣ ପୂର୍ବତନ ଆଇଏଏସ୍‌ଙ୍କୁ ନୋଟିସ୍ କରାଯାଇଥିବା ବେଳେ ଆଇଟି ସଚିବ ମନୋଜ ମିଶ୍ର ହାଜର ହୋଇ ତାଙ୍କ ପକ୍ଷ ରଖିଥିଲେ । (୯ ପୃଷ୍ଠାରେ)

## ୧୮ ବର୍ଷରୁ କମ୍ ପ୍ରତିବାଦକାରୀଙ୍କୁ ତୁରନ୍ତ ଛାଡ

ନୂଆଦିଲ୍ଲୀ, ୨୮ ।୭ : କକ୍ରୋଚ୍ ଜନତା ପାର୍ଟି ଆହ୍ୱାନରେ ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାରେ ହୋଇଥିବା ଦେଶବ୍ୟାପୀ ପ୍ରତିବାଦ ଘଟଣାରେ ସୁପ୍ରିମ୍‌କୋର୍ଟ ହସ୍ତକ୍ଷେପ କରିଛନ୍ତି। ୧୮ବର୍ଷରୁ କମ୍ ପ୍ରତିବାଦକାରୀ ଓ ଅପରାଧିକ ରେକର୍ଡ ନଥିବା ଛାତ୍ରମାନଙ୍କୁ ତୁରନ୍ତ ଖଲାସ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏତଦ୍‌ଭିନ୍ନ ଆନ୍ଦୋଳନ ସମୟରେ ଆହତ ହୋଇଥିବା ଛାତ୍ର ଓ ପୋଲିସ ଅଧିକାରୀ ଆହତ ହୋଇଥିବା ଅଭିଯୋଗର ଏସ୍ଆଇଟି ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ସୁପ୍ରିମ୍‌କୋର୍ଟ ସୂଚନା ଦେଇଛନ୍ତି ଯେ



ଏସ୍ଆଇଟିର ମୁଖ୍ୟ ଜଣେ ସୁପ୍ରିମ୍‌କୋର୍ଟ ବିଚାରପତି ରହିବେ। ଏ ବାବଦରେ କେନ୍ଦ୍ର ସରକାର ଦିଲ୍ଲୀ ଏବଂ ଆସାମ, ବିହାର, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଓ କେରଳ ସରକାରଙ୍କ ଠାରୁ (୯ ପୃଷ୍ଠାରେ)

- ଛାତ୍ର-ପୋଲିସ ଆହତ ଅଭିଯୋଗର ଏସ୍ଆଇଟି ତଦନ୍ତ
- ୮ ରାଜ୍ୟକୁ ଜବାବ ମାଗିଲେ ସୁପ୍ରିମ୍‌କୋର୍ଟ
- ସିସିଟିଭି ଫୁଟେଜ୍, ଡ୍ରୋନ୍ ଫୁଟେଜ୍ ସଂରକ୍ଷିତ ରଖ
- ପ୍ରତିବାଦକାରୀଙ୍କ ତଥ୍ୟ ସାର୍ବଜନୀନ ହେବନି

**ପେପର ଲିକ୍ ରୋକିବା ସଂଶୋଧନ ବିଲ୍ ଉପରେ ବିତର୍କ**

## ସରକାର-ବିରୋଧୀ ମୁହାଁମୁହିଁ

ନୂଆଦିଲ୍ଲୀ, ୨୮ ।୭ : ସଂସଦର ମୌସୁମୀ ଅଧିବେଶନରେ ପ୍ରଶ୍ନପତ୍ର ଲିକ୍ ରୋକିବା ପାଇଁ ଅଣାଯାଇଥିବା ପବ୍ଲିକ୍ ଏକ୍‌ଜାମିନେସନ୍ (ପ୍ରିଭେନ୍‌ସନ୍ ଅଫ୍ ଅନ୍‌ଫେୟାର ମିନ୍ସ) ସଂଶୋଧନ ବିଲ୍ ୨୦୨୬ର ଆଲୋଚନା ଆରମ୍ଭ ହୋଇଛି । ଆଲୋଚନାରେ ସରକାର ଓ ବିରୋଧୀ ଦଳ ପରସ୍ପର ପ୍ରତି ଆକ୍ଷେପ କରିବା ସହ ମୁହାଁମୁହିଁ ହୋଇଛନ୍ତି। ବିରୋଧୀ ଦଳଗୁଡ଼ିକ ପ୍ରଶ୍ନପତ୍ର ଲିକ୍ ଓ ଛାତ୍ର ଆନ୍ଦୋଳନ ପ୍ରସଙ୍ଗରେ ସରକାରଙ୍କୁ ଟାର୍ଗେଟ୍ କରିଥିବାବେଳେ ସଂଶୋଧିକ



**କ୍ୟାମେରା ଆଙ୍ଗେଲ ନୁହେଁ, ଦୃଷ୍ଟିକୋଣ ବଦଳୁ : ପ୍ରିୟଙ୍କା**

**ସଂଶୋଧିତ ଆଇନ୍ ପରୀକ୍ଷା ବ୍ୟବସ୍ଥାକୁ ସ୍ୱଚ୍ଛ କରିବ : ସରକାର**

ଆଇନ୍ ପରୀକ୍ଷା ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ ଓ ସୁରକ୍ଷିତ କରିବାରେ ସହାୟକ ହେବ ବୋଲି ସରକାରଙ୍କ ପକ୍ଷରୁ ଯୁକ୍ତି ବଢ଼ାଯାଇଥିଲା ।

ସଂସଦୀୟ ବ୍ୟାପାର (୯ ପୃଷ୍ଠାରେ)

## ପ୍ରତିବାଦକାରୀଙ୍କ ଉପରେ ବ୍ୟବହାର ହୋଇଥିଲା ଆଣ୍ଟି ରାଏଟ୍ ଗନ୍

ନୂଆଦିଲ୍ଲୀ, ୨୮ ।୭ : ଜୁଲାଇ ୨୦ରେ ଛାତ୍ର ଆନ୍ଦୋଳନରେ ସାମିଲ ଥିବା ପ୍ରତିବାଦକାରୀଙ୍କ ଉପରକୁ ର୍‍ୟାପିଡ୍ ଆକ୍ସନ୍ ଫୋର୍ସ (ଆର୍‌ଏଏଫ୍) ଦଙ୍ଗା ବିରୋଧୀ ବନ୍ଧୁକ (ଆଣ୍ଟି ରାଏଟ୍ ଗନ୍) ବ୍ୟବହାର କରିଥିବା ଏକ ସୂତ୍ରରୁ ଜଣାପଡ଼ିଛି । ସେହିଭଳି ଦିଲ୍ଲୀ ପୋଲିସ ପକ୍ଷରୁ ପେଲେଟ୍ ଗନ୍‌ର ବ୍ୟବହାରକୁ ଅସ୍ୱୀକାର କରାଯାଇଛି। ଜୁଲାଇ ୨୨ରେ ହୋଇଥିବା ଡାଏରୀରେ ଉଲ୍ଲେଖ ଅଛି ଯେ ଆର୍‌ଏଏଫ୍ ଦଙ୍ଗା ନିରୋଧ ବନ୍ଧୁକ ଦୁଇଥର ଜଣେ ଡିସିପି ର୍‍ୟାଙ୍କ ଅଧିକାରୀଙ୍କ ନିର୍ଦ୍ଦେଶରେ ବ୍ୟବହାର କରିଥିଲେ।

ଏହି ବିବାଦୀୟ ଓ ବିପଦଜ୍ଜନକ ଅସ୍ତ୍ର ଛାତ୍ର ପ୍ରତିବାଦକାରୀଙ୍କ ଉପରେ ବ୍ୟବହାର କରାଯିବା ଏକ ପ୍ରମୁଖ ପ୍ରସଙ୍ଗ ହୋଇଛି। ଅଧିକାଂଶ ପ୍ରତିବାଦକାରୀ ପେଲେଟ୍ ଦ୍ୱାରା ଆହତ ହୋଇଥିବା ଏବେ ସାମ୍ନାକୁ ଆସିଛି। ସୁରକ୍ଷାକର୍ମୀମାନେ ପେଲେଟ୍‌ରୁ ଗୁଳି ଚାଳନା କରିଥିବା କୁହାଯାଉଛି। ଡାଏରୀରେ ହୋଇଥିବା ତଥ୍ୟ ଅନୁଯାୟୀ ଆର୍‌ଏଏଫ୍‌ର ଏକ କମ୍ପାନୀ ଯନ୍ତର ମନ୍ତରର ଜୋନ୍ ୧ରେ ମୁତୟନ ଥିଲେ। ଦିଲ୍ଲୀ ଡିସିପି ଭିଡ଼ ନିୟନ୍ତ୍ରଣ ଦାୟିତ୍ୱରେ ଥିଲେ। ଯେତେବେଳେ ପ୍ରତିବାଦ ଅଧିକ ହୋଇଥିଲା ଆର୍‌ଏଏଫ୍ ଯବାନମାନେ ୫୫ ନନ୍ ଇଲେକ୍ଟ୍ରିକ୍ ସେଲ୍, ୧୫ ଇଲେକ୍ଟ୍ରିକ୍ ସେଲ୍, ୫ ଲୁହବୁହା ଗ୍ୟାସ୍ ଓ ୨ ରାଉଣ୍ଡ ଦଙ୍ଗା (୯ ପୃଷ୍ଠାରେ)

## ଇତିହାସ

୧୮୯୯- ନ୍ୟୁୟର୍କରେ ପ୍ରଥମ ବାଇକ୍ ରେସ୍ ଆୟୋଜିତ ।

୧୯୪୯- ରେଡିଓରେ ବ୍ରିଟିଶ୍ ବ୍ରଡ୍‌କାଷ୍ଟିଂ କର୍ପୋରେସନ୍‌ର ପ୍ରସାରଣ ।

୧୯୫୭-ୟୁଏନ୍ ଦ୍ୱାରା ଅନ୍ତର୍ଜାତୀୟ ପରମାଣୁ ଉର୍ଜା ଏଜେନ୍ସି ବା ଆଇଏଇଏ ଗଠିତ ।

୧୯୮୦- ମସ୍କୋ ଅଲମ୍ପିକ୍‌ରେ ହକି ପାଇଁ ଭାରତକୁ ସ୍ୱର୍ଣ୍ଣ ପଦକ ।

୧୯୮୩- ପ୍ରଥମ ମାନବିହୀନ ବିମାନର ପରୀକ୍ଷଣ ।

୨୦୦୦- ସାମା ଭଡେରିଆ ୩୩୧୦ କିଲୋ ଓଜନର ବିମାନକୁ ଦାନ୍ତରେ ଭିଡିଲେ ।

୨୦୦୬- ଟେଷ୍ଟ କ୍ରିକେଟ୍ ମ୍ୟାଚ୍‌ରେ ୬୨୪ ରନ୍ କରି ଶ୍ରୀଲଙ୍କା ବ୍ୟାଟ୍ସମ୍ୟାନ୍ ମାହେଲା ଜୟବର୍ଦ୍ଧନ ଓ କୁମାର ସାଙ୍ଗାକାରାଙ୍କ ବିଶ୍ୱ ରେକର୍ଡ ।

୨୦୧୩- ଫ୍ରାନ୍ସରେ କାନ୍ସସ୍ଥିତ ଏକ ହୋଟେଲ୍‌ରେ ୧୦.୩ କୋଟି ୟୁରୋର ହୀରା ଚୋରି ।



# ଅନ୍ତର୍ଜାତୀୟ ବାଘ ଦିବସ

ସମଗ୍ର ବିଶ୍ୱରେ ପ୍ରତିବର୍ଷ ଜୁଲାଇ ୨୯ ତାରିଖକୁ 'ଆନ୍ତର୍ଜାତୀୟ ବାଘ ଦିବସ' ଭାବେ ପାଳନ କରାଯାଏ, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଲୁପ୍ତପ୍ରାୟ ବାଘମାନଙ୍କ ସଂରକ୍ଷଣ । ଏହି ଦିବସ ପାଳନ ଉଦ୍ଦେଶ୍ୟ ସେମାନଙ୍କର ପ୍ରାକୃତିକ ଆବାସସ୍ଥଳୀର ସୁରକ୍ଷା ଏବଂ ସେମାନଙ୍କ ସଂଖ୍ୟା ବୃଦ୍ଧି ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା । ଏହି ଦିବସର ଇତିହାସ ୨୦୧୦ ମସିହାରୁ ଆରମ୍ଭ ହୋଇଥିଲା, ଯେତେବେଳେ ରୁଷର ସେଣ୍ଟ ପିଟର୍ସବର୍ଗଠାରେ ଆୟୋଜିତ 'ଟାଇଗର ସମ୍ମିଟ୍'ରେ ଭାରତ ସମେତ ୧୩ଟି ବାଘ-ପ୍ରବଣ ଦେଶ ଏକାଠି ହୋଇ ବାଘମାନଙ୍କ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଉଥିବାରୁ ଗଭୀର ଚିନ୍ତା ପ୍ରକଟ କରିଥିଲେ । ୨୦୨୨ ସୁଦ୍ଧା ସେମାନଙ୍କ ସଂଖ୍ୟା ଦ୍ୱିଗୁଣିତ କରିବା ପାଇଁ ଏକ ସଂକଳ୍ପ ନେଇଥିଲେ । ବାଘ ହେଉଛନ୍ତି ଜଙ୍ଗଲ ପରିସଂସ୍ଥାର ଶୀର୍ଷ ଶିକାରୀ, ଯାହାଙ୍କର ଉପସ୍ଥିତି ଜଙ୍ଗଲର ସ୍ୱାସ୍ଥ୍ୟ, ଜୈବ ବିବିଧତା ଏବଂ ଜଳଉତ୍ସଗୁଡ଼ିକର ସନ୍ତୁଳନ ବଜାୟ ରଖିବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ । ଶିକାରୀଙ୍କ ବେଆଇନ କାରବାର, ଜଙ୍ଗଲ କ୍ଷୟ ଏବଂ ମାନବ-ବନ୍ୟଜନ୍ତୁ ସଂଘର୍ଷ ଯୋଗୁଁ ବାଘଙ୍କ ସଂଖ୍ୟା କ୍ରମାଗତ ଭାବେ କମିବାରେ ଲାଗିଥିଲା । କିନ୍ତୁ ଭାରତର 'ପ୍ରୋଜେକ୍ଟ ଟାଇଗର' ପରି ପ୍ରଶଂସନୀୟ ପଦକ୍ଷେପ ଯୋଗୁଁ ଆଜି ବିଶ୍ୱର ୭୫%ରୁ ଅଧିକ ବାଘ ଭାରତରେ ସୁରକ୍ଷିତ ରହିଛନ୍ତି । ତେଣୁ ଏହି ବିଶେଷ ଦିବସଟି ଆମକୁ ମନେକରାଇ ଦିଏ ଯେ ବାଘଙ୍କୁ ବଞ୍ଚାଇବା ଅର୍ଥ କେବଳ ଗୋଟିଏ ପ୍ରଜାତିକୁ ସୁରକ୍ଷା ଦେବା ନୁହେଁ, ବରଂ ସମଗ୍ର ସବୁଜ ଜଙ୍ଗଲ, ପରିବେଶ ଏବଂ ମାନବ ଜାତିର ସୁରକ୍ଷିତ ଭବିଷ୍ୟତକୁ ସୁନିଶ୍ଚିତ କରିବା ।

# ଆମ୍ବୁଲାନ୍ସରେ ବରଯାତ୍ରୀ



ସାଧାରଣତଃ ବିବାହରେ ବର ଘୋଡ଼ା, ଲଗ୍ଜୁରୀ କାରରେ ବରଯାତ୍ରୀ ନେଇ ପହଞ୍ଚିଥାଏ । ହେଲେ ବିହାରର ଏକ ଘଟଣା ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି । ଏଠାରେ ଜଣେ ବର ଆମ୍ବୁଲାନ୍ସରେ ନିଜ ବରାତିଙ୍କ ସହ ବିବାହ ମଣ୍ଡପରେ ପହଞ୍ଚିଛନ୍ତି । ଆମ୍ବୁଲାନ୍ସ ପହଞ୍ଚିବା ଦେଖି ସମସ୍ତେ ଭାବିଥିଲେ ରୋଗୀ ପହଞ୍ଚିଛି । ହେଲେ ଆମ୍ବୁଲାନ୍ସ ଭିତରେ କୌଣସି ରୋଗୀ ନୁହନ୍ତି, ବରଂ ଆଗ ସିଟ୍‌ରୁ ନେଇ ପଛ ରୋଗୀ ଶୋଇବା ଜାଗା ପର୍ଯ୍ୟନ୍ତ ସବୁଠି ସଜବାଜ ହୋଇ ବରଯାତ୍ରୀମାନେ ବସିଥିବା ଦେଖିବାକୁ ମିଳିଥିଲା । ଏହି ଅଜବ ଘଟଣାର ଭିଡିଓ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି । ଜରୁରୀକାଳୀନ ସେବାର ବ୍ୟବହାର କରି ବରଯାତ୍ରୀ ଆଣିବାର ଏହି ଭିଡିଓକୁ ନେଇ ଚର୍ଚ୍ଚା ଜୋର୍ ଧରିଛି । ଏଥିପାଇଁ ସେ ଅନୁମତି ନେଇଛନ୍ତି କି ନାହିଁ ସେ ସମ୍ପର୍କରେ କୌଣସି ତଥ୍ୟ ମିଳିନାହିଁ ।

## ସୁଜି ଚକୁଳି



**ସାମଗ୍ରୀ-** ସୁଜି ୫୦୦ଗ୍ରାମ୍, ପିଆଜ, କଞ୍ଚାଲଙ୍କା, ତେଲ, ଲୁଣ ।

**ପ୍ରଣାଳୀ-** ପ୍ରଥମେ ପିଆଜ, କଞ୍ଚାଲଙ୍କାକୁ ବାଟିଦିଅନ୍ତୁ । ଏହି ବଟାକୁ ସୁଜିରେ ମିଶାଇ ପାଣିଦେଇ ଗୋଳି ତିଆରି କରନ୍ତୁ । ଏହି ଗୋଳାକୁ ଘଣ୍ଟାଏ ପର୍ଯ୍ୟନ୍ତ ଢାଙ୍କୁଣି ଘୋଡ଼ାଇ ଛାଡ଼ିଦିଅନ୍ତୁ । ତାପରେ ପତଳା ପତଳା ଚକୁଳି ପ୍ରସ୍ତୁତ କରନ୍ତୁ । ଏହି ଚକୁଳିକୁ ଲୁଚିମୁଡାବକ ଚଟଣି କିମ୍ବା ସସ୍ ସହିତ ପରଷନ୍ତୁ ।

## ଏକୁଟିଆପଣ ଦୂର କରିବ ରୋବଟ୍

ଚୀନ୍‌ର ଏକ କମ୍ପାନୀ 'ୟୁଆନ୍ଲୁ' 'ଲୁଇ' ନାମକ ଏକ ବିଶେଷ ହ୍ୟୁମାନଏଡ୍ ରୋବୋଟ୍ ଲଞ୍ଚ କରିଛି, ଯାହାକୁ ଏକାକୀ ରହୁଥିବା ଯୁବକ-ଯୁବତୀ ଏବଂ ବୃଦ୍ଧବୃଦ୍ଧାଙ୍କ ସାଥୀ ହେବା ପାଇଁ ଡିଜାଇନ୍ କରାଯାଇଛି । ଏହି ରୋବୋଟ୍ ମଣିଷ ପରି କଥାବାର୍ତ୍ତା କରିବା ସହ ଭାବନା ବୁଝିପାରିବ ଏବଂ ମାନସିକ ଚାପ ସମୟରେ ବ୍ୟବହାରକାରୀଙ୍କୁ ମାନସିକ ସହାୟତା ମଧ୍ୟ ଯୋଗାଇବ । ମହିଳା ଓ ପୁରୁଷ ଦୁଇଟିଯାକ ରୂପରେ ଉପଲବ୍ଧ ଏହି ରୋବୋଟ୍‌ର ଆଖିରେ କ୍ୟାମେରା ଏବଂ ଛାତିରେ ସେନ୍ସର ଓ ମାଇକ୍ରୋଫୋନ୍ ଖଞ୍ଜାଯାଇଛି । ଯାହା ଦ୍ୱାରା ଏହା ବ୍ୟବହାରକାରୀଙ୍କ ଅଭ୍ୟାସ ଶିଖି ସେହି ଅନୁସାରେ କଥାବାର୍ତ୍ତା କରିପାରିବ ଏବଂ ଔଷଧ ଖାଇବା ମନେପକାଇବା ସହ ନିତିଦିନିଆ କାମରେ ସାହାଯ୍ୟ କରିବ । କମ୍ପାନୀ ବାଜିଅନୁଯାୟୀ, ଏହା ବିଶ୍ୱର ପ୍ରଥମ ଫୁଲ୍-ସାଇଜ୍ ବାୟୋନିକ୍ ହ୍ୟୁମାନଏଡ୍ ରୋବୋଟ୍, ଯାହାର ବେସିକ୍ ମଡେଲ୍‌ର ମୂଲ୍ୟ ପ୍ରାୟ ୧୭ ଲକ୍ଷ ଟଙ୍କା । ଏହାର ଟପ୍ ମଡେଲ୍‌ର ଦାମ୍ ପ୍ରାୟ ୧.୩୯ କୋଟି ଟଙ୍କା ରହିଛି । ବର୍ତ୍ତମାନ ସୁଦ୍ଧା ଏଥିପାଇଁ ୧୩,୩୦୦ ରୁ ଅଧିକ ପ୍ରି-ଅର୍ଡର ମିଳିସାରିଛି ଏବଂ ଆସନ୍ତା ସେପ୍ଟେମ୍ବର ମାସରୁ ଏହାର ଡେଲିଭରୀ ଆରମ୍ଭ ହେବାକୁ ଯାଉଛି ।



## ସୋସିଆଲ କୋଟ୍ସ



ଅନେକ ସମୟ ଧରି ମୁଁ ଚୁପ ଏଥିପାଇଁ ଥିଲି କି ମୁଁ ଡରି ଯାଇଥିଲି । ମୋ ସ୍ୱାମୀଙ୍କର ଅନେକ ପାୱାର ଅଛି, ଯାହା ମୋତେ ଡରାଉଥିଲା । ହେଲେ ଏହା ମୋର ଭୁଲ ନିଷ୍ପତ୍ତି ଥିଲା । ବର୍ତ୍ତମାନ ମୁଁ ସାହସର ସହିତ କହୁଛି କି ଆମ ଭିତରେ କିଛି ଠିକ ନାହିଁ ।

ଇଶା ରିଖି, ବାଦଶାହଙ୍କ ଦ୍ୱିତୀୟ ପତ୍ନୀ



ଶାଶୁଙ୍କୁ ସବୁବେଳେ ମାଆ ଭଳି ବ୍ୟବହାର କରିବାକୁ ହେବ । ନଚେତ ସବୁବେଳେ ପୁଅ ଓ ସ୍ୱାମୀ ଘର ଝଗଡ଼ାରେ ହଇରାଣ ହେବେ ।

ରେଣୁକା ଶାହାଣୀ, ଅଭିନେତ୍ରୀ



ମୋ ପାଖରେ ପରିବାର ଥାଇ ବି ମୁଁ ଅନାଥ । ପରିବାର ଲୋକ ମୋତେ ଛାଡି ଦେଇଛନ୍ତି । ବର୍ତ୍ତମାନ ମୁଁ ସେଲଟର ହୋମରେ ରହୁଛି ।

ଶିଳ୍ପା ସିନ୍ଦେ, ଅଭିନେତ୍ରୀ

## ବୟାନ ପାଇଁ ଅଡୁଆରେ



ବିଜେପି ସାଂସଦ ତଥା ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ ନୂଆ ପିଢ଼ିର ଭାରତୀୟ ମହିଳାମାନଙ୍କୁ ନେଇ ଏକ ବୟାନ ଦେଇଛନ୍ତି, ଯାହାକୁ ନେଇ ସେ ବର୍ତ୍ତମାନ ଅଡୁଆରେ ପଡିଛନ୍ତି । ପୋଷ୍ଟରେ ସେମାନଙ୍କୁ ସେ 'ଗରେ ଜେନେରେସନ୍' ବୋଲି ଆଖ୍ୟା ଦେଇଛନ୍ତି । କଙ୍ଗନା ନିଜର ଅଫିସିଆଲ ଇନ୍‌ଷ୍ଟାଗ୍ରାମ୍ ଷ୍ଟୋରିରେ ଲେଖିଛନ୍ତି ଯେ, ସବୁଠାରୁ ଲଜ୍ଜାଜନକ କଥା ହେଉଛି ସେହି ଯୁବ ହିନ୍ଦୁ ମହିଳାମାନଙ୍କ ବ୍ୟବହାର, ଯେଉଁମାନେ ଆତ୍ମନିର୍ଭରଶୀଳ ଓ ସଫଳ ମହିଳାମାନଙ୍କ ଜୀବନଶୈଳୀକୁ ନକଲ କରିବାକୁ ଚାହାଁନ୍ତି ସତ, କିନ୍ତୁ ଏହା ସହ ଆସୁଥିବା ଦାୟିତ୍ୱ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁନ୍ତି । ପ୍ରକୃତରେ ସ୍ୱାଧୀନ ମହିଳାମାନେ ସାହସିକ ନିଷ୍ପତ୍ତି ନିଅନ୍ତି, ସ୍ୱଷ୍ଟବାଦୀ ହୁଅନ୍ତି, ପାରମ୍ପରିକ ମାର୍ଗରୁ ହଟି ନିଜ କ୍ୟାରିୟର ବାଛନ୍ତି ଏବଂ ନିଜ ପ୍ରତ୍ୟେକ କାର୍ଯ୍ୟର ସମ୍ପୂର୍ଣ୍ଣ ଦାୟିତ୍ୱ ନିଜେ ବହନ କରନ୍ତି । ସେମାନେ ନିଜ ପରିବାର କିମ୍ବା ବାପା-ମା'ଙ୍କ ଉପରେ ବୋଝ ହୁଅନ୍ତି ନାହିଁ । ମାତ୍ର ଆଜିକାଲି ପାଶ୍ଚାତ୍ୟ ଚିନ୍ତାଧାରାରେ ପ୍ରଭାବିତ କିଛି ଯୁବତୀ ନିଶାଦ୍ରବ୍ୟ ସେବନ, ମଦ୍ୟପାନ ଏବଂ ଅସଂଯମିତ ସମ୍ପର୍କକୁ ହିଁ ନିଜର ସ୍ୱାଧୀନତା ବୋଲି ଭାବୁଛନ୍ତି । ଏପରିକି ସେମାନେ ଜଣେ ଭଲ ଗୃହିଣୀ ହେବାର ଯୋଗ୍ୟତା ମଧ୍ୟ ରଖନ୍ତି ନାହିଁ । କେବଳ ଏତିକି ନୁହେଁ, କଙ୍ଗନା ଜନ୍ତର-ମନ୍ତରରେ ଚାଲିଥିବା ଛାତ୍ର ଆନ୍ଦୋଳନକୁ ନେଇ ମଧ୍ୟ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ଜେନ ଜେଡ ପ୍ରତିବାଦକାରୀଙ୍କ ଭାଷା ଏବଂ ବ୍ୟବହାର ଅତ୍ୟନ୍ତ ଖରାପ ଓ ଘୃଣ୍ୟ । ସେମାନଙ୍କର ଏପରି ଆଚରଣ ଦେଖି ପ୍ରଶ୍ନ ଉଠୁଛି ଯେ ସେମାନଙ୍କୁ କିପରି ପାଳନ କରାଯାଇଛି । ସରକାରଙ୍କ ଉପରେ ଚାପ ପକାଇବା ପାଇଁ ରାସ୍ତାରେ ହୁଲସ୍ଥୁଲ କରିବା ପରିବର୍ତ୍ତେ ସଂସଦ ହିଁ ଏପରି ଆଲୋଚନା ପାଇଁ ସଠିକ୍ ସ୍ଥାନ ବୋଲି କଙ୍ଗନା ସ୍ପଷ୍ଟ କରିଛନ୍ତି । ତେବେ କଙ୍ଗନାଙ୍କର ଏହି ପୋଷ୍ଟର କଡ଼ା ନିନ୍ଦା କରାଯାଉଥିବା ଦେଖିବାକୁ ମିଳୁଛି । ସୋସିଆଲ ମିଡିଆରେ ତାଙ୍କୁ ଖୁବ ଟ୍ରୋଲର ସମ୍ମୁଖୀନ ହେବାକୁ ପଡୁଛି ।

## ବିବାହରେ ମଣିଷ ଉପହାର

ଇଣ୍ଡୋନେସିଆର ସୁମ୍ବା ଦ୍ୱୀପରେ ଆଜି ବି ଏପରି ଏକ କୁପ୍ରଥା ଜାରି ରହିଛି, ଯେଉଁଠାରେ କିଛି ଲୋକଙ୍କୁ ଜନ୍ମରୁ ହିଁ ଦାସ ବା 'ଆତା' ଭାବେ ଗ୍ରହଣ କରାଯାଏ । ଏହି ସମ୍ପ୍ରଦାୟର ଲୋକଙ୍କଠାରୁ ପିଲାଦିନରୁ ହିଁ କ୍ଷେତ, ଗୃହପାଳିତ ପଶୁଙ୍କ ସେବା ଏବଂ ଘରର ବିଭିନ୍ନ କାମ କରାଯାଉଥିବା ବେଳେ ବାହାଘର ସମୟରେ ଏମାନଙ୍କୁ ଉପହାର ଭାବରେ ଗୋଟିଏ ପରିବାରରୁ ଅନ୍ୟ ପରିବାରକୁ ହସ୍ତାନ୍ତର କରାଯାଇଥାଏ । ଯଦିଓ ୧୯୪୫ ମସିହାରେ ଇଣ୍ଡୋନେସିଆ ସରକାର ଦାସପ୍ରଥା ଉପରେ ସମ୍ପୂର୍ଣ୍ଣ ଆଇନଗତ କଟକଣା ଲଗାଇସାରିଛନ୍ତି, ତଥାପି ଏହି ଦ୍ୱୀପର ଶତାବ୍ଦୀ ପ୍ରାଚୀନ ସାମାଜିକ ବ୍ୟବସ୍ଥା ଯୋଗୁଁ ଏହା ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇପାରି ନାହିଁ । ମାନବାଧିକାର କର୍ମୀଙ୍କ ଅନୁଯାୟୀ, କେବଳ ଇଷ୍ଟ ସୁମ୍ବା ଅଞ୍ଚଳରେ ଆଜି ବି ପ୍ରାୟ ୧,୭୦୦ରୁ ଅଧିକ ଲୋକ ଏହି ପ୍ରଥାରେ ଛନ୍ଦି ହୋଇ ରହିଛନ୍ତି । ଏହି ପ୍ରଥା କାରଣରୁ ଏଠି ଏବେ ବି ବିଭିନ୍ନ ନିର୍ଯ୍ୟାତନା ହେଉଥିବା ମଧ୍ୟ ଦେଖିବାକୁ ମିଳିଥାଏ ।





**ମେଷ:** ଧନଲାଭ, କାର୍ଯ୍ୟ ସଫଳ, ସମ୍ମାନବୃଦ୍ଧି, ଶୁଭଖବର, ପାରିବାରିକ ସହଯୋଗ, ଭୂସମ୍ପତ୍ତିଲାଭ, ଦୂରଯାତ୍ରା, ଶରୀର ସୁସ୍ଥ, ନୂତନ ନିଯୁକ୍ତି, ଅର୍ଥଲାଭ, ଶତ୍ରୁ ପରାଜିତ, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୧, ଆରାଧନା-ମହାଲକ୍ଷ୍ମୀ ।

**ବୃଷ:** ସମ୍ମାନଲାଭ, ବ୍ୟବସାୟରେ ସ୍ୱଳ୍ପଲାଭ, ଶୁଭଖବର, ଆଶାରେ ବିଳମ୍ବ, ଶରୀର ସୁସ୍ଥ, ଶତ୍ରୁସମସ୍ୟା, ସମ୍ପତ୍ତିଚିନ୍ତା, ବିଦ୍ୟାରେ ସଫଳ, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୧୦, ଆରାଧନା-ଭଗବାନବିଷ୍ଣୁ ।

**ମିଥୁନ:** ଗୃହେ ଉତ୍ସବ, ଅର୍ଥସମସ୍ୟା, ଶରୀର ସୁସ୍ଥ, ମାନସିକ ଅଶାନ୍ତି, ଦାମ୍ପତ୍ୟକଳହ, ବ୍ୟବସାୟରେ ସ୍ୱଳ୍ପଲାଭ, ଦୂରଯାତ୍ରା, ବନ୍ଧୁଲାଭ, ଅତିଥିଚର୍ଚ୍ଚା, ସମ୍ମାନହାନି, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ମା' ମଙ୍ଗଳା ।

**କର୍କଟ:** ଧନବ୍ୟୟ, ମନସ୍ତାପ, ଶାରୀରିକ ସମସ୍ୟା, ଦ୍ରବ୍ୟନଷ୍ଟ, ବିଶିଷ୍ଟ କାର୍ଯ୍ୟରେ ଲାଭ, ନୂତନ କାର୍ଯ୍ୟ ଆରମ୍ଭ, ଜମିଜମା ଗଣ୍ଡଗୋଳ, ଗାଡ଼ିଚାଳନାରେ ସାବଧାନ, ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୮, ଆରାଧନା-ମା' ବଗଳାମୁଖୀ ।

**ସିଂହ:** ଦ୍ରବ୍ୟଲାଭ, ଆଶା ସଫଳ, ସମ୍ମାନପ୍ରାପ୍ତି, ସମସ୍ୟାମୁକ୍ତ, ନୂତନ କାର୍ଯ୍ୟରେ ଲାଭ, ଶୁଭଖବର, କର୍ମକ୍ଷେତ୍ରେ ଲାଭ, ଶରୀର ସୁସ୍ଥ, ଶତ୍ରୁ ପରାଜିତ, ଦାମ୍ପତ୍ୟସୁଖ, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ମା' ଭଗବତୀ ।

**କନ୍ୟା:** ମାନସମ୍ମାନବୃଦ୍ଧି, ଆର୍ଥିକଖୁସି, ସମ୍ପତ୍ତିଲାଭ, ଦ୍ରବ୍ୟପ୍ରାପ୍ତି, ଶରୀର ସୁସ୍ଥ, ସନ୍ତାନଲାଭ, କର୍ମକ୍ଷେତ୍ରେ ଲାଭ, ଯାତ୍ରାରେ ସଫଳତା, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୯, ଆରାଧନା-ଉମାମହେଶ ।

**ତୁଳା:** ବାନ୍ଧବୀକଷ୍ଟ, ଶତ୍ରୁସମସ୍ୟା, ଆଶାରେ ବାଧା, ମାନସିକକ୍ଳେଶ, ବ୍ୟବସାୟିକଲାଭ, ଶୁଭକାର୍ଯ୍ୟରେ ଶାନ୍ତି, ଶରୀରସୁସ୍ଥ, ବନ୍ଧୁସାହାଯ୍ୟ, ନୂତନ କାର୍ଯ୍ୟ ଆରମ୍ଭ, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୮, ଆରାଧନା-ଶଙ୍କର ଭଗବାନ ।

**ବିଛା:** କାର୍ଯ୍ୟରେ ଅସନ୍ତୋଷ, ଶୁଭଖବରରେ ବିଳମ୍ବ, ଶତ୍ରୁବୃଦ୍ଧି, ଯାତ୍ରାରେ କଷ୍ଟ, ଶରୀର ସୁସ୍ଥ, ସମ୍ମାନବୃଦ୍ଧି, ଦ୍ରବ୍ୟନଷ୍ଟ, ବିଶିଷ୍ଟ ବ୍ୟକ୍ତି ସହଯୋଗ, ବାକିଧନପ୍ରାପ୍ତି, ନୂତନ କାର୍ଯ୍ୟରେ ଲାଭ, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଖଇରି, ସଂଖ୍ୟା-୪, ଆରାଧନା-ପ୍ରଭୁ ଜଗନ୍ନାଥ ।

**ଧନୁ:** ଆୟବୃଦ୍ଧି, ବନ୍ଧୁଦର୍ଶନ, ଦେବକାର୍ଯ୍ୟରେ ସନ୍ତୋଷ, ଶତ୍ରୁ ପରାଜିତ, ଦ୍ରବ୍ୟଲାଭ, ଦୂରଯାତ୍ରାରେ ଲାଭ, ମାମଲା ସମାଧାନ, କର୍ମକ୍ଷେତ୍ରେ ଶାନ୍ତି, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୧୦, ଆରାଧନା-ପ୍ରଭୁ ଲୋକନାଥ ।

**ମକର:** ସୁସମ୍ବାଦ, ଅତିଥିଚର୍ଚ୍ଚା, ସମ୍ମାନପ୍ରାପ୍ତି, ଅର୍ଥସମସ୍ୟା, ପାରିବାରିକ କଳହ, ଦାମ୍ପତ୍ୟଖୁସି, ତୀର୍ଥଯାତ୍ରା, ଦ୍ରବ୍ୟଲାଭ, କ୍ରୟବିକ୍ରୟ, ପଦବୀଲାଭ, ପୁରାତନ ବିବାଦ, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୭, ଆରାଧନା-ମା' ଲକ୍ଷ୍ମୀ ।

**କୁମ୍ଭ:** ଆଭୂଷଣପ୍ରାପ୍ତି, ଶୁଭକାର୍ଯ୍ୟରେ ଆଗ୍ରହ, ପାରିବାରିକ ଶତ୍ରୁତା, ବ୍ୟକ୍ତିସହାୟତା, ରାଜସମ୍ମାନଯୋଗ, ସମ୍ପତ୍ତିଲାଭ, ମାମଲା ସମାଧାନ, ଉଚ୍ଚଆଶା ପୂର୍ଣ୍ଣ, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୫, ଆରାଧନା-ମା' କିଚେକୀଶ୍ୱରୀ ।

**ମୀନ:** ମନସ୍ତାପ, କାର୍ଯ୍ୟ ବିଫଳ, ଦାମ୍ପତ୍ୟଖୁସି, ପିଲାଙ୍କସମସ୍ୟା, ସମ୍ପର୍କରେ ବାଧା, ଆର୍ଥିକଲାଭ, ବ୍ୟବସାୟରେ ସ୍ୱଳ୍ପଲାଭ, ଶରୀର ସୁସ୍ଥ, ପୂର୍ବଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୩, ଆରାଧନା-ମା' ଜଗଦ୍ଧାତ୍ରୀ ।

**ଆଷାଢ଼ ଶୁକ୍ଳପକ୍ଷ ପୂର୍ଣ୍ଣମୀ**
**୨୯.୭.୨୦୨୬, ବୁଧବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

### ସାରଳା ପୀଠରେ ଗୁରୁଚରଣ ଜେନାଙ୍କ ଏକାଦଶାହ

## ଶ୍ରଦ୍ଧାଞ୍ଜଳି ଜଣାଇଲେ ବହୁବିଶିଷ୍ଟ ବ୍ୟକ୍ତି

ତିର୍ତ୍ତୋଲ (ସବ୍ୟୁ): ବହୁମୁଖୀ ପ୍ରତିଭାର ଅଧିକାରୀ, କର୍ତ୍ତବ୍ୟନିଷ୍ଠ, ଧର୍ମପ୍ରାଣ ଓ ସାରଳାଦାସ ଶ୍ରାଦ୍ଧୋତ୍ସବ କମିଟିର ପ୍ରାକ୍ତନ ସମ୍ପାଦକ ସ୍ୱର୍ଗତ ଗୁରୁଚରଣ ଜେନାଙ୍କ ଏକାଦଶାହ ଉପଲକ୍ଷେ, ତାଙ୍କର ଜନ୍ମସ୍ଥାନ ସାରଳା ମନ୍ଦିର ସମ୍ମୁଖରେ, ବିପୁଳ ଜନ ସମାବେଶ ମଧ୍ୟରେ ଏକ ସ୍ମୃତିଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ତାଙ୍କର ଶୋକସନ୍ତପ୍ତ ପରିବାରଙ୍କୁ ପୃଥକ ପୃଥକ ଶୋକ ବାର୍ତ୍ତାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ସମବେଦନା ବ୍ୟକ୍ତ କରିଛନ୍ତି ।

ପୂର୍ବତନ ପି ସି ସି ସଭାପତି ତଥା ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ, ଜିଲ୍ଲାକଂଗ୍ରେସ କମିଟିର ପୂର୍ବତନ ସଭାପତି ନଟବର ବାରିକ, ପିସିସି ସାଧାରଣ ସମ୍ପାଦକ ମହମଦ ଇମଦାଦ, ସମୟ ର ନିର୍ଦ୍ଦେଶିକା ଅନିତା ମହାନ୍ତି, ଜିଲ୍ଲା ଭିଜିଲାନ୍ସ କମିଟି ସଭ୍ୟ ଦେବେନ୍ଦ୍ର କୁମାର ମହାନ୍ତି, ବିଶ୍ୱ ଓଡ଼ିଆ ମହାସଂଘ ର ସୁର ପ୍ରସାଦ ମହାପାତ୍ର, ଜଗତସିଂହପୁର ପୂର୍ବତନ ପୌରପରିଷଦ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ, ବିଜେଡି ମିଡ଼ିଆସେଲ ଇନଚାର୍ଜ ପ୍ରିୟବ୍ରତ ମାଝୀ, ସଅଁରା ସରପଞ୍ଚ ବିକ୍ରମକେଶରୀ ସ୍ୱାଇଁ, ଇଂ ସୁମିତ ଦାସ, ରଶ୍ମୀରଞ୍ଜନ ରାଉଳ, ଆଇନଜୀବି ମହେଶ ମହାନ୍ତି, ସତ୍ୟଭୂଷଣ ଦାସ, ଆଇନଜୀବି ରଞ୍ଜନ କୁମାର ପଣ୍ଡା, ବରିଷ୍ଠ ସେବାୟତ ଲକ୍ଷ୍ମୀଧର ମହାପାତ୍ର, ନୃସିଂହ ଚରଣ ରାଉଳ, ବ୍ରଜକିଶୋର ମଲ୍ଲିକ, ଦେବୀପ୍ରସାଦ ରାଉଳ, ଅରୁଣ ମହାପାତ୍ର, ବିକ୍ରମ ମହାନ୍ତି ( କୁନମୁନ ) ରାଜ୍ୟ ଜଳସମ୍ପଦ ବିଭାଗ ର ପ୍ରାକ୍ତନ ମୁଖ୍ୟ ଯନ୍ତ୍ରୀ ଭକ୍ତରଞ୍ଜନ ମହାନ୍ତି, ଜିଲ୍ଲା ବିଜେଡିର ବରିଷ୍ଠ ଉପସଭାପତି ଅଶ୍ୱିନୀ ଦାସ, ଜଗତସିଂହପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ ଭୋଇ, ପୂର୍ବତନ, ସରପଞ୍ଚ ବିଜୟ ନାୟକ, ଯୁବନେତା ନିହାର ରଞ୍ଜନ ମହାନ୍ତି ,ବିଜେଡି ମୁଖପାତ୍ର ଲେଲିନ ମହାନ୍ତି, ପ୍ରମୁଖ ବହୁବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ, ଏହି ଅବସରରେ ସମର୍ପଣ ଭଜନସନ୍ଧ୍ୟା ର ସଙ୍ଗୀତନିର୍ଦ୍ଦେଶକ ପ୍ରହ୍ଲାଦ ନାୟକ ଙ୍କ ଉପସ୍ଥାପନା ରେ ବହୁ ଖ୍ୟାତନାମା କଳାକାର ମାନଙ୍କ ଦ୍ୱାରା ଭକ୍ତିସଙ୍ଗୀତ ପରିବେଷଣ କରାଯାଇଥିଲା । ନିମନ୍ତ୍ରିତ ସମସ୍ତ ଅତିଥି ମାନଙ୍କୁ ନାରାୟଣ ପ୍ରସାଦ ଜେନା, ଅରୁଣପ୍ରସାଦ ଜେନା ଓ ବୀରକିଶୋର ଜେନା ସ୍ୱାଗତ କରିଥିଲେ । ସମସ୍ତଗ୍ରାମବାସୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।



### ସ୍ୱାମୀଜୀଙ୍କ ହତ୍ୟାକାଣ୍ଡ ଫାଇଲ ହଜିବା ସାଧାରଣ ଅବହେଳା ନୁହେଁ

## ଏହା ପଛର ପ୍ରକୃତ ଦୋଷୀଙ୍କୁ ଛାଡ଼ିବେ ନାହିଁ ରାଜ୍ୟ ସରକାର : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ତ୍ୟାଗ, ସଂଘର୍ଷ, ଜନଜାତିଙ୍କ ସେବା ଓ ରାଷ୍ଟ୍ରସେବାର କାହାଣୀ ଆଗାମୀ ପିଢ଼ି ପାଇଁ ପ୍ରେରଣାର ମୁଖ୍ୟ ଉତ୍ସ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ଥାନୀୟ ରେଳ ଅଡିଟୋରିଅମ ଠାରେ ଆୟୋଜିତ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଉପରେ ରଚିତ 'ବେଦାନ୍ତ କେଶରୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ: କୃତି ଓ ବ୍ୟକ୍ତିତ୍ୱ' ପୁସ୍ତକର ଉନ୍ମୋଚନ ଅବସରରେ ଏହା କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜଣେ ମହାପୁରୁଷଙ୍କ ଜୀବନୀ କେବଳ ଅତୀତର ଘଟଣାବଳୀର ସମାହାର ନୁହେଁ, ବରଂ ତାହା ଆଗାମୀ ଯୁବପିଢ଼ି ପାଇଁ ମାର୍ଗଦର୍ଶକ ସାଜିଥାଏ । ସମାଜର ଶେଷ ଧାଡ଼ିରେ ଛିଡ଼ା ହୋଇଥିବା ଅବହେଳିତ ମାନବସମାଜର କଲ୍ୟାଣ ପାଇଁ ସ୍ୱାମୀଜୀଙ୍କର ଉତ୍ସର୍ଗୀକୃତ ସାଧନା ଏବଂ ରାଷ୍ଟ୍ରଚେତନାର ପ୍ରସାର, ଆମ ସଂସ୍କୃତିକୁ ସଦାସର୍ବଦା ଋଦ୍ଧିମନ୍ତ କରିରଖିବ ବୋଲି ସେ ମତ ଦେଇଛନ୍ତି । ସ୍ୱାମୀଜୀଙ୍କ ଜୀବନୀ ଉପରେ ରଚିତ ପୁସ୍ତକ 'ବେଦାନ୍ତ କେଶରୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ: କୃତି ଓ ବ୍ୟକ୍ତିତ୍ୱ', ଆଗାମୀ ଦିନରେ ସ୍କୁଲ, କଲେଜ ଲାଇବ୍ରେରୀ ମାନଙ୍କରେ ଶୋଭା ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସ୍ୱାମୀଜୀ କେବଳ ଜଣେ ସନ୍ନ୍ୟାସୀ ନଥିଲେ, ବରଂ କନ୍ଧମାଳର ବନବାସୀ ଭାଇଭଉଣୀଙ୍କ ପାଇଁ ସାକ୍ଷାତ ରକ୍ଷାକବଚ ଓ ଜାଗ୍ରତ ଆଧ୍ୟାତ୍ମିକ ଚେତନାର ପୁରୁଷ ଥିଲେ। ଚକାପାଦ ଓ ଜଲେଶପଟ୍ଟା ଆଶ୍ରମ ମାଧ୍ୟମରେ ସେ ବନବାସୀ ଝିଅମାନଙ୍କୁ ଶିକ୍ଷିତ ଓ ଆତ୍ମନିର୍ଭରଶୀଳ କରିବା ସହ ଅବୈଧ ଧର୍ମାନ୍ତରୀକରଣ, ଗୋ-ହତ୍ୟା ଏବଂ ଦେଶବିରୋଧୀ ଷଡ଼ଯନ୍ତ୍ର ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଅମୂଲ୍ୟ ସ୍ମୃତିକୁ ଉଜ୍ଜୀବିତ ରଖିବା ପାଇଁ ଓଡ଼ିଶା ସରକାର ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, ଫୁଲବାଣୀକୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ନାମରେ ନାମିତ କରାଯାଇଛି ବୋଲି କହିଛନ୍ତି । ଏହା ସହିତ ଜଲେଶପଟ୍ଟା ଆଶ୍ରମର ଐତିହ୍ୟ ସଂରକ୍ଷଣ, ୩୦୦ ଆସନ ବିଶିଷ୍ଟ ଛାତ୍ରୀ ନିବାସ ନିର୍ମାଣ ଏବଂ ଜଳ ଯୋଗାଣ ଭଳି ଭୌତିକ ଭିତ୍ତିଭୂମିର ବିକାଶ ପାଇଁ ୧୩ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ସେ ପ୍ରକାଶ କରିଛନ୍ତି, ଯାହାର କାର୍ଯ୍ୟ ଅତି ଶୀଘ୍ର ଆରମ୍ଭ ହେବ। ଆଗାମୀ ଅଗଷ୍ଟ ୨୧ରୁ ଆରମ୍ଭ ହେବାକୁ ଯାଉଥିବା ସ୍ୱାମୀଜୀଙ୍କ ଜନ୍ମ ଶତବାର୍ଷିକୀ ବର୍ଷରେ ତାଙ୍କର ଆଦର୍ଶକୁ ରାଜ୍ୟର ପ୍ରତ୍ୟେକ ଗାଁ ଓ ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସେମିନାର୍ ଓ କର୍ମଶାଳା ମାଧ୍ୟମରେ ପହଞ୍ଚାଯିବ।

୨୦୦୮ ମସିହା ଜନ୍ମାଷ୍ଟମୀ ରାତିର ହତ୍ୟାକାଣ୍ଡ ପ୍ରସଙ୍ଗ ଉଠାଇ ମୁଖ୍ୟମନ୍ତ୍ରୀ ତତ୍କାଳୀନ ସରକାରଙ୍କ ବିଫଳତା ଓ ତୁଷ୍ଟୀକରଣ ରାଜନୀତିକୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଜଷ୍ଟିସ୍ ନାଇଡୁ କମିଶନ୍ଙ୍କ ରିପୋର୍ଟ ଓ ଫାଇଲ୍ ଲୋକସେବା ଭବନରୁ ଗାଏବ ହେବା ଏକ ସୁଚିନ୍ତିତ ଷଡ଼ଯନ୍ତ୍ର। ଏହି ଘଟଣାର ପର୍ଦ୍ଦାଫାଶ କରିବା ପାଇଁ ଫାଇଲ୍ ହଜିବା ମାମଲାର ତଦନ୍ତ ଦାୟିତ୍ୱ କ୍ରାଇମ୍‌ବ୍ରାଞ୍ଚକୁ ଦିଆଯାଇଛି। ସତ୍ୟର ଉନ୍ମୋଚନ ନିଶ୍ଚିତ ହେବ ଏବଂ ଏହି ହତ୍ୟାକାଣ୍ଡ ପଛରେ ଥିବା ପ୍ରକୃତ ଦୋଷୀଙ୍କୁ ଆମ ସରକାର କୌଣସି ପରିସ୍ଥିତିରେ ଛାଡ଼ିବ ନାହିଁ ବୋଲି ସେ ରାଜ୍ୟବାସୀଙ୍କୁ ଦୃଢ଼ ଆଶ୍ୱାସନା ଦେଇଛନ୍ତି। ଏଥିସହିତ ଏହି ପୁସ୍ତକର ସ୍ରଷ୍ଟା ବିପିନ ବିହାରୀ ନନ୍ଦ ଓ ବାଂଛାନିଧି ପଣ୍ଡାଙ୍କ ଦ୍ୱାରା ଓଡ଼ିଆ ଓ ହିନ୍ଦୀ ଭାଷାରେ ରଚିତ ଏହି ଗ୍ରନ୍ଥ ଯୁବସମାଜକୁ ରାଷ୍ଟ୍ରଭକ୍ତି, ତ୍ୟାଗ ଓ ଆଧ୍ୟାତ୍ମିକତାରେ ଅନୁପ୍ରାଣିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ତଥା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରକାର୍ଯ୍ୟବାହ ଦତ୍ତାତ୍ରେୟ ହୋସବୋଲେ ସ୍ୱାମୀଜୀଙ୍କୁ ଜଣେ ମହାପୁରୁଷ ଭାବେ ଅଭିହିତ କରି କହିଛନ୍ତି ଯେ, ସେ ନିଜ ଜୀବନକାଳ ମଧ୍ୟରେ ଧର୍ମ ଜାଗୃତି ଓ ଧର୍ମ ରକ୍ଷା ଦିଗରେ ସାଧାରଣ ଜନତାଙ୍କୁ ଜ୍ଞାନ ପ୍ରଦାନ କରିବା ସହ ପ୍ରେରଣା ଦେଇଥିଲେ ଏବଂ ଧର୍ମ ବିରୋଧୀ କାର୍ଯ୍ୟରୁ ନିବୃତ୍ତ ରହିବାକୁ ପରାମର୍ଶ ଦେଇଥିଲେ। ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଜଣେ ବ୍ୟକ୍ତି ନଥିଲେ ବରଂ ଥିଲେ ଏକ ଦୃଢ଼ ଶକ୍ତି। ଗୃହସ୍ଥ୍ୟ ଜୀବନ ପରେ ମଧ୍ୟ ଏକ ଆଧ୍ୟାତ୍ମିକ ଜୀବନ ବିତାଉଥିବା ଏହି ମହାପୁରୁଷ ବାଲ୍ୟକାଳରୁ ଗୋ ରକ୍ଷା ଦିଗରେ ସମ୍ପୂର୍ଣ୍ଣ ସମର୍ପିତ ଥିଲେ ଏବଂ ସମାଜର ବିଭିନ୍ନ ବର୍ଗର ଲୋକଙ୍କ ଦୁଃଖ ଦୂର କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିଲେ, ତେଣୁ ଆମ ସମସ୍ତଙ୍କର ତାଙ୍କରି ଦେଖାଇଥିବା ମାର୍ଗ ଓ ଆଦର୍ଶକୁ ଅନୁସରଣ କରି ଜୀବନରେ ଆଗକୁ ଚାଲିବା ଉଚିତ ବୋଲି କହିଥିଲେ ।

ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ଜଣେ ମହାନ ସ୍ୱାଧୀନତା ସଂଗ୍ରାମୀ, କ୍ରାନ୍ତିକାରୀ ଓ ଗଡ଼ଜାତ ଆନ୍ଦୋଳନର ଅଗ୍ରଣୀ ନେତା ଭାବେ ଅଭିହିତ କରିଛନ୍ତି। ବର୍ତ୍ତମାନର ଫୁଲବାଣୀ, (କନ୍ଧମାଳ) ଜିଲ୍ଲାର ସୁରକ୍ଷା ଓ ବିକାଶରେ ସ୍ୱାମୀଜୀଙ୍କ ଅବଦାନ ଅତୁଳନୀୟ। ନାରୀଶିକ୍ଷାର ପ୍ରସାର ଏବଂ ସମାଜର ସମସ୍ତ ବର୍ଗଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସେ ନିରନ୍ତର କାର୍ଯ୍ୟ କରିଥିଲେ। ସ୍ୱାମୀଜୀଙ୍କ ଏହି ମହାନ ଆଦର୍ଶ ଓ ପ୍ରେରଣା ଓଡ଼ିଶାର ସମୃଦ୍ଧି ସହ ଏକ 'ବିକଶିତ ଭାରତ' ଗଠନ ଦିଗରେ ମାର୍ଗଦର୍ଶକ ସାଜିବ ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଆଧ୍ୟାତ୍ମିକ ଗୁରୁ ସ୍ୱାମୀ ପରମହଂସ ପ୍ରଜ୍ଞାନାନନ୍ଦ, ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ସ୍ମୃତିନ୍ୟାସର ଅଧ୍ୟକ୍ଷ ସ୍ୱାମୀ ଜୀବନ ମୁକ୍ତାନନ୍ଦ ଏବଂ ଶ୍ରୀ ମନସୁଖଲାଲ ସେଠିଆ ପ୍ରମୁଖ ମଞ୍ଚାସୀନ ହୋଇ ସମାରୋହର ଶୋଭାବର୍ଦ୍ଧନ କରିଥିଲେ। ଏହାସହିତ ସ୍ୱାମୀଜୀଙ୍କ ଅମୂଲ୍ୟ ଜୀବନୀ ଓ ସାଧନାକୁ ଗ୍ରନ୍ଥରୂପ ଦେଇଥିବା ଶ୍ରଦ୍ଧେୟ ଲେଖକ ଦ୍ୱୟ ବିପିନ ବିହାରୀ ନନ୍ଦ ଏବଂ ବାଂଛାନିଧି ପଣ୍ଡା ମଧ୍ୟ ଏହି ଆଲେଖ୍ୟ ଉନ୍ମୋଚନ ଅବସରରେ ଉପସ୍ଥିତ ଥିଲେ।



ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ଉପରେ ଲିଖିତ ପୁସ୍ତକ ଉନ୍ମୋଚନ ସମାରୋହ

### ଖୋର୍ଦ୍ଧା ସଦର ପୁଲିସର ବଡ଼ ସଫଳତା

## ୨୫୭ ଗ୍ରାମ ବ୍ରାଉନ୍‌ସୁଗର, ଦେଶୀ ପିସ୍ତଲ ଓ ବିପୁଳ ସାମଗ୍ରୀ ଜବତ, ୩ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ସଦର ଥାନା ପୁଲିସ ଏନ୍‌ଡିପିଏସ୍ ଆଇନ ଅନୁସାରେ ଏକ ବଡ଼ ଚଢ଼ାଉ କରି ବ୍ରାଉନ୍‌ସୁଗର କାରବାର ର ପର୍ଦ୍ଦାଫାଶ କରିଛି। ସହର ଉପକଣ୍ଠ ଦଲେଇପୁଟ ହନୁମାନ ମନ୍ଦିର ନିକଟରେ ଯୋଜନାବଦ୍ଧ ଚଢ଼ାଉ କରି ପୁଲିସ ପ୍ରାୟ ୨୫୭ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଏକ ବେଆଇନ ଦେଶୀ ପିସ୍ତଲ, ତିନୋଟି ଜୀବନ୍ତ ଗୁଳି, ନଗଦ ଟଙ୍କା, ଦୁଇଟି ଦାମୀ କାର, ତିନୋଟି ମୋଟରସାଇକେଲ୍, ୪ଟି ମୋବାଇଲ୍ ଫୋନ୍ ଏବଂ ଏକ ଛୁରୀ ଜବତ କରିଛି। ଜବତ ବ୍ରାଉନସୁଗାର ର ଆନୁମାନିକ ବଜାର ମୂଲ୍ୟ ୨୫ ଲକ୍ଷ ୭୦ ହଜାର ଟଙ୍କା ହେବ। ଏହି ଘଟଣାରେ ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ଆଉ ଜଣେ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଡମସାହିର ସଂଗ୍ରାମ ସାମନ୍ତରାୟ ଓରଫ୍ ଟିଟନ୍ (୨୫), ଜଙ୍କିଆ ଥାନା ଛଣଗିରି ର ଏସ୍.କେ. ନୌସାଦ ଓରଫ ଜାନୁ (୨୦) ଏବଂ ସୋମନାଥ ପ୍ରଧାନ ଓରଫ ସୋମୁ (୪୩)। ସେହିପରି ଛଣଗିରି ର ସମୀର ରୁଦ୍ଦିନ କଳାପାହାଡ଼ (୨୪) ଘଟଣାସ୍ଥଳ ରୁ ଫେରାର ହୋଇଯାଇଥିବା ବେଳେ ତାକୁ ଧରିବାକୁ ପୁଲିସ ବିଭିନ୍ନ ସ୍ଥାନରେ ଜୋରଦାର ଚଢ଼ାଉ ଜାରି ରଖିଛି।



ପୁଲିସ ସୂଚନା ଅନୁସାରେ, କିଛି ବ୍ୟକ୍ତି ବ୍ରାଉନସୁଗର କାରବାର ପାଇଁ ଦଲେଇପୁଟ ଅଂଚଳରେ ଏକାଠି ହୋଇଥିବା ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ସେମାନଙ୍କୁ ଧରିବାକୁ ଏସ୍.ପି. ପରମାର ସ୍ମିଥ ପର୍ଶୋତମ ଦାସଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ପଙ୍କଜ କୁମାର ମାଝୀ ଓ ସଦର ଥାନା ଅଧିକାରୀ ବାସୁଦେବ ଜୟସିଂହଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏସ୍‌ଆଇ ଚନ୍ଦନ କୁମାର ଦାସଙ୍କ ନେତୃତ୍ୱରେ ଏହି ଟିମ୍ ଦଲେଇପୁଟ ହନୁମାନ ମନ୍ଦିର ନିକଟରେ ଚଢ଼ାଉ କରିଥିଲେ। ସେଠାରେ ବ୍ରାଉନ୍ ସୁଗାର ବିକ୍ରି ଉଦ୍ଦେଶ୍ୟରେ ଏକାଠି ହୋଇଥିବା ୪ଜଣଙ୍କ ମଧ୍ୟରୁ ୩ ଜଣଙ୍କୁ ପୁଲିସ କାବୁ କରିଥିବା ବେଳେ ସମୀରରୁଦ୍ଦିନ କଳାପାହାଡ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ତାଙ୍କୁ ଧରିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି। ଗିରଫ ୩ଜଣଙ୍କୁ ତଲାସି ବେଳେ ଅଭିଯୁକ୍ତଙ୍କ ନିକଟରୁ ଭିନ୍ନ, ଭିନ୍ନ ପଲିଥିନ ପ୍ୟାକେଟ୍ ରେ ରଖାଯାଇଥିବା ୨୫୭ ଗ୍ରାମ ବ୍ରାଉନସୁଗାର ଜବତ ହୋଇଥିଲା। ଏହା ସହ ଏକ ୭ ଏମ.ଏମ ଦେଶୀ ପିସ୍ତଲ, ତିନୋଟି ଜୀବନ୍ତ ଗୁଳି ଓ ମାଗାଜିନ ମିଳିଥିବାରୁ ପୁଲିସ ଏବେ ଏହି ଅପରାଧିକ ସଂଯୋଗକୁ ଗୁରୁତ୍ୱର ସହ ତଦନ୍ତ କରୁଛି। ପଚରାଉଚରା ବେଳେ ଅଭିଯୁକ୍ତମାନେ ବ୍ରାଉନସୁଗାର ବିକ୍ରି ପାଇଁ ସେଠାରେ ଏକାଠି ହୋଇଥିବା ସ୍ୱୀକାର କରିଥିବା ପୁଲିସ କହିଛି। ତଦନ୍ତର ଦାୟିତ୍ୱ ଉପନିରୀକ୍ଷକ ତୁଷାରକାନ୍ତ ପରିଡ଼ାଙ୍କୁ ଦିଆଯାଇଛି ବୋଲି ଆଜି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍.ପି. ପରମାର ସ୍ମିଥ ପର୍ଶୋତମ ଦାସ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ପଙ୍କଜ କୁମାର ମାଝୀ, ସଦର ଥାନା ଅଧିକାରୀ ବାସୁଦେବ ଜୟସିଂହ, ଏସ୍‌ଆଇ ଚନ୍ଦନ କୁମାର ଦାସ, ଏସ୍‌ଆଇ ତୁଷାରକାନ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

### ୨୪ଘଣ୍ଟାରେ ଦୁଇଟି ହତ୍ୟାକାଣ୍ଡ

## ବାପ ମୁଣ୍ଡକୁ ପଥରରେ ଛେଚି ହତ୍ୟା, ପୁଅ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ମଞ୍ଚେଶ୍ୱର ଥାନା ଅଞ୍ଚଳରେ ୨୪ଘଣ୍ଟାରେ ଦୁଇଟି ହତ୍ୟାକାଣ୍ଡ ଘଟିଲାଣି । ମଙ୍ଗଳବାର ବାପା ମୁଣ୍ଡକୁ ପଥରରେ ଛେଚି ପୁଅ ହତ୍ୟା କରିଥିବା ବେଳେ ସୋମବାର ସ୍ତ୍ରୀର ଗଳାକାଟି ସ୍ୱାମୀ ହତ୍ୟା କରିଥିଲା । ଦୁଇଟି ଘଟଣାର ଅଭିଯୁକ୍ତଙ୍କୁ ମଞ୍ଚେଶ୍ୱର ଥାନା ପୋଲିସ ଗିରଫ କରିଛି । ବାପା ହତ୍ୟାକାରୀ ପୁଅ ଏସ୍.ଦେବରାଜକୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି । ସ୍ତ୍ରୀ ହତ୍ୟାକାରୀ ଅଭିଯୁକ୍ତ ସ୍ୱାମୀ ବିଷ ପିଇ ଦେଇଥିବାରୁ ହସ୍ପିଟାଲରେ ଚିକିତ୍ସିତ ହେଉଛି ।

ଗଞ୍ଜାମ ଜିଲ୍ଲାର ଏସ୍. ଦୁର୍ଯ୍ୟୋଧନ ଓ ତାଙ୍କ ପୁଅ ଏସ୍. ଦେବରାଜ ଭୁବନେଶ୍ୱରରେ କାମ କରିବାକୁ ଆସି ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ମଞ୍ଚନାଥବିହାରରେ ରହୁଥିଲେ । ବାପା ଦୁର୍ଯ୍ୟଧନ ଲେବର ଠିକାଦାର ଭାବେ କାମ କରୁଥିବା ବେଳେ ପୁଅ କାମଧନ୍ଦା ନକରି ବାପାଙ୍କ ଠାରୁ ନିଶା ଖାଇବା ପାଇଁ ଜୁଲମ କରି ଟଙ୍କା ନିଏ । ବାପା ଟଙ୍କା ନଦେଲେ ସେ ବହୁବାର ଘରେ କଳିଝଗଡା କରିଥାଏ । ମଙ୍ଗଳବାର ନିଶା ଖାଇବାକୁ ବାପାଙ୍କୁ ଟଙ୍କା ମାଗିବାରୁ ବାପା ମନା କରିଥିଲେ । ବାରମ୍ବାର ବାପା ନିଶା ଖାଇବାକୁ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ କଳିଝଗଡା ହେଉଥିଲା । ମଙ୍ଗଳବାର ବାପାଙ୍କ ଠାରୁ ଟଙ୍କା ନେଇ ନିଶା ଖାଇ ଆସିବା ପରେ ଝଗଡା କରିଥିଲା । ଝଗଡାରେ ଉତ୍‌କ୍ଷିପ୍ତ ହୋଇ ବାପାଙ୍କ ମୁଣ୍ଡକୁ ପଥରରେ ଛେଚି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ଖବର ପାଇ ମଞ୍ଚେଶ୍ୱର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ପୁଅ ଏସ୍.ଦେବରାଜକୁ ଗିରଫ କରିବା ସହ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ସୋମବାର ସ୍ତ୍ରୀର ଚରିତ୍ରକୁ ସନ୍ଦେହ କରି ଅଭିଯୁକ୍ତ ସ୍ୱାମୀ ପ୍ରଦୀପ ଜେନା ସ୍ତ୍ରୀ ମୋନିକାଙ୍କ ବେକକୁ କାଟି ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିବାକୁ ବିଷ ପିଇ ଦେଇଥିଲା । ପୋଲିସ ତାକୁ ଗିରଫ କରିବା ପରେ ଚିକିତ୍ସା ପାଇଁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଛି । ବାପା ହତ୍ୟାକାରୀ ପୁଅ ଏସ୍.ଦେବରାଜକୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ହତ୍ୟାକାରୀ ସ୍ୱାମୀ ପ୍ରଦୀପ ଜେନା ବିଷପିଇ ଗୁରୁତର ଅସୁସ୍ଥ ହୋଇପଡିଥିବାରୁ ପୋଲିସ ହେପାଜତରେ ସେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛି ।

## ପୁସ୍ତକ 'ଆମ ରାଷ୍ଟ୍ରପତି ଆମ ଗୌରବ' ଉନ୍ମୋଚିତ

ଭୁବନେଶ୍ୱର, (ସବ୍ୟୁ): ନୂଆଦିଲ୍ଲୀ ଠାରେ ରାଷ୍ଟ୍ରପତି ଭବନର ଗୋଦାବରୀ କକ୍ଷରେ ବିଶିଷ୍ଟ ଲେଖକ ବିଜୟ ନାୟକଙ୍କ ସମ୍ପାଦନାରେ ପ୍ରସ୍ତୁତ ପୁସ୍ତକ 'ଆମ ରାଷ୍ଟ୍ରପତି ଆମ ଗୌରବ' ଉନ୍ମୋଚିତ ହୋଇଯାଇଛି । ଉପରାଷ୍ଟ୍ରପତି ସି. ପି. ରାଧାକୃଷ୍ଣନ ଏହାକୁ ଉନ୍ମୋଚନ କରି ଏହାର ପ୍ରଥମ ପ୍ରତିଲିପି ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ପ୍ରଦାନ କରିଛନ୍ତି । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କ ସମ୍ବନ୍ଧରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ଦ୍ୱାରା ରଚିତ ଆଲେଖଗୁଡ଼ିକର ଏହା ଏକ ସଚିତ୍ର ସଙ୍କଳନ । ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ତଥା ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଏଲ୍. ମୁରୁଗାନ୍ ମଧ୍ୟ ଏହି ସଭାରେ ଉପସ୍ଥିତ ଥିଲେ । ରାଷ୍ଟ୍ରପତି ଭାବେ ଶ୍ରୀମତୀ ମୁର୍ମୁଙ୍କ କାର୍ଯ୍ୟକାଳର ଚାରି ବର୍ଷ ପୂର୍ତ୍ତି ଅବସରରେ ମଙ୍ଗଳବାର ପୂର୍ବାହ୍ନରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଅପରାହ୍ନରେ ଆୟୋଜିତ ଏହି ଉତ୍ସବରେ ରାଷ୍ଟ୍ରପତିଙ୍କ ସମ୍ପର୍କରେ ରଚିତ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ପ୍ରକାଶନ ବିଭାଗ ଦ୍ୱାରା ପ୍ରକାଶିତ ଚାରିଗୋଟି ହିନ୍ଦୀ ପୁସ୍ତକ, ଯଥା- 'ରାଷ୍ଟ୍ରପତି ଭବନ : ରାଷ୍ଟ୍ର କା ଭବନ', 'ସେବା ଔର ସମ୍ବେଦନା', 'ସମାବେଶୀ ସହଭାଗିତା' ଏବଂ 'ଭାରତୀୟତା କା ଉତ୍ସବ' ମଧ୍ୟ ଉନ୍ମୋଚିତ ହୋଇଥିଲା । ଓଡ଼ିଆ ପୁସ୍ତକ 'ଆମ ରାଷ୍ଟ୍ରପତି ଆମ ଗୌରବ'ରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ, ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ପୂର୍ବତନ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜ୍ଞାନପୀଠ ବିଜୟିନୀ ଡକ୍ଟର ପ୍ରତିଭା ରାୟ, ପ୍ରଫେସର ଦାଶ ବେନହୁର, ବିନୟ ସହସ୍ରବୁଦ୍ଧେ, ଶ୍ରୀମତୀ ଦମୟନ୍ତୀ ବେଶ୍ରାଙ୍କ ସମେତ ଅନେକ ସୁନାମଧନ୍ୟ ଲେଖକଙ୍କ ଆଲେଖ ସ୍ଥାନିତ ହୋଇଛି । ଦୁଇଶହ ପୃଷ୍ଠାର ଏହି ବହିଟିକୁ ଓଡ଼ିଶାର ଅନ୍ୟତମ ଅଗ୍ରଣୀ ପ୍ରକାଶନ ସଂସ୍ଥା ଟାଇମ୍ ପାସ୍ ପ୍ରକାଶ କରିଛନ୍ତି ।



### ସୁଶାନ୍ତ ସିଂହଙ୍କ ଶେଷକୃତ୍ୟ ସମ୍ପନ୍ନ

## ଅନ୍ତିମ ଶୋଭାଯାତ୍ରାରେ ଜନ ସମୁଦ୍ର ପାଲଟିଲା ଜନ୍ମମାଟି

ବରଗଡ,(ସବ୍ୟୁ): ବିଜେଡିର ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହଙ୍କୁ ମଙ୍ଗଳବାର ଅନ୍ତିମ ବିଦାୟ ଦିଆଯାଇଥିଲା । ତାଙ୍କ ପାର୍ଥିବ ଶରୀର ଭୁବନେଶ୍ୱରରୁ ସୋହେଲାକୁ ସୋମବାର ସନ୍ଧ୍ୟାରେ ପହଂଚିବା ପରେ ସୋହେଲା ନିକଟସ୍ଥ ହଳଦୀପାଲି ସ୍ଥିତ ବିଜେଡି ଅଫିସରେ ରଖାଯାଇଥିଲା । ବର୍ଷା ସତ୍ତ୍ୱେ ବହୁ ସଂଖ୍ୟାରେ ଲୋକେ ତାଙ୍କୁ ଅନ୍ତିମ ଦର୍ଶନ କରି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବରଗଡର ପୂର୍ବତନ ବିଧାୟକ ସାଧୁ ନେପାକ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ , ପୂର୍ବତନ ବିଧାୟକ କୁଚିଣ୍ଡା କିଶୋର ନାଏକ,ବିଜେଡି ଜିଲ୍ଲା ସଭାପତି ସୁଶାନ୍ତ ମହାପାତ୍ର, ବରଗଡ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଏସପି ରବିନ୍ଦ୍ର ଶତପଥୀ,ପଦ୍ମପୁର ଉପ ଜିଲ୍ଲାପାଳ ହେମସାଗର ଭୋଇ, ସ୍ଥାନୀୟ ତହସିଲଦାର ଶୁଭରଂଜନ ନାୟକ ପ୍ରମୁଖ ସ୍ୱର୍ଗତ ସିଂହଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ସ୍ୱର୍ଗତ ସିଂଙ୍କ ପାର୍ଥିବ ଶରୀରକୁ ଅଞ୍ଚଳର ଶହ ଶହ ଲୋକ ଅନ୍ତିମ ଦର୍ଶନ କରି ଶ୍ରଦ୍ଧାଜଳୀ ଅର୍ପଣ କରିଥିଲେ । ପରେ ବିରାଟ ଶୋଭାଯାତ୍ରାରେ ସୁଶାନ୍ତ ସିଂହ ଅମର ରହେ ନାରା ଦେଇ ହଳଦିପାଲିଠାରୁ ତାଙ୍କ ପୈତୃକ ଗ୍ରାମ ବାଉଁସେନମୁରାକୁ ନିଆଯାଇଥିଲା । ବ୍ୟାଣ୍ଡ ବାଜା ସହିତ ଏକ ସୁସଜ୍ଜିତ ଗାଡିରେ ତାଙ୍କ ପାର୍ଥିବ ଶରୀରକୁ ରଖାଯାଇ ନେତା, କର୍ମୀ, ସାଧାରଣ ଜନତା ହଳଦିପାଲିରୁ ଚାଲି ଚାଲି ସୋହେଲା ପର୍ଯ୍ୟନ୍ତ ଆସିଥିଲେ । ସୁଶାନ୍ତ ସିଂହଙ୍କ ଦେହାବସାନରେ ଶୋକ ପ୍ରକାଶ କରାଯାଇ ସୋହେଲାର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା । ଲୋକେ ଜାତିୟ ରାଜପଥ ପାଶ୍ୱର୍ରେ ରହି ପ୍ରିୟ ନେତା ସୁଶାନ୍ତ ସିଂହଙ୍କ ଅନ୍ତିମ ବିଦାୟ ଦେଇଥିଲେ । ତାଙ୍କ ପୁରୁଣା ବାସଭବନରେ ପାର୍ଥିବ ଶରୀରକୁ କିଛି ସମୟ ରଖାଯିବା ପରେ କୋକେଇରେ ଗ୍ରାମରୁ ଏକ କିଲୋମିଟର ଦୂର ଏକ ଖେତକୁ ଅଣାଯାଇ ସେଠାରେ ପୂର୍ବରୁ ପ୍ରସ୍ତୁତ ମତେ ଅନ୍ତିମ ସଂସ୍କାର କରାଯାଇଥିଲା । ତାଙ୍କ ମଝିଆ ଭାଇ ସୁଦୀପ୍ତ ସିଂହ ମୁଖାଗ୍ନି ଦେଇଥିଲେ । ଅନ୍ତିମ ଯାତ୍ରାରେ ବରଗଡ ଜିଲ୍ଲା ସମେତ ବଲାଙ୍ଗିର,ଦେବଗଡ,ସମ୍ବଲପୁର, ଝାରସୁଗୁଡା,ଛତିଶଗଡ ରାଜ୍ୟର ସାରଂଗଗଡର ଆଦି ଅଂଚଳର ନେତା କର୍ମୀ, ସୁଶାନ୍ତ ପ୍ରେମୀ ସାମିଲ ହୋଇଥିଲେ । ଏସପି ରବିନ୍ଦ୍ର ନାଥ ଶତପଥୀଙ୍କ ଉପସ୍ଥିତିରେ ଏଏସଆଇ(ଆରମଡ) ସୁଶାନ୍ତ ପଧାନଙ୍କ ନେତୃତ୍ୱରେ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା । ଏହି ଅନ୍ତିମ ଶୋଭାଯାତ୍ରାରେ ବିଜେଡିର ବରିଷ୍ଠ ନେତା ବବି ଦାସଙ୍କ ସମେତ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ବିଧାୟକ ରୋମାଂଚ ରଂଜନ ବିଶ୍ୱାଳ, ବିଧାୟକ ନିହାର ରଂଜନ ମହାନନ୍ଦ, ଛତିଶଗଡ ରାଜ୍ୟ ସାରଙ୍ଗଗଡର ବିଧାୟିକା ଉତରି ଜାଙ୍ଗଡି, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ରୀତା ସାହୁ, ପୂର୍ବତନ ବିଧାୟିକା ଅଲକା ମହାନ୍ତି, ପୂର୍ବତନ ବିଧାୟିକା ଦୀପାଲୀ ଦାଶ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ସରୋଜ ମେହେର,ପୂର୍ବତନ ସାଂସଦ ନିରଂଜନ ବିଶି,ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା ,ପୂର୍ବତନ ବିଧାୟକ ରୋହିତ ପୂଝାରୀ, ଦେବଗଡର ରାଣୀ ଅରୁନ୍ଧତୀ କୁମାରୀ ଦେବୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ,ବରଗଡ ମ୍ୟୁନିସିପାଲିଟି ଚେୟାରପର୍ସନ କଳ୍ପନା ମାଝି, ସୋହେଲା ବ୍ଲକ ଅଧ୍ୟକ୍ଷା ବବି ପଧାନ,ଭଟଲି ବ୍ଲକ ଅଧ୍ୟକ୍ଷ ନିତ୍ୟାନନ୍ଦ ପଧାନ, ଅମ୍ବାଭୋନା ବ୍ଲକ ଚେୟାରମ୍ୟାନ କୀର୍ତ୍ତିଚନ୍ଦ୍ର ଦୁଆନ,ବିଜେପୁର ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ଡନସେନା, ଆଗଲପୁର ବ୍ଲକ ଅଧ୍ୟକ୍ଷା ଗୀତାଂଜଳୀ ଦାଶ ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।



## କଂଗ୍ରେସର ବିଶାଳ ଯୁବ ଛାତ୍ରଙ୍କ ମିଶ୍ରଣ ପର୍ବ

# ଗଣ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ପଦଯାତ୍ରା

ଭୁବନେଶ୍ୱର, (ସବ୍ୟୁ): କଂଗ୍ରେସ ଭବନଠାରେ ଯୁବନେତା ହରିଶଙ୍କର ରାଉତଙ୍କ ନେତୃତ୍ୱରେ କଟକରୁ ଆସିଥିବା ପ୍ରାୟ ୮୦୦ ଶହରୁ ଉର୍ଦ୍ଧ୍ୱ ଯୁବ ଛାତ୍ର କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି । ମିଶ୍ରଣ ପର୍ବରେ ଉଦବୋଧନ ଦେଇ ଏଆଇସିସି ଓଡିଶା ପ୍ରଭାରୀ ଲାଲଜୀ ଦେଶାଇ କହିଛନ୍ତି ଯେ, ଆପଣ ଜେନ ଜୀଙ୍କୁ କଂଗ୍ରେସ ଦଳରେ ସ୍ୱାଗତ କରୁଛୁ । ରାଜ୍ୟରେ ସରକାର ପିଲାଙ୍କ ବହି ତ୍ରୁଟିଯୁକ୍ତ ମୁଦ୍ରଣ କରି ଇତିହାସ ସୃଷ୍ଟି କରିଛି , ଏହା ଅକ୍ଷମଣୀୟ । ତେଣୁ ରାଜ୍ୟର ଗଣଶିକ୍ଷାମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ନଚେତ ଆନ୍ଦୋଳନକୁ ସାମ୍ନାକରନ୍ତୁ ବୋଲି ଶ୍ରୀ ଦେଶାଇ କହିଛନ୍ତି । ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ଆଜି କଂଗ୍ରେସ ଭବନରେ ଏକ ବିପ୍ଳବର ଦିନ । ଆମ ନେତା ରାହୁଲ ଗାନ୍ଧୀଙ୍କ ଜେନ ଜୀ ଆନ୍ଦୋଳନ ମାଧ୍ୟମରେ ସାରା ଦେଶରେ କମ୍ପନ ସୃଷ୍ଟି କରିଛନ୍ତି । ଜେନ ଜୀଙ୍କ ମହା ଆନ୍ଦୋଳନ ଫଳରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଇସ୍ତଫା ଦେବାକୁ ବାଧ ହୋଇଛନ୍ତି ଏବଂ ଏଭଳି ଏକ ବିପ୍ଳବ ସମୟରେ କଂଗ୍ରେସ ଭବନଠାରେ ହଜାର ସଂଖ୍ୟାରେ ଜେନ ଜୀ କଂଗ୍ରେସ ଦଳରେ ମିଶିବା ଦଳକୁ ଶକ୍ତିଶାଳୀ କରିବା ସହ ଲଢେଇ ପାଇଁ ସାହସ ଯୋଗେଇଛି । ଗଣ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ନିଶ୍ଚିତ । ଇସ୍ତଫା ନଦେଲେ ତାଙ୍କ ବାସଭବନ ଘେରାଓ କରାଯିବା ସହ ଆବଶ୍ୟକ ହେଲେ ଓଡିଶା ବନ୍ଦ ଡାକରା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି । ଜେନ ଜୀ ଚାହିଁଲେ କଣ କରିପାରନ୍ତି ଜନ୍ତର ମନ୍ତର ଆନ୍ଦୋଳନ ପ୍ରମାଣିତ କଲା । ତେଣୁ ଏଠାରେ ଉପସ୍ଥିତ ସମସ୍ତ ଜେନ ଜୀ ନିଜ ଅଧିକାର ପାଇଁ ଆଗାମୀ ଦିନରେ ସଂଗ୍ରାମ ପାଇଁ ପ୍ରସ୍ତୁତ ରହିବାକୁ ଆହ୍ୱାନ ଦେଇଥଲେ । ଆମେ ଆମ ପିଲାଙ୍କ ଭବିଷ୍ୟତ ଅନ୍ଧକାର କରିପାରିବୁ ନାହିଁ କିମ୍ବା ଗୋଲାମ କରି ପାରିବୁ ନାହିଁ । ତେଣୁ ଏଭଳି ଗଣଶିକ୍ଷାମନ୍ତ୍ରୀ ରାଜ୍ୟର ଆବଶ୍ୟକତା ନାହିଁ ବୋଲି ସଭାପତି ଶ୍ରୀ ଦାସ କହିଛନ୍ତି ।



କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଛାତ୍ରବର୍ଗଙ୍କୁ ନିଜ ଅଧିକାର ପାଇଁ ଲଢେଇ କରିବାର ସମୟ ଆସିଛି ବୋଲି ପରାମର୍ଶ ଦେଇଛନ୍ତି । ମିଶ୍ରଣ ପର୍ବ ଶେଷହେଲା ପରେ କଂଗ୍ରେସ ଭବନଠାରୁ ଗଣ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରି ଏକ ପ୍ରତିବାଦ ପଦଯାତ୍ରା ଲୋକସେବା ଭବନକୁ ଆରମ୍ଭ ହୋଇଥିଲା । ପିଏମଜି ଛକ ଆଗରୁ ପୋଲିସ ବ୍ୟାରିକେଡ଼ ଦେଇ ପଦଯାତ୍ରାକୁ ରୋକିଥିଲା । ଫଳରେ କଂଗ୍ରେସ ନେତୃବୃନ୍ଦ ଓ କର୍ମକର୍ତ୍ତା ସେଠାରେ ସରକାରଙ୍କ ଛାତ୍ର ବିରୋଧୀ ନୀତି ଓ ଗଣଶିକ୍ଷାମନ୍ତ୍ରୀଙ୍କ ବିରୋଧରେ ସ୍ଲୋଗାନ ଦେଇ ଇସ୍ତଫା ଦାବି କରିଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ, ଜଗନ୍ନାଥ ପଟ୍ଟନାୟକ, ଶରତ ରାଉତ, ଓପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା, ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଜେନା, ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ, କୋଷାଧ୍ୟକ୍ଷ ସିଦ୍ଧାର୍ଥ ଦାଶ, ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ଯୁବନେତାଯାଶୀର ନାଓ୍ୱାଜ, ଅମିତା ବିଶ୍ୱାଳ, ଅନିମା ମିଞ୍ଜ, ମୁଖପାତ୍ର ରଜନୀ ମହାନ୍ତି, ଜୟଶ୍ରୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।



ଭୁବନେଶ୍ୱର ବିମାନବନ୍ଦରରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଉତ୍ସସିତ ସମ୍ବର୍ଦ୍ଧନା

## ତିନି ଆନ୍ତଃରାଜ୍ୟ ନିଶା ମାଫିଆ ଗିରଫ, ୩.୮୬ଲକ୍ଷ ଟଙ୍କା ଜବତ

ଭୁବନେଶ୍ୱର, (ସବ୍ୟୁ) : କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ୩ଜଣ ଆନ୍ତଃରାଜ୍ୟ ନିଶା ମାଫିଆଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୩,୮୬ଲକ୍ଷ ଟଙ୍କା ଜବତ କରିଛି । ଗିରଫ ୩ଜଣ ଗଞ୍ଜାମ ଅଡବାରୁ ନିଶା ରାଜସ୍ଥାନ, ଗୁଜରାଟ ପ୍ରଭୃତି ରାଜ୍ୟକୁ ଚାଲାର କରନ୍ତି ବୋଲି ଏସ୍‌ଟିଏଫ୍ କହିଛି । ଗିରଫ ୩ ମାଫିଆ ହେଲେ ଗଞ୍ଜାମ ଜିଲ୍ଲାର ଶିମରାମ ବିଶ୍ୱାଳ (୩୮), ଶିବରାମ ପାତ୍ର (୩୩) ଓ ମନୋରଞ୍ଜନ ସାବତ (୪୯) । ଏହି ତିନିଜଣ ଦୀର୍ଘଦିନ ହେବ ଗଞ୍ଜେଇ, ବ୍ରାଉନସୁଗର ପ୍ରଭୃତି ଚାଲାଣ କରିବା ମାମଲା ବିଭିନ୍ନ ଥାନାରେ ଥିବା ଜଣାପଡିଛି ।

## ଆପୋଲୋ ହସ୍ପିଟାଲସ ପକ୍ଷରୁ ବିଶ୍ୱ ହେପାଟାଇଟସ୍ ଦିବସ

ଭୁବନେଶ୍ୱର, (ସବ୍ୟୁ) : ସ୍ଥାନୀୟ ଆପୋଲୋ ହସପିଟାଲ ଭୁବନେଶ୍ୱର ପକ୍ଷରୁ ମଙ୍ଗଳବାର ବିଶ୍ୱ ହେପାଟାଇଟ୍ସ ଦିବସ ପାଳିତ ହୋଇଯାଇଛି । ଏନେଇ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଯକୃତର ଯତ୍ନ ଓ ସନ୍ତୁଳିତ ଆହାର ସହିତ ଏକ ଉତ୍ତମ ଜୀବନଶୈଳୀ ଉପରେ ଗୁରୁତ୍ୱ ଦିଆଯାଇଛି । ଏହି ଅଭିଯାନର ମୁଖ୍ୟ ସ୍ଲୋଗାନ ଥିଲା ହେପାଟାଇଟ୍ସକୁ ରୋକିବା ଏବଂ ପ୍ରଭାବଶାଳୀ ଚିକିତ୍ସାରେ ପ୍ରାରମ୍ଭିକ ଯାଞ୍ଚ ଲିଭର କ୍ୟାନସରକୁ ରୋକିପାରିବ । ଶୀଘ୍ର ସ୍କ୍ରିନିଂ, ଉପଯୁକ୍ତ ରୋଗ ନିରୂପଣ ଏବଂ ଚିକିତ୍ସା ସହିତ ଆପୋଲୋ ହସପିଟାଲସ ଭୁବନେଶ୍ୱର ଗୋଟିଏ ଛାତ ତଳେ ବ୍ୟାପକ ଯକୃତ ଚିକିତ୍ସା ପ୍ରଦାନ କରିବା ସହିତ ଜନସଚେତନତା ପଦକ୍ଷେପକୁ ମଜବୁତ କରିଚାଲିଛି । ଏଥିରେ ଆପୋଲୋ ହସପିଟାଲସ ମୁଖ୍ୟ ପରିଚାଳନା ଅଧିକାରୀ ଡ. ଆଲୋକ ଶ୍ରୀବାସ୍ତବକହିଛନ୍ତି ବିଶ୍ୱ ହେପାଟାଇଟିସ ଦିବସ ଆମକୁ ମନେ ପକାଇ ଦିଏଯେ, ହେପାଟାଇଟିସକୁ ରୋକା ଯାଇପାରିବ । ସଚେତନତା, ଟୀକାକରଣ, ନିୟମିତ ସ୍କ୍ରିନିଂ ଓ ଉପଯୁକ୍ତ ଚିକିତ୍ସା ହସ୍ତକ୍ଷେପ ମାଧ୍ୟମରେ ଆମେ ଯକୃତରୋଗର ଗୁରୁତ୍ୱକୁ ଯଥେଷ୍ଟ ପରିମାଣରେ ହ୍ରାସ କରିପାରିବା । ଏହି କାର୍ଯ୍ୟକ୍ରମରେ ଡ. ସୁଶାନ୍ତ କୁମାର ସେଠୀ, ଡ. ମନୋଜ କୁମାର ସାହୁ, ଡ. କେ.ସି ଦାସ, ପ୍ରଫେସର ଡ. ମହମଦ ଇବ୍ରାରୁଲା, ଡ. ସୌମେନ ରାୟ ପ୍ରମୁଖ ଯୋଗଦେଇ ଏହି ଅଭିଯାନରେ ସଚେତନତା ଉପରେ ଗୁରୁତ୍ୱାରୋପ କରି ଯକୃତସ୍ୱାସ୍ଥ୍ୟ ରକ୍ଷା ଲାଗି ଟୀକାକରଣ, ନିରାପଦ ପରିଚ୍ଛନ୍ନତା ଅଭ୍ୟାସ, ସୁସ୍ଥ ଜୀବନଶୈଳୀ ପସନ୍ଦ କରିବାକୁ ପରାମର୍ଶ ଦେଇଥିଲେ ।




## ୟାଟ୍ସର ୨୦ତମ ସଂସ୍କରଣ ଶୁଭାରମ୍ଭ

# ଏବର୍ଷର ଥିମ୍ 'ଇଣ୍ଡିଆଜ୍ ନେକ୍ସଟ୍ ଗଗନଟ୍'

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଅଧୀନସ୍ଥ ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ଏବଂ ଟାଟା ଷ୍ଟିଲର ମିଳିତ ସହଯୋଗରେ ଆୟୋଜିତ "ୟଙ୍ଗ୍ ଆଷ୍ଟ୍ରୋନୋମର୍ ଟାଲେଣ୍ଟ ସର୍ଚ୍ଚ' (ୟାଟ୍ସ)ର ୨୦ତମ ସଂସ୍କରଣ ଲୋକସେବା ଭବନଠାରେ ଶୁଭାରମ୍ଭ ହୋଇଯାଇଛି । ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହାର ଉଦଘାଟନ କରିଛନ୍ତି । ମହାନ ଓଡ଼ିଆ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତଙ୍କ ସ୍ମୃତିରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଷଷ୍ଠରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଜ୍ୟୋତିର୍ବିଜ୍ଞାନ, ମହାକାଶ ବିଜ୍ଞାନ ଏବଂ ଆଷ୍ଟ୍ରୋଫିଜିକ୍ସ ପ୍ରତି ଆଗ୍ରହ ସୃଷ୍ଟି କରିବା ଦିଗରେ ଏକ ପ୍ରମୁଖ ମଞ୍ଚ ସାଜିଛି ।ଏହି ଅବସରରେ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଯେ, ଚଳିତ ବର୍ଷୟାଟ୍ସର ବିଷୟବସ୍ତୁ ରହିଛି "ଇଣ୍ଡିଆଜ୍ ନେକ୍ସଟ୍ ଗଗନଟ୍', ଯାହା, ଭବିଷ୍ୟତର ମହାକାଶଚାରୀମାନଙ୍କୁ ପ୍ରେରଣା ଦେବା ପାଇଁ ଆମର ଦୂରଦୃଷ୍ଟିକୁ ଦର୍ଶାଉଛି । ଏ କ୍ଷେତ୍ରରେ ସ୍କୁଲସ୍ତରରୁ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଟାଟା ଷ୍ଟିଲର ନିରନ୍ତର ସହଯୋଗ ନିଶ୍ଚିତ ଭାବେ ପ୍ରଶଂସନୀୟ । ଏହି ଉଦ୍‌ଘାଟନୀ ସମାରୋହରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ପଠାଣି ସାମନ୍ତ ପ୍ଲାନେଟାରିୟମର ଅଧ୍ୟକ୍ଷା ଚିତ୍ରା ଅରୁମୁଗମ୍ , ଅତିରିକ୍ତ ସଚିବ ଶିବାନୀ ମହାନ୍ତି ଓ ପୂଜା ମିଶ୍ର, ଅର୍ଥନୈତିକ ପରାମର୍ଶଦାତା-ତଥା ଅତିରିକ୍ତ ସଚିବ ବିଦ୍ୟୁତ ପ୍ରଭା ରାଉତ, ଉପ ସଚିବ ତଥା ପଠାଣି ସାମନ୍ତ ପ୍ଲାନେଟାରିୟମର ନିର୍ଦ୍ଦେଶିକା ଉର୍ମିପ୍ରଭା ମହାରଣା ଏବଂ ଟାଟା ଷ୍ଟିଲର ଚିଫ୍ ରେସିଡେଣ୍ଟ ଏକଜିକ୍ୟୁଟିଭ୍ ମୋହିତ ଦାସ, ଟାଟା ଷ୍ଟିଲ ମେରାମଣ୍ଡଳୀ କର୍ପୋରେଟ ସର୍ଭିସେସ୍ ଚିଫ୍ ଶୁଭ୍ରାଂଶୁ ଶେଖର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଚଳିତ ବର୍ଷ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଓପନ୍ କୁଇଜ୍ ପ୍ରତିଯୋଗିତା ଏବଂ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଏକ ବହୁ ବିକଳ୍ପ (ଏମ୍ସିକ୍ୟୁ) ପରୀକ୍ଷା ଆୟୋଜିତ ହେବ ।ଜିଲ୍ଲାସ୍ତରୀୟ ବିଜେତାମାନେ ୧୩ଡିସେମ୍ବର ୨୦୨୬ରେ ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟାରିୟମରେ ଗ୍ରାଣ୍ଡ ଫିନାଲେରେ ସାମିଲ ହୋଇ ପ୍ରତିଯୋଗିତାରେ ଭାଗ ନେବେ ।



## ସ୍ୱଭାବକବି ଗଙ୍ଗାଧରଙ୍କ ପୌତ୍ରବଧୂ ପ୍ରେମଶୀଳା ମେହେରଙ୍କ ବିୟୋଗ

ଭୁବନେଶ୍ୱର: (ସବ୍ୟୁ): ଗତ ୨୫ ତାରିଖ ରାତି ପ୍ରାୟ ୮ଟା ସମୟରେ ସ୍ୱଭାବ କବି ଗଙ୍ଗାଧର ମେହେଲଙ୍କ ପୌତ୍ରବଧୂ ତଥା ସ୍ୱର୍ଗତ କିଶୋର ଚନ୍ଦ୍ର ମେହେରଙ୍କ ଧର୍ମପତ୍ନୀ ପ୍ରେମଶୀଳା ମେହେର ଭୁବନେଶ୍ୱର କଳିଙ୍ଗବିହାର ସ୍ଥିତ ବାସଭବନ ଗଙ୍ଗାଧର-ଶାନ୍ତା-ସଦନରେ ଇହଲୀଳା ସମ୍ବରଣ କରିଛନ୍ତି। ତାଙ୍କର ଏକମାତ୍ର ସନ୍ତାନ ସୁପୁତ୍ର ଉତ୍କଳ ବିଶ୍ୱବିଦ୍ୟାଳୟର ପରିଦର୍ଶକ ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ପାଖରେ ସେ ରହୁଥିଲେ । ଦୀର୍ଘଦିନ ହେଲା ତାଙ୍କ ଦେହ ଅସୁସ୍ଥ ଥିଲା ଓ ମୃତ୍ୟୁ ବେଳକୁ ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା । ତାଙ୍କ ପଛରେ ସେ ତାଙ୍କର ଏକମାତ୍ର ପୁତ୍ର ମଣୀନ୍ଦ୍ର, ପୁତ୍ରବଧୂ ଦୀପ୍ତିମୟୀ ଓ ନାତି ଶୈଳିକ ସୁମନ ତଥା ତିନି ପୁତୁରା ଝିଆରୀ ଓ ନାତି ନାତୁଣୀ ପରିପୂର୍ଣ୍ଣ କବି ପରିବାରକୁ ଛାଡ଼ି ଯାଇଛନ୍ତି । ସେ ଅତ୍ୟନ୍ତ ଭଦ୍ର, ଅମାୟିକ, ସାହିତ୍ୟନୁରାଗୀ ଓ ଭଗବତ୍ ବିଶ୍ୱାସୀ ଥିଲେ । ସ୍ୱଭାବ କବି ଗଙ୍ଗାଧରଙ୍କ ସ୍ମୃତି ରକ୍ଷା ଓ ସ୍ମୃତି-ପୂଜା ନିମିତ୍ତ ସେ ସାରା ଜୀବନ ନିଜକୁ ଉତ୍ସର୍ଗ କରି ରଖିଥିଲେ । ବରପାଲିସ୍ଥିତ କଳିଙ୍କ ଜନ୍ମପୀଠ 'କବିଭବନ'ଓ କବି ପରିବାରଙ୍କ ନୂତନ ବାସଭବନ 'ଗଙ୍ଗାଧର ସ୍ମୃତି ସଦନ'ରେ ସଂରକ୍ଷିତ ହୋଇ ରହିଥିବା କବିଙ୍କ କଲମ, ଦୁଆତ, ପାଣ୍ଡୁଲିପି, କୋର୍ଟ, କଠଉ, ଥାଳି, ପିଢ଼ା, ତତ୍କାଳୀନ କବି ଲେଖକଙ୍କ ଚିଠି ପତ୍ର ଆଦିକୁ ସଯତ୍ନରେ ସାଇତି ଉଞ୍ଚା ସହିତ ବାହାରୁ ଆସୁଥିବା ଗଙ୍ଗାଧର ପ୍ରେମୀଙ୍କୁ ଆଗ୍ରହ ସହକାରେ ଦେଖାଇଥିଲେ । ଭୁବନେଶ୍ୱର ସତ୍ୟନଗରସ୍ଥିତ ମୁକ୍ତିଧାମରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସଂପନ୍ନ ହୋଇଯାଇଛି । ତାଙ୍କର ଏକମାତ୍ର ପୁତ୍ର ପ୍ରଫେସର ମଣୀନ୍ଦ୍ର କୁମାର ମେହେର ମୁଖାଗ୍ନି ଦେଇଥିଲେ। ତାଙ୍କ ଶେଷ ଦର୍ଶନ ଓ ଅନ୍ତେଷ୍ଟି କ୍ରିୟା ସମୟରେ ତାଙ୍କ ପୁତୁରା ତଥା ବୃନ୍ଦାଦ କଢିଙ୍କ ପ୍ରପୌତ୍ର ବିଶିଷ୍ଟ ନାଟ୍ୟକାର ମିଳିର କୁମାର ମେହେର, ବିଶିଷ୍ଟ ଯୁବ ଲେଖକ ଡକ୍ଟର ସୁଶୀଳ କୁମାର ବାର, ବିପଦର ବନ୍ଧୁ ନିରାକାର ସାହୁ, ବିଶିଷ୍ଟ ଯୁବ ସମାଜସେବୀ ସୁଧାଂଶୁ ସାହୁ, ଯୁବ ଲେଖକ ଅରୁଣ ଜାକୁଆ, ଚନ୍ଦନ ସିଂହ, ବାପି ନାୟକ, ସୁଶାନ୍ତ କୁମାର ବେହେରା ପ୍ରମୁଖ ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ର ଓ ଗବେଷକମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ତାଙ୍କ ବିୟୋଗରେ କବିଙ୍କ ଜନ୍ମସ୍ଥାନ ବଜ୍ରପାଲି ଓ ଭୁବନେଶ୍ୱରର ସାହିତ୍ୟିକ ମହଲରେ ଶୋକର ଛାୟା ଖେଳି ଯାଇଛି ।



## ୪୬ ଲକ୍ଷ ଟଙ୍କା ମୂଲ୍ୟ ର ବ୍ରାଉନ୍‌ସୁଗର ଜବତ; ମା'-ପୁଅ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲାରେ ନିଶା କାରବାର ବିରୋଧରେ ଚାଲିଥିବା ସ୍ୱତନ୍ତ୍ର ଅଭିଯାନ ମଧ୍ୟରେ ଖୋର୍ଦ୍ଧା ଅବକାରୀ ବିଭାଗ ମଙ୍ଗଳବାର ଚଳିତ ବର୍ଷର ଅନ୍ୟତମ ବଡ଼ ସଫଳତା ହାସଲ କରିଛି। ଏକ ସୁଚିନ୍ତିତ ଚଢ଼ାଉ ସମୟରେ ପ୍ରାୟ ୪୬୦ ଗ୍ରାମ ବ୍ରାଉନ୍ ସୁଗାର ଜବତ କରାଯାଇଥିବା ବେଳେ ଏହାର ଆନୁମାନିକ ବଜାର ମୂଲ୍ୟ ୪୬ ଲକ୍ଷ ବୋଲି ଆକଳନ କରାଯାଇଛି। ଘଟଣାରେ ମା' ଓ ପୁଅ କୁ ଗିରଫ କରାଯାଇଛି। ଏହି ଜବତ ପରେ ଖୋର୍ଦ୍ଧା ଓ ଆଖପାଖ ଅଂଚଳରେ ସକ୍ରିୟ ଥିବା ଏକ ବୃହତ ନିଶା କାରବାର ସନ୍ଧାନ ପାଇଁ ଅବକାରୀ ବିଭାଗ ତଦନ୍ତକୁ ଅଧିକ ଜୋରଦାର କରିଛି। ଏହି ଘଟଣାରେ ଖୋର୍ଦ୍ଧା ଅବକାରୀ ଥାନାରେ ପି.ଆର. କେସ୍ ନଂ-୯୨/୨୦୨୬-୨୭ ରୁଜୁ କରାଯାଇ ଏନ.ଡି.ପି.ଏସ୍ ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ କରଯାଇଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ନବୀନବାଗ ଅଂଚଳର ଲୋକନାଥ ପାଇକରାୟ (୨୩) ଓ ତାଙ୍କ ମା' ମାମି ପାଇକରାୟ (୪୫) । ଉଭୟେ ଖୋର୍ଦ୍ଧା ଆଦର୍ଶ ଥାନା ଅଧୀନ ନବୀନବାଗ ଗ୍ରାମର ବାସିନ୍ଦା। ଜିଲ୍ଲା ଅବକାରୀ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀ କହିଛନ୍ତି ଯେ, ନିର୍ଦ୍ଦିଷ୍ଟ ଗୁଇନ୍ଦା ସୂଚନା ଆଧାରରେ ଖୋର୍ଦ୍ଧା ସହରର ଶକ୍ତିନଗର ଲେନ୍-୨ରେ ଚଢ଼ାଉ କରାଯାଇଥିଲା। ସେଠାରୁ ୪୬୦ ଗ୍ରାମ ବ୍ରାଉନ୍ ସୁଗାର ଜବତ କରାଯିବା ସହ ଏହା ପରିବହନରେ ବ୍ୟବହୃତ ହେଉଥିବା ଟିଭିଏସ୍ ଜୁପିଟର ସ୍କୁଟର , ଦୁଇଟି ମୋବାଇଲ୍ ଫୋନ୍ ଏବଂ ୭ହଜାର ନଗଦ ଟଙ୍କା ମଧ୍ୟ ଜବତ କରାଯାଇଛି। ଏହି ଚଢ଼ାଉର ନେତୃତ୍ୱ ନେଇଥିଲେ ଖୋର୍ଦ୍ଧା ଅବକାରୀ ଥାନାର ଭାରପ୍ରାପ୍ତ ଅଧିକାରୀ ତଥା ମାମଲାର ତଦନ୍ତକାରୀ ଅଧିକାରୀ ସୁଜିତ କୁମାର ନାଗ। ତାଙ୍କ ସହ ଏସ୍.ଆଇ ସୁଜିତ କୁମାର ମୁଦୁଲି, ଏ.ଏସ୍.ଆଇ ସଞ୍ଜୟ ରାଉତ, ଜିତେନ୍ଦ୍ର ବେହେରା, ଶ୍ରୀଧର ପଲେଇ ଓ ଅନ୍ୟାନ୍ୟ ଅବକାରୀ କର୍ମଚାରୀ ଅଭିଯାନରେ ସାମିଲ ଥିଲେ।

## ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ : ବାଘ ରହିଲେ ଜଙ୍ଗଲ ରହିବ

ଭୁବନେଶ୍ୱର, (ସବ୍ୟୁ): ପ୍ରତିବର୍ଷ ଅଗଷ୍ଟ ମାସ ୨୯ ତାରିଖକୁ ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ରୂପେ ପାଳନ କରାଯାଇଥାଏ । ଏହି ଦିବସ ଅବସରରେ ଭୁବନେଶ୍ୱର, ଭୀମଟାଙ୍ଗି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସପ୍ତମ ଶ୍ରେଣୀର ଛାତ୍ର ଶାନ୍ତନୁ ଶାନ୍ତିସ୍ୱରୂପ ଏକ ସଚେତନତାମୂଳକ ଚିତ୍ର ଆଙ୍କି ସାରା ବିଶ୍ୱକୁ ପ୍ରକୃତି ସୁରକ୍ଷାର ଏବ ବଳିଷ୍ଠ ବାର୍ତ୍ତା ଦେଇଛନ୍ତି । ଏହି ସୁନ୍ଦର ଚିତ୍ରକଳା ମାଧ୍ୟମରେ ବ୍ୟାଘ୍ର ସଂରକ୍ଷଣ ସହିତ ସମଗ୍ର ପରିବେଶ ଓ ଜୀବଜଗତର ଗଭୀର ସମ୍ପର୍କକୁ ଅତ୍ୟନ୍ତ ସ୍ପଷ୍ଟ ଓ ନିଖୁଣ ଭାବେ ଉପସ୍ଥାପନ କରାଯାଇଛି । ଚିତ୍ରଟିରେ ଶାନ୍ତନୁ ଏକ ସୁନ୍ଦର ଶୃଙ୍ଖଳା ଦର୍ଶାଇଛନ୍ତି - ବ୍ୟାଘ୍ର ରହିଲେ ଜଙ୍ଗଲ ରହିବ, ଜଙ୍ଗଲ ରହିଲେ ବର୍ଷା ହେବ, ବର୍ଷା ହେଲେ ଶସ୍ୟ ଉତ୍ପାଦନ ହେବ ଏବଂ ଶେଷରେ ଶସ୍ୟ ହେଲେ ସମଗ୍ର ଜୀବଜଗତକୁ ଖାଦ୍ୟ ମିଳିବ । ଏହି ସରଳ କିନ୍ତୁ ଗ୍ରହଣୀୟ ବାର୍ତ୍ତା ଜରିଆରେ ସେ ପ୍ରକୃତି ଓ ମାନବ ସମାଜ ମଧ୍ୟରେ ଥିବା ଆତ୍ମନିର୍ଭରଶୀଳତାକୁ ସୁନ୍ଦର ଭାବେ ବୁଝାଇଛନ୍ତି । ଚିତ୍ରଟିରେ ଜଙ୍ଗଲର ଜୀବନ୍ତ ପଶୁପକ୍ଷୀ, ମନୋରମ ବର୍ଷାର ଦୃଶ୍ୟ, ଚାଷ କାର୍ଯ୍ୟର ଚିତ୍ର ଏବଂ ଏକ ଆନନ୍ଦମୟ ପରିବାରର ମୁହୂର୍ତ୍ତକୁ ଅତ୍ୟନ୍ତ କଳାତ୍ମକ ଶୈଳୀରେ ସ୍ଥାନ ଦିଆଯାଇଛି । କୋମଳମତି ଛାତ୍ର ଶାନ୍ତନୁଙ୍କର ଏହି ଭାବପୂର୍ଣ୍ଣ ଚିତ୍ରକଳା ପରିବେଶ ସୁରକ୍ଷାକୁ ନେଇ ସମାଜରେ ଏକ ଶାଣିତ ସଚେତନତା ସୃଷ୍ଟି କରିପାରିଛି ।



## ମହିମାନଗରରେ ୪୭ତମ ନୀଳାଦ୍ରି ମହୋତ୍ସବ

କଟକ,(ସବ୍ୟୁ): କଟକ ପୋତାପୋଖରୀସ୍ଥିତ ମହିମାନଗର ଶ୍ରୀ ଶାରଳା ପରିସରରେ ୪୭ତମ ନୀଳାଦ୍ରି ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ସଂଯୋଜକ ଡ. ପ୍ରଭୁ ଚାରଣ ମହାନ୍ତି ଉପସ୍ଥିତ ଭକ୍ତମାନଙ୍କୁ ରସଗୋଲା ଭୋଗ ଖୁଆଇ ଶୁଭେଚ୍ଛା ଜଣାଇଥିଲେ। ପୁରୀର 'ଶ୍ରୀଜଗନ୍ନାଥ ଚେତନା ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀ'ର ସମ୍ପାଦକ ଚାରଣ ଡ. ଶୁଭେନ୍ଦୁ ସ୍ୱାଇଁ ନୀଳାଦ୍ରି ବିଜେର ଆଧ୍ୟାତ୍ମିକ ମହିମା ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ 'ସମାଜ'ର ପ୍ରକାଶକ ଓ ମୁଦ୍ରାକର ରାଜେନ୍ଦ୍ର ଜେନା, ବିଶିଷ୍ଟ ଅତିଥି ଭାବେ ବରିଷ୍ଠ ନେତା ନୟନ ମହାନ୍ତି ଏବଂ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ଯୋଗଦାନ କରିଥିଲେ।

## ଯୋବ୍ରା ବ୍ୟାରେଜରୁ ମହିଳାଙ୍କ ମୃତଦେହ ଉଦ୍ଧାର

କଟକ,(ସବ୍ୟୁ): ଜଗତପୁର ଥାନା ଅନ୍ତର୍ଗତ ମହାନଦୀର ଯୋବ୍ରା ବ୍ୟାରେଜରୁ ଜଣେ ମହିଳାଙ୍କ ମୃତଦେହ ଭାସମାନ ଅବସ୍ଥାରେ ଉଦ୍ଧାର କରାଯାଇଛି । ମୃତକଙ୍କ ପରିଚୟ ଜଣାପଡିନାହିଁ । ପରିଚୟ ଜାଣିବା ପାଇଁ ପୁଲିସ ପକ୍ଷରୁ ରାଜ୍ୟତମାମ ଥାନାକୁ ମୃତ ମହିଳାଙ୍କ ଫଟୋ ପଠାଇଛି । ବ୍ୟବଚ୍ଛେଦ ପରେ ମୃତଦେହକୁ ଏସ୍‌ସିବି ମେଡିକାଲର ଶବ ସଂରକ୍ଷଣ ଗୃହରେ ରଖାଯାଇଛି । ମଙ୍ଗଳବାର ଦିନ ପ୍ରାୟ ୧୧ଟା ବେଳେ ଯୋବ୍ରା ବ୍ୟାରେଜରେ ଏକ ମୃତଦେହ ଭାସୁଥିବା ନେଇ ଅଗ୍ନିଶମକୁ ସୂଚନା ମିଳିଥିଲା । ବକ୍ସି ବଜାର ଅଗ୍ନିଶମ କେନ୍ଦ୍ରର ଏକ ଟିମ ପହଞ୍ଚି ପାୱାର ବୋଟ ସାହାଯ୍ୟରେ ମୃତଦେହକୁ ପାଣିରୁ ଉଦ୍ଧାର କରି ଆଣିଥିଲା । ମହିଳାଙ୍କ ଶରିରୀରେ ଅଳ୍ପ କିଛି କପଡା ରହିଥିଲା । କିନ୍ତୁ ଦେହରେ କୌଣସି କ୍ଷତଚିହ୍ନ ନଥିଲା । ତାଙ୍କ ବୟସ ପ୍ରାୟ ୩୦ରୁ ୪୦ ବର୍ଷ ହେବ । ମୃତଦେହଟି ପଚିଯାଇଥିବାରୁ ପ୍ରାୟ ୬ରୁ ୭ ଦିନ ପୂର୍ବରୁ ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି । ଉଦ୍ଧାର ମୃତଦେହକୁ ଜଗତପୁର ଥାନାକୁ ହସ୍ତାନ୍ତର କରାଯାଇଥିଲା । ପୁଲିସ ପକ୍ଷରୁ ଏସସିବିରେ ଶବ ବ୍ୟବଚ୍ଛେଦ କରାଯାଇଛି । ତେବେ ପ୍ରାଥମିକ ବ୍ୟବଚ୍ଛେଦ ରିପୋର୍ଟରୁ ମହିଳାଙ୍କ ମୃତ୍ୟୁ ପାଣିରେ ବୁଡିବାରୁ ଘଟିଥିବା ଜଣାପଡିଛି । ଶରୀରରେ ଅନ୍ୟ କୌଣସି ସ୍ଥାନରେ ମଧ୍ୟ କ୍ଷତଚିହ୍ନ ନାହିଁ । ପ୍ରାୟ ସପ୍ତାହେ ପର୍ଯ୍ୟନ୍ତ ପାଣିରେ ରହିବାରୁ ମୁଣ୍ଡରୁ ଚୁଟି ମଧ୍ୟ ଉପୁଡିଯାଇଛି । ମହିଳା ଜଣକ ଗାଧୋଇଲା ବେଳେ ବୁଡିଯାଇଥିବେ କିମ୍ବା ଆତ୍ମହତ୍ୟା ପାଇଁ ପାଣିକୁ ଡେଇଁବାରୁ ମୃତ୍ୟୁ ଘଟିଥିବା ପୁଲିସ ଆଶଙ୍କା କରୁଛି । ଜଗତପୁର ଥାନା ପୁଲିସ କେସ ନଂ ୭୦/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ମୃତଦେହକୁ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଏସ୍‌ସିବି ଶବଗୃହରେ ସଂରକ୍ଷଣ କରି ରଖାଯିବ । ପରିଚୟ ଖୋଜିବା ପାଇଁ ପୁଲିସ ବିଭିନ୍ନ ଥାନାକୁ ଫଟୋ ସହିତ ମହିଳାଙ୍କ ଅନ୍ୟାନ୍ୟ ତଥ୍ୟ ପଠାଇଛି । ମହିଳାଙ୍କ ଡିଏନଏ ନମୂନା ସଂଗ୍ରହ କରି ରଖାଯାଇଛି । ଯାହା ପରବର୍ତ୍ତି ସମୟରେ ପରିଚୟ ଖୋଜିବାରେ ସହାୟକ ହେବ ବୋଲି ପୁଲିସ ସୂଚନା ଦେଇଛି ।

## ରଥ ଯାତ୍ରାରେ 'କ୍ରମ୍ପଟନ ପମ୍ପସ୍ ବିଶ୍ୱସନୀୟ ପ୍ରଦର୍ଶନ' ବାର୍ତ୍ତାକୁ ଉପସ୍ଥାପନ କଲା

ଭୁବନେଶ୍ୱର, (ସବ୍ୟୁ): ଅଧିକାଂଶ ଲୋକଙ୍କର ବିଶ୍ୱାସ ଯେ ସେମାନେ ପ୍ରତ୍ୟେକ ଦିନ କେବଳ କିଛି ପରିମାଣର ଜଳ ବ୍ୟବହାର କରନ୍ତି। କିନ୍ତୁ ବାସ୍ତବତା ହେଉଛି ଯେ ସକାଳେ ପ୍ରଥମ ଗ୍ଲାସ ପିଇବା ଏବଂ ଖାଦ୍ୟ ପ୍ରସ୍ତୁତି ଠାରୁ ଆରମ୍ଭ କରି ଘର ସଫା କରିବା ଓ ରାତିରେ ଶୋଇବା ପର୍ଯ୍ୟନ୍ତ ଜଳ ଆମ ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ସହିତ ଓତଃପ୍ରୋତ ଭାବରେ ଜଡିତ। ଆମେ ଯେତେବେଳେ ଜଳ ଦେଖୁ, ସେତେବେଳେ ଆମେ ଆମକୁ ନିରବଚ୍ଛିନ୍ନ ଭାବରେ ପ୍ରଦାନ କରିଚାଲିଥିବା ସେହି ନିରୀବ ସୁଗମକାରୀକୁ କ୍ୱଚିତ ଚିହ୍ନିପାରୁ। ଚଳିତ ରଥ ଯାତ୍ରାରେ କ୍ରମ୍ପଟନ ଗ୍ରୀଭସ୍ କଞ୍ଜୁମର ଇଲେକ୍ଟ୍ରିକାଲ୍ସ ଲିମିଟେଡ ସେହି ଅନ୍ତର୍ଦୃଷ୍ଟିକୁ ସମଗ୍ର ପୁରୀ ଓ ଭୁବନେଶ୍ୱର-ପୁରୀ କରିଡରରେ ଏକ ସାଂସ୍କୃତିକ ଦୃଷ୍ଟିରୁ ପ୍ରତିନିଧିତ୍ୱ କରୁଥିବା ସକ୍ରିୟକରଣରେ ପରିବର୍ତ୍ତିତ କରିଛି। ପିଢି ପରେ ପିଢି ରଥ ଯାତ୍ରା ବିଶ୍ୱାସ ଓ ଆସ୍ଥାର ଏକ ଦୀର୍ଘସ୍ଥାୟୀ ଯାତ୍ରାର ପ୍ରତୀକ ହୋଇ ରହିଆସିଛି। କ୍ରମ୍ପଟନ ପମ୍ପସ୍ ଏହି ପରମ୍ପରାରେ ଭକ୍ତଗଣ ରଖୁଥିବା ଆସ୍ଥା ଏବଂ ଦୈନନ୍ଦିନ ଗ୍ରାହକମାନେ ଜଳ-ଯୋଗାଣ ପ୍ରଯୁକ୍ତି ଉପରେ ରଖୁଥିବା ଆସ୍ଥା ମଧ୍ୟରେ ଏକ ଉଦ୍ଦେଶ୍ୟମୂଳକ ସମାନ୍ତରାଳ ଉପସ୍ଥାପନା କରୁଛି। ଏହି ପ୍ରଚାର ଅଭିଯାନ କେବଳ ପାର୍ବଣ ସମୟରେ ପରିଦୃଶ୍ୟ ହେବା ନିମନ୍ତେ ନୁହେଁ, ବରଂ ଦିନ ପରେ ଦିନ କ୍ରମ୍ପଟନର ପ୍ରଦର୍ଶନ ଭରସାଯୋଗ୍ୟ ବୋଲି ଏକ ମଜଭୁତ ବ୍ରାଣ୍ଡକୁ ତତ୍‌କ୍ଷଣାତ ଇନ୍ଦ୍ରିୟଗତ ପ୍ରମାଣରେ ପରିବର୍ତ୍ତିତ କରିବା ନିମନ୍ତେ ଡିଜାଇନ କରାଯାଇଛି। ନିରନ୍ତରତା ଉପରେ ଆଧାରିତ ଏକ ପାର୍ବଣ ସମୟରେ ବ୍ରାଣ୍ଡକୁ ଉପସ୍ଥାପିତ କରିବା ଏହି ବାର୍ତ୍ତା ନିମନ୍ତେ ସାଂସ୍କୃତିକ ଦୃଷ୍ଟିରୁ ଏକ ଭରସାଯାଗ୍ୟ ବିଷୟ କରି ଗଢିତୋଲୁଛି ଏବଂ ଏହାର ଭାବଗତ ସାମଞ୍ଜସଞ୍ଜକୁ ଉତ୍‌ଥିତ କରୁଛି।




## ନୂଆପଡ଼ା ଛକରେ ହତ୍ୟା ଉଦ୍ୟମ ଘଟଣା

# ଦୁର୍ଦ୍ଧାନ୍ତ ଅପରାଧୀ ମନୋଜ ଗିରଫ

କଟକ,(ସବ୍ୟୁ): ମଧୁପାଟଣା ଥାନା ଅନ୍ତର୍ଗତ ନୂଆପଡ଼ା ଛକ ନିକଟରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଓ ହତ୍ୟା ଉଦ୍ୟମ ଅଭିଯୋଗରେ ପୁଲିସକୁ ଆଜି ସଫଳତା ମିଳିଛି । ଏହି ଘଟଣାରେ ସମ୍ପୃକ୍ତ ଦୁର୍ଦ୍ଧାନ୍ତ ଅପରାଧୀ ମନୋଜ କୁମାର ସାହୁଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ମନୋଜଙ୍କ ଘର ମଧୁପାଟଣା ଥାନା ଜଗନ୍ନାଥ ରୋଡ୍ ଅଞ୍ଚଳରେ । ଗତ ୨୬ ତାରିଖ ସକାଳ ପ୍ରାୟ ୮ଟା ୪୫ ମିନିଟ୍ ସମୟରେ ନୂଆପଡ଼ା ଛକ ନିକଟରେ ଏକ ଅଭାବନୀୟ ଘଟଣା ଘଟିଥିଲା । ଖପୁରିଆ ଅଞ୍ଚଳର ସ୍ମୃତିରଞ୍ଜନ ନାଥ ସେହି ବାଟ ଦେଇ ଯାଉଥିବା ସମୟରେ ଅଭିଯୁକ୍ତ ମନୋଜ ଏକ ଲୁହା ରଡ୍‌ରେ ତାଙ୍କୁ ସଂଘାତିକ ଭାବେ ଆକ୍ରମଣ କରିଥିଲେ । ମନୋଜଙ୍କ ଆକ୍ରମଣରେ ସ୍ମୃତିରଞ୍ଜନ ଗୁରୁତର ଆହତ ହୋଇଥିଲେ । ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, କିଛି ଦିନ ହେବ ମନୋଜଙ୍କ ପତ୍ନୀ ନିଖୋଜ ଅଛନ୍ତି । ପତ୍ନୀ କେଉଁଆଡ଼େ ଗାଏବ ହୋଇଯିବା ପଛରେ ସ୍ମୃତିରଞ୍ଜନଙ୍କ ସମ୍ପୃକ୍ତି କିମ୍ବା ସମ୍ପର୍କ ରହିଥିବା ନେଇ ମନୋଜ ସନ୍ଦେହ କରୁଥିଲେ । ଏହି ଆକ୍ରୋଶ ଓ ସନ୍ଦେହ ରଖି ମନୋଜ ସ୍ମୃତିରଞ୍ଜନଙ୍କୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଲୁହା ରଡ୍‌ରେ ପ୍ରହାର କରିଥିଲେ । ଏହି ଆକ୍ରମଣ ପରେ ଗୁରୁତର ସ୍ମୃତିରଞ୍ଜନ ନାଥ ମଧୁପାଟଣା ଥାନାରେ ଏକ ଲିଖିତ ଅଭିଯୋଗ ଦାୟର କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଘଟଣାପରଠାରୁ ଫେରାର ଥିବା ଅଭିଯୁକ୍ତ ମନୋଜଙ୍କୁ ପୁଲିସ ଚଢ଼ଉ କରି ଗିରଫ କରିବାରେ ସଫଳ ହୋଇଛି ।

# ଲଗାଣ ବର୍ଷାରେ ତାଳଚେର ବେହାଲ

ତାଳଚେର, (ସବ୍ୟୁ) : ତାଳଚେର ଅଂଚଳରେ ଦୁଇଦିନ ହେବ ଲଘୁଚାପ ଜନିତ ଲଗାଣ ବର୍ଷାରେ ତାଳଚେର ଅଂଚଳରେ ଯେଉଁଆଡ଼େ ଦେଖିବ ସିଆଡ଼େ ଜଳମଗ୍ନ। ପୌରପରିଷଦ ପ୍ରତ୍ୟେକ ୱାର୍ଡ଼ ଗୁଡ଼ିକ ଜଳମଗ୍ନ ହେବା ଯୋଗୁଁ ଲୋକମାନେ ନାହିଁନଥିବା ହଇରାଣ ହରକତ ହେଉଥିବା ଦେଖାଯାଇଛି। ସେହିପରି ପଂଚାୟତରେ ମଧ୍ୟରେ ସମାନ ପରିସ୍ଥିତି ଉପୁଜିଛି। ତାଳଚେର ପୌରପରିଷଦ ରେମୁଆଁ ଜଳମଗ୍ନ ହୋଇଥିବାରୁ ଘରଦ୍ୱାରା ପାଣିପଶି ଓ ଦୋକାନ ଗୁଡ଼ିକରେ ପାଣିପଶି ଜିନିଷପତ୍ର ନଷ୍ଟ ହୋଇଥିବା ବେଳେ ହାଣ୍ଡିଧୂଆଁ ରାସ୍ତା ଜଳମଗ୍ନ ହେବା ଯୋଗୁଁ ଟ୍ରାଫିକ ସମସ୍ୟା ଉତ୍କଟ ହୋଇ ପଡ଼ିଛି। ସେହିଭଳି ତାଳଚେର ରାସ୍ତାଘାଟ ଜଳମଗ୍ନ ହେବା ଯୋଗୁଁ ଘରେ ଘରେ ପାଣିପଶି ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ତାଳଚେର ମୁଖ୍ୟବାଇପାସ୍ ଟ୍ରାଫିକ ଛକ ନିକଟରେ ଏନଏଚଆଇ ବିଭାଗ ପକ୍ଷରୁ ୧୪୯ ନମ୍ବର ଜାତୀୟ ରାଜପଥ ନିର୍ମାଣଧିନ ଯୋଗୁଁ ରାସ୍ତାଟି ବିପର୍ଯ୍ୟସ୍ତ ହେବା ସହ କଡ଼ରେ କରାଯାଇଥିବା ଡ୍ରେନ ଉଚ୍ଚା ହୋଇଯିବା ଫଳରେ ଦୋକାନ ଗୁଡ଼ିକରେ ପାଣି ପଶି ଜଳମଗ୍ନ ହୋଇଥିବା ଦେଖିବାକୁ ମିଳିଥିଲା। ସେହପିପରି ଗ୍ରାମଚଂଳ ଗୁଡ଼ିକ ମଧ ସମାନ ଅବସ୍ଥା ଦେଖାଯାଇଚି। ଲୋକବାକ ଦୁଇଦିନ ହେବ ଘରୁ ପଦାକୁ ବାହାରିବା ସମ୍ଭବପର ହୋଇପାରୁ ନାହିଁ। ଠାଏଠାଏ ଜଳମଗ୍ନ ହୋଇଥିବାରୁ ଘର ଭିତରେ ପାଣି ରହିବା ଯୋଗୁଁ କାନ୍ଥ ଭୁଷୁଡ଼ିବା ଆଶଙ୍କା ସୃଷ୍ଟି କରାଯାଉଛି। କୂଅ, ପୋଖରୀ ଇତଯାଦି ଜଳାର୍ଣ୍ଣବ ହୋଇଥିବା ବେଳେ ତାଳଚେର ଦେଇ ବୋହି ଯାଇଥିବା ବ୍ରାହ୍ମଣୀ ନଦୀ ଦୁଇକୂଳ ଖାଇଛି। ଖଣିଇରେ କୋଇଲା ଖଣିରେ ଉତୋଳନ ଓ ପରିବହନରେ ବାଧା ହୋଇଛି।

## ଭାର୍ଗବୀରେ ବନ୍ୟା ଜଳ

ବଳଙ୍ଗା ,(ସବ୍ୟୁ): ଭାର୍ଗବୀ ନଦୀରେ ମଙ୍ଗଳବାର ଦିନ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ପ୍ରବାହିତ ହୋଇଛି। ବଳଙ୍ଗା ଠାରେ ବିପଦ ସଂକେତ ୧୦.୪୨ ରହିଥିବା ବେଳେ ସନ୍ଧ୍ୟା ସୁଦ୍ଧା ଏଥରେ ୯.୩୬ରେ ବନ୍ୟା ଜଳ ପ୍ରବାହିତ ହେଉଛି। ଜଳ ସ୍ତର ବୃଦ୍ଧି ପାଉଥିବାରୁ ବର୍ତମାନ ସୁଦ୍ଧା ବନ୍ୟା ଜଳ ନଦୀ ପଠାରେ ପ୍ରବାହିତ ହେଉଛି।

## ସାପ କାମୁଡାରେ କଲେଜ ଛାତ୍ରଙ୍କ ମୃତ୍ୟୁ

| ୨୬ | ୬୬/୧୨୬ | ସୁବିଧା ବଗର୍ତ୍ତି, ସ୍ୱା: ଗୋବିନ୍ଦ ବଗର୍ତ୍ତି, ନରସିଂହ ବଗର୍ତ୍ତି, ଧନସିଂ ବଗର୍ତ୍ତି, ବେଣୁଧର ବଗର୍ତ୍ତି, ପି: ଗୋବିନ୍ଦ ବଗର୍ତ୍ତି, ଜା: ଗଉଡ଼, ବା: ନିଜଗାଁ | ୩୦୦ | ଘରବାରି | ୦.୦୨ | ୦୦୨ |
| ୨୭ | ୬୬/୧୩୨ | ଲିଙ୍ଗରାଜ ମେହେର, ପି: ପରମାନନ୍ଦ ମେହେର, ଜା: ଭୁଲିଆ, ବା: ବେଲପଡା | ୧୧୪ | ଆଟ ମାମୁଲି | ୧.୦୩ | ୦.୦୩ |
| ୨୮ | ୬୬/୧୩୩ | ସରୋଜ କୁମାର ବେହେରା, ପି: ପ୍ରେମରାଜ ବେହେରା, ଜା: ଶୁଣ୍ଡି, ବା: ବେଲପଡା | ୬୬ | ଆଟ ମାମୁଲି | ୧.୫୬ | ୧.୦୦ |
| ୨୯ | ୬୬/୧୪୯ | ନଳିନୀ ସାହୁ, ସ୍ୱା: ନିଳାମ୍ବର ସାହୁ, ଜା: ତେଲି, ବା: ଜାମୟୁରି | ୩୮୮/୯୦୬ | ଘରବାରି | ୦.୯୫ | ୦.୯୫ |
| ୩୦ | ୬୬/୧୯୭ | ଶ୍ରୀମତୀ ମାଝୀ, ସ୍ୱା: ନିଳାଧର ମାଝୀ, ଜା: କେଉଟ, ବା: ଘଗରା | ୩୮୮/୯୦୬/୯୭୬ | ଘରବାରି | ୦.୨୦ | ୦.୨୦ |
| ୩୧ | ୬୬/୧୯୮ | ସରିତା ସାହୁ, ସ୍ୱା: ଅକ୍ଷୟ ସାହୁ, ଜା: ତେଲି, ବା: ବନାରସ | ୩୮୮/୯୦୬/୯୭୭ | ଘରବାରି | ୦.୧୦ | ୦.୧୦ |
| ୩୨ | ୬୬/୧୯୯ | ଲଳିତା ସାହୁ, ପି: ଜୀବର୍ଦ୍ଧନ ସାହୁ, ମଦନ ସୁନ୍ଦର ସାହୁ, ପି: ବିଦ୍ୟାଧର ସାହୁ, ବା: ଘାଗୁଲି | ୩୮୮/୯୦୬/୯୨୮ | ଘରବାରି | ୦.୧୦ | ୦.୧୦ |
| ୩୩ | ୬୬/୨୦୩ | ଭୂଜବଳ ଧରୁଆ, ପି: ଭରତ ଧରୁଆ, ଜା: ଗଣ୍ଡ ବା: ମହରାପଦର, ଥାନା ଖପ୍ରାଖୋଲ | ୫୧୧/୬୯୩/୯୮୩ | ଆଟ ମାମୁଲି | ୦.୦୫ | ୦.୦୫ |
| ୩୪ | ୬୬/୨୧୪ | ଅମୂଲ୍ୟା ପାଣିଗ୍ରାହୀ, ସ୍ୱା: ଲୋକନାଥ ପାଣିଗ୍ରାହୀ, ଜା: ବ୍ରାହ୍ମଣ, ବା: ଯାମୟୁରୀ | ୩୮୮/୯୦୬/୯୯୪ | ଘରବାରି | ୦.୧୦ | ୦.୧୦ |
| ୩୫ | ୬୬/୨୫୪ | ନବୀନ ବଗର୍ତ୍ତି, ପି: ହେମାଲ ବଗର୍ତ୍ତି, ଜା: ଗଉଡ, ବା: ପଣ୍ଡକିମାଲ | ୫୨/୧୦୩୩ | ଘରବାରି | ୦.୦୪ | ୦.୦୧ |
| | | | ୫୧/୧୦୩୨ | ଘରବାରି | ୦.୦୧ | ୦.୦୧ |
| ୩୬ | ୬୬/୨୫୫ | ସନ୍ୟାସୀ ପଧାନ, ପି: କୃପାସିନ୍ଧୁ ପଧାନ, ଜା: କୁଲତା ବା: ସୁଲମେଳ, ରଥ ସାହୁ, ଦଶ ସାହୁ, ପି: ମୁରଲୀ ସାହୁ, ଜା: କୁଲତା, ବା: ତବଲବାଞ୍ଜି, ହରିବୋଲ ବିଶ୍ୱାଳ, ପି: ଟିକୁନି ବିଶ୍ୱାଳ, ଜା: କୁଲତା, ବା: ଲଙ୍କାବାହାଲ, ବୈଶାଖୁ ପଧାନ, ପି: ଅକୃର ପ୍ରଧାନ, ଜା: କୁଲତା, ବା: ବଘଲା, ରାଜେନ୍ଦ୍ର ପ୍ରସାଦ ପଟେଲ, ପି: କ୍ଷେତ୍ର ପ୍ରସାଦ ପଟେଲ, ଜା: ଅଘରିଆ, ବା: ଚୁଡାପାଲି, ମହେନ୍ଦ୍ର ବଗର୍ତ୍ତୀ, ପି: ସୁଦାମ ବଗର୍ତ୍ତୀ, ଜା: ଗଉଡ଼, ବା: ତବଲବାଞ୍ଜି | ୩୮୮/୯୦୬/୧୦୩୫ | ଘରବାରି | ୦.୩୫ | ୦.୩୫ |
| ୩୭ | ୬୬/୨୫୭ | ରବିନ୍ଦ୍ର ମେହେର, ପି: ଗୋଲାକ ମେହେର, କମଳ କୁମାର ବେହେର, ପି: କୃପାସିନ୍ଧୁ ମେହେର, ଜା: ଭୁଲିଆ, ବା: ବେଲପଡା | ୫୯/୧୦୩୯ | ଆଟ ମାମୁଲି | ୦.୦୫ | ୦.୦୪ |
| | | | ୫୯/୧୦୪୦ | ଆଟ ମାମୁଲି | ୦.୦୩ | ୦.୦୩ |
| | | | ୫୯/୧୦୩୯/୧୧୦୦ | ଘରବାରି | ୦.୦୬ | ୦.୦୩ |
| ୩୮ | ୬୬/୨୭୮ | ରାଜିନ୍ଦ୍ର ରାଉତ, ନିବାସ ରାଉତ, ପି: ଧନୁର୍ଜୟ ରାଉତ, ଏକଲବ୍ୟ ରାଉତ, ପି: ପୁରାନ ରାଉତ, ଜା: ଦଲ, ବା: ନାନୁଟ, ସରସ୍ୱତୀ ମାଝି, ସ୍ୱା: ହରେକୃଷ୍ଣ ମାଝୀ, ଜା: ଦଲ, ବା: କିନ୍ଦ୍ରିଟାଲ, ଶବ କଅଁର, ପି: ଅଫୁଆ କଅଁର, ଜା: ଦଲ, ବା: ପଣ୍ଡକିମାଲ | ୩୮୫ | ଆଟ ମାମୁଲି | ୧.୧୨ | ୦.୯୨ |
| ୩୯ | ୬୬/୨୮୮ | ପୁଷ୍ପମ ସୁନାନି, ପି: କଲରା ସୁନାନି, ଜା: ଗଉଡ଼, ବା: ଗୋଡଭଙ୍ଗା | ୪୮/୧୦୭୪ | ଆଟ ଉହ୍ଳାରି | ୦.୦୨ | ୦.୦୨ |
| ୪୦ | ୬୬/୨୯୧ | ମୋହିନୀ ଗିରି, ପି: ଜନ୍ମେଜୟ ଗିରି, ଜା: ସନ୍ୟାସୀ, ବା: ଚଣ୍ଡିଆପାଲି | ୫୯/୧୦୭୬ | ଆଟ ମାମୁଲି | ୦.୦୭ | ୦.୦୭ |
| ୪୧ | ୬୬/୨୯୭ | ତିଲେଶ୍ୱର ଧରୁଆ ପି: ଶ୍ରୀଧର ଧରୁଆ, ଜା: ଗଣଡ, ବା: ନୁନହାଡ | ୫୧୧/୬୯୩/୧୦୮୨ | ଆଟ ମାମୁଲି | ୦.୦୪ | ୦.୦୪ |
| ୪୨ | ୬୬/୩୦୧ | ରାଜେଶ କୁମାର ଯୋଷି, ପି: ସୁଦାମ ଚରଣ ଯୋଷି, ଜା: ବ୍ରାହ୍ମଣ, ବା: ଘାଗୁର୍ଲି | ୩୮୮/୯୦୬/୧୦୮୬ | ଘରବାରି | ୦.୨୦ | ୦.୨୦ |
| ୪୩ | ୬୬/୩୩୧ | ପ୍ରତୀକ ଭୋଇ, ପି: ଗୋବିନ୍ଦ ଭୋଇ, ଜା: ସହରା, ବା: କଣ୍ଟାବାଞ୍ଜି | ୫୯୪/୭୯୫/୧୧୧୬ | ଘରବାରି | ୦.୧୦ | ୦.୧୦ |
| ୪୪ | ୬୬/୩୩୯ | ମମତା ଗଡତ୍ୟା, ପି: ପରମାନନ୍ଦ ସାହୁ, ସ୍ୱା: କିଶୋର ଗଡତ୍ୟା, ଜା: କୁଲତା, ବା: ପୋଡ଼ମୁଣ୍ଡ | ୫୯/୧୧୨୫ | ଆଟ ମାମୁଲି | ୦.୮୦ | ୦.୪୦ |
| ୪୫ | ୬୬/୩୪୮ | ମାରନି ଭାରତୀ, ସ୍ୱା: ମାରନି ରାଜେନ୍ଦ୍ର ପ୍ରସାଦ, ଜା: କମ୍ମା, ବା: ନି-ତେଲେନପାଲି, ପୋ-ନୁନୀଆଜାମପାଲି, ଥାନା/ଜିଲ୍ଲା-ବରଗଡ଼ | ୫୯/୧୧୩୫ | ଆଟ ମାମୁଲି | ୦.୧୪ | ୦.୧୪ |
| ୪୬ | ୬୬/୪୨୬ | ଜନନୀ ଭୁଏ, ସ୍ୱା: ହର୍ଷ ଭୁଏ, ଜା: ସହରା ବା: ବନଛୋରପାଲି | ୫୦୨/୬୯୦ | ଆଟ ମାମୁଲି | ୦.୨୦ | ୦.୨୦ |
| ୪୭ | ୬୬/୪୪୩ | ରଜତ କୁମାର ସାହୁ, ପି: ଗୁରୁ ଚରଣ ସାହୁ, ଜା: ଗୁଡ଼ିଆ, ବା: ଧଣ୍ଡାମୁଣ୍ଡା | ୫୯/୧୦୭୬/୧୨୩୦ | ଆଟ ମାମୁଲି | ୦.୦୨ | ୦.୦୨ |
| ୪୮ | ୬୬/୪୪୪ | ଉମେଶ କୁମାର ଗୁପ୍ତା, ପି: ଅର୍ଜ୍ଜୁନ ପ୍ରସାଦ ଗୁପ୍ତା, ଜା: ଶୁଣ୍ଡି, ବା: ମାଳପଡା | ୫୯/୧୦୭୬/୧୨୩୧ | ଆଟ ମାମୁଲି | ୦.୦୫ | ୦.୦୫ |
| ୪୯ | ୬୬/୪୬୧ | କସ୍ତୁରୀ ଛତ୍ରି, ପି: ଓଁକାର ଛତ୍ରିଆ, ଜା: ଗଣ୍ଡ, ବା: ଭରୁଆପାଲି | ୨୧/୧୨୪୭ | ବାହାଲ ମାମୁଲି | ୦.୫୨ | ୦.୫୨ |
| | | | ୨୧/୧୨୪୭/୧୨୯୪ | ଘରବାରି | ୦.୨୪ | ୦.୨୪ |
| | | | ୨୧/୧୨୪୭/୧୨୯୯ | ଘରବାରି | ୦.୨୪ | ୦.୨୪ |
| ୫୦ | ୬୬/୪୬୨ | ତେଜରାଜ ସାହୁ, ପି: ଧନୁର୍ଦ୍ଧର ସାହୁ, ଜା: ତେଲି, ବା: ଜାମକୁରୀ | ୩୬୮ | ଆଟ ମାମୁଲି | ୦.୨୪ | ୦.୨୪ |
| | | | ୩୬୯ | ଆଟ ମାମୁଲି | ୦.୧୭ | ୦.୧୭ |
| ୫୧ | ୬୬/୪୬୪ | ସୁଶିଳା ସହୁ, ସ୍ୱା: ମହେଶ୍ୱର ସାହୁ, ଜା: ତେଲି, ବା: ନୁନହାଡ | ୫୯/୧୧୩୦ | ଆଟ ମାମୁଲି | ୦.୫୫ | ୦.୫୫ |
| ୫୨ | ୬୬/୪୬୫ | ପଙ୍କଜିନୀ ଧରୁଆ, ସ୍ୱା: ବିଭୂତି ଧରୁଆ, ପଲ୍ଲବୀ ଧରୁଆ, ପି: ବିଭୂତି ଧରୁଆ, ଜା: ଗଣ୍ଡ, ବା: ସୁଜିଆ, ଭ୍ରମର ଧରୁଆ, ପି: ଚକ୍ର ଧରୁଆ, ଜା : ଗଣ୍ଡ, ବା: ଝାରମୁଣ୍ଡା | ୨୧/୧୦୬୬/୧୨୪୯ | ବାହାଲ ମାମୁଲି | ୦.୧୦ | ୦.୧୦ |
| ୫୩ | ୬୬/୪୬୬ | ସୀତାରାମ ଭୋଇ, ପି: ରୁଦ୍ରାଧର ଭୋଇ, ହରିହର ଭୋଇ, ମଦନ ମୋହନ ଭୋଇ, ପି: ରୁଦ୍ର ଭୋଇ, ଜା: ଗଣ୍ଡ, ବା: କପିଲବାହାଲ, ହେମବତୀ ଭୁଏ, ପି: ରୁଦ୍ରମଣି ଭୋଇ, ଜା: ଗଣ୍ଡ, ବା: ଖୁଣ୍ଟନାପାଣି | ୨୧/୧୦୬୬/୧୨୫୦ | ବାହାଲ ମାମୁଲି | ୦.୫୦ | ୦.୫୦ |
| ୫୪ | ୬୬/୪୬୭ | ସମ୍ପଦ ବିଶ୍ୱାଲ, ପି: ଦୟାନିଧି ବିଶ୍ୱାଲ, ଜା: ଶବର, ବା: ପଣ୍ଡକିମାଲ | ୩୯୦ | ଆଟ ମାମୁଲି | ୦.୯୪ | ୦.୬୪ |
| ୫୫ | ୬୬/୪୮୩ | ହୃଷୀକେଶ ଭୁଏ, ପି: ପବିତ୍ର ଭୁଏ, ଜା: ଗଣ୍ଡ, ବା: ଜାମୟୁରୀ | ୨୧/୧୨୬୫ | ବାହାଲ ମାମୁଲି | ୧.୩୬ | ୧.୩୬ |
| ୫୬ | ୬୬/୪୮୪ | ସୁଶିଲ କୁମାର ବିଶ୍ୱାଲ, ପି: ଟିକୁନୁ ବିଶ୍ୱାଲ, ଜା: ସହରା, ବା: ମଧ୍ୟପୁର | ୩୯୦/୧୧୮୩/୧୨୬୬ | ଆଟ ମାମୁଲି | ୦.୦୨ | ୦.୦୨ |
| ୫୭ | ୬୬/୪୮୫ | ସରୋଜ କୁମାର ବିଶ୍ୱାଲ, ପି: ଟିକୁନୁ ବିଶ୍ୱାଲ, ଜା: ସହରା, ବା: ମଧ୍ୟପୁର | ୩୯୦/୧୧୮୩ | ଆଟ ମାମୁଲି | ୦.୦୫ | ୦.୦୫ |
| ୫୮ | ୬୬/୪୮୭ | ଗୁରୁବାରୁ ବାରଗଜ୍ଜୁ, ପି: ଉପେନ୍ଦ୍ର ବାରଗୁଜ୍ଜୁ, ଜା: ସହରା, ବା: ପଣ୍ଡିକିମାଲ | ୨୧/୧୦୬୬/୧୨୬୯ | ବାହାଲ ମାମୁଲି | ୨.୪୦ | ୧.୭୦ |
| ୫୯ | ୬୬/୪୮୮ | ସୀତାରାମ ଭୋଇ, ପି:ଷ ରୁଦ୍ରାଧର ଭୋଇ, ଜା: ଗଣ୍ଡ, ବା: କପିଲବାହାଲ | ୨୧/୧୦୬୬/୧୨୭୦ | ବାହାଲ ମାମୁଲି | ୦.୧୫ | ୦.୧୫ |
| ୬୦ | ୬୬/୪୮୯ | ଶଙ୍କର୍ଷଣ ମେହେର, ପି: ଡିଙ୍ଗର ମେହେର, ଜା: କୁଲିସ୍, ବା: ତୋଲକୁରୀ | ୨୧/୧୦୬୬ | ବାହାଲ ମାମୁଲି | ୦.୧୦ | ୦.୧୦ |
| ୬୧ | ୬୬/୪୯୯ | ନରୋତ୍ତମ ଧରୁଆ, ପି: ରାଜୀବ ଧରୁଆ, ଜା: ଗଣ୍ଡ, ବା ଲଙ୍କାବାହାଲ | ୨୧/୧୦୬୬/୧୨୭୦/ ୧୨୭୮ | ବାହାଲ ମାମୁଲି | ୦.୧୦ | ୦.୧୦ |
| ୬୨ | ୬୬/୫୦୦ | ବିନୋଦିନୀ ମେହେର, ସ୍ୱା: ଉମେଶ ଚନ୍ଦ୍ର ମେହେର, ଜା: କୁଲିସ୍, ବା: ପୁଲାପାଲି | ୨୧/୧୦୬୬/୧୨୭୦/ ୧୨୭୯ | ବାହାଲ ମାମୁଲି | ୦.୦୫ | ୦.୦୫ |
| ୬୩ | ୬୬/୫୧୭ | ହରିଶ ଚନ୍ଦ୍ର ମୁଣ୍ଡା, ପି: ବଳରାମ ମୁଣ୍ଡା, ଜା: ମୁଣ୍ଡା, ବା: ଦାନୀପାଲି, ସମ୍ବଲପୁର | ୩୯୦/୧୨୯୫ | ଆଟ ମାମୁଲି | ୦.୧୦ | ୦.୧୦ |
| ୬୪ | ୬୬/୫୨୮ | ପଦ୍ମିନୀ ମେହେର, ସ୍ୱା: ଚିନ୍ତାମଣି ମେହେର, ଜା: ଭୁଲିଆ, ବା: ଲାଠୋର | ୨୧/୧୦୬୬/୧୨୭୦/ ୧୩୦୯ | ବାହାଲ ମାମୁଲି | ୦.୧୦ | ୦.୧୦ |
| ୬୫ | ୬୬/୫୨୯ | ବିରୋଜିନୀ ଭୋଇ, ପି: ଚତୁର୍ଭୁଜ ଭୋଇ, ଜା: ଗଣ୍ଡ, ବା: ଲଙ୍କାବାହାଲ | ୨୧/୧୦୬୬/୧୨୭୦/ ୧୩୧୦ | ବାହାଲ ମାମୁଲି | ୦.୧୦ | ୦.୧୦ |
| ୬୬ | ୬୬/୫୩୦ | ଭକ୍ତ ବରିହା, ପି: ମଗଶିର ବରିହା, ଜା: ବିଂଝାଲ, ବା: ରେଙ୍ଗାଲି, ନିଳାମ୍ବର ବରିହା, ପି: ଉଦ୍ଧବ ବରିହା, ଜା: ବିଂଝାଲ, ବା: ଚୁଲାଦର୍ହ | ୨୧/୧୦୬୬/୧୨୭୦/ ୧୩୧୧ | ବାହାଲ ମାମୁଲି | ୦.୧୦ | ୦.୧୦ |
| ୬୭ | ୬୬/୫୩୩ | ପିତାମ୍ବର ଛତ୍ରିଆ, ପି: ଚତୁର୍ଭୁଜ ଛତ୍ରିଆ, ଜା: ସହରା, ବା: କୁଶଙ୍ଗ | ୨୧/୧୦୬୬/୧୨୭୦/ ୧୩୧୪ | ବାହାଲ ମାମୁଲି | ୦.୧୦ | ୦.୧୦ |
| ୬୮ | ୬୬/୫୪୯ | ଭକ୍ତ ବରିହା, ପି: ମଗଶିର ବାରିହା, ବା: ବିଂଝାଲ, ବା: ରେଙ୍ଗାଲି | ୨୧/୧୦୬୬/୧୨୭୦/ ୧୩୨୯ | ବାହାଲ ମାମୁଲି | ୦.୧୦ | ୦.୧୦ |
| ୬୯ | ୬୬/୫୫୦ | ଡିଙ୍ଗର ବରିହା, ପ୍ରକାଶ ବରିହା, ମୋହନ ବରିହା, ପରମେଶ୍ୱର ବରିହା, ପି: ମଗଶିର ବରିହା, ଜା: ବିଂଝାଲ, ବା: ରେଙ୍ଗାଲି, ଗୌର ବରିହା, ପି: ରଘୁ ବରିହା, ଜା: ବିଂଝାଲ, ବା: କପିଲବାହାଲ | ୨୧/୧୦୬୬/୧୨୭୦/ ୧୩୩୦ | ବାହାଲ ମାମୁଲି | ୦.୧୦ | ୦.୧୦ |
| ୭୦ | ୬୬/୫୭୫ | ଆନନ୍ଦ ସାହୁ, ପି: ଗୋବର୍ଦ୍ଧନ ସାହୁ, ଜା: କୁଲତା, ବା: ଗଡଶଙ୍କର, ଡୁଙ୍ଗୁରୀପାଲି | ୪୪୧/୧୩୫୪ | ଆଟ ମାମୁଲି | ୦.୧୦ | ୦.୧୦ |
| ୭୧ | ୬୬/୫୮୧ | ଜନକ ନାଏକ, ସ୍ୱା: ଗୋବର୍ଦ୍ଧନ ନାଏକ, ବ୍ରଜ ନାଏକ, ପି: ଗୋବର୍ଦ୍ଧନ ନାଏକ, ଜା: କଲଙ୍ଗା, ବା: ନିଜଗାଁ | ୫୧/୧୩୬୨ | ଆଟ ମାମୁଲି | ୦.୧୮ | ୦.୧୮ |
| ୭୨ | ୬୬/୫୮୨ | ଗଜାନନ ନାଏକ, ପି: ସାଧୁ ନାଏକ, ଜା: କଲାଙ୍ଗା, ବା: ନିଜଗାଁ | ୫୧/୧୨୬୯ | ଆଟ ମାମୁଲି | ୦.୩୬ | ୦.୩୬ |
| ୭୩ | ୬୬/୫୮୩ | ସୁବନାଥ ନାଏକ, ପି: ସାଧୁ ନାଏକ, ଜା: କଲଙ୍ଗା, ବା: ନିଜଗାଁ | ୫୧/୧୨୭୫ | ଆଟ ମାମୁଲି | ୦.୨୨ | ୦.୨୨ |
| ୭୪ | ୬୬/୫୮୪ | ବୃନ୍ଦା ନାଏକ, ପି: ସାଧୁ ନାଏକ, ଜା: କଲଙ୍ଗା, ବା: ନିଜଗାଁ | ୫୧/୧୩୮୦ | ଆଟ ମାମୁଲି | ୦.୨୦ | ୦.୨୦ |
| ୭୫ | ୬୬/୫୮୫ | ଗୁପ୍ତ ନାଏକ, ପି: ସାଧୁ ନାଏକ, | ୫୧ | ଆଟ ମାମୁଲି | ୦.୨୧ | ୦.୨୧ |
| ୭୬ | ୬୬/୫୮୭ | ଡିଙ୍ଗର ନାଏକ, ପି: ଯୁଧିଷ୍ଠିର ନାଏକ, | ୫୩/୧୩୯୩ | ବେର୍ଣ୍ଣା ମାମୁଲି | ୧.୪୯ | ୧.୧୧ |
| | | | Total (in Acres) | | | ୪୫.୦୫ |

OIPR : 32001/32557/3/26-27/0003

## ସମ୍ପାଦକୀୟ

# ପରୀକ୍ଷା ସଂସ୍କାର ପାଇଁ ଯଥାର୍ଥ ନିଷ୍ପତ୍ତି

ଭାରତର ପରୀକ୍ଷା ପଦ୍ଧତି ଦୀର୍ଘ ଦିନ ଧରି ତୃଟିପୂର୍ଣ୍ଣ ଥିଲା । ଏହାର ମୌଳିକ ସଂସ୍କାର କରାଯିବାର ଆବଶ୍ୟକତା ଅବଶ୍ୟ ଦେଖା ଯାଇଥିଲା । ଅଥଚ କୌଣସି ସରକାର, ଶିକ୍ଷକ ବା ଅଭିଭାବକ ଏଥିପ୍ରତି ଆଦୌ ସଚେତନ ନଥିଲେ । ଆମର ଶିକ୍ଷା ବ୍ୟବସ୍ଥାରେ ରହିଥିବା ତୃଟିକୁ ସୁଧାରିବା ପାଇଁ ସ୍ୱାଧୀନତା ପରେ ପରେ ଅନେକ କମିଶନ ଗଠିତ ହୋଇଛି । ଶିକ୍ଷା ଓ ଶିକ୍ଷା ପଦ୍ଧତିକୁ ନେଇ ବହୁ ପରୀକ୍ଷା ନୀରିକ୍ଷା କରାଯିବା ପରେ ମଧ୍ୟ ସେ କ୍ଷେତ୍ରରେ ଆଖିଦୃଶିଆ ସଫଳତା ଆସି ପାରି ନଥିଲା ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ଗତ ତା ୨୬/୦୭/୨୦୨୬ରେ ଯେଉଁ ଟାସ୍କ ଫୋର୍ସ ଇନ୍‌ଫୋସିସ୍‌ର ସହ-ପ୍ରତିଷ୍ଠାତା ନନ୍ଦନ ନିଲେକାନି ଅଧ୍ୟକ୍ଷତାରେ ଗଠନ କରିଛନ୍ତି, ତାହାକୁ ଦେଶବାସୀ ସ୍ୱାଗତ କରିଥିବା ପରି ମନେ ହେଉଛି । ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମ ଜରିଆରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଭିଡିଓ ବାର୍ତ୍ତା ଜାରି ପ୍ରକୃତରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା । ସଂସଦରେ ଏ ସଂକ୍ରାନ୍ତରେ ନୂତନ ବିଧେୟକ (ଅସତ୍ ଉପାୟରେ ପ୍ରତିକାର) ସଂଶୋଧନ ବିଧେୟକ ୨୦୨୬ ଆଗତ କରାଯାଇଛି । ଅପରାଧୀମାନଙ୍କୁ ସର୍ବାଧିକ ୧୦ ବର୍ଷ ପାଇଁ ଜେଲ ଦଣ୍ଡ ଓ ଦଶ କୋଟି ଟଙ୍କାର ଜରିମାନା ପାଇଁ ବ୍ୟବସ୍ଥା ମଧ୍ୟ କରାଯାଇଛି ଏହି ବିଧେୟକରେ । ପରୀକ୍ଷା ସଂସ୍କାର ଦିଗରେ ଏ ଟାସ୍କ ଫୋର୍ସ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହେବ ବୋଲି ଆଶା କରାଯାଉଛି ।

ଆମର ସୌଭାଗ୍ୟ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ଯେଉଁ ନୂତନ ଶିକ୍ଷାନୀତି ୨୦୨୦ର ଆରମ୍ଭ କରିବା ଲାଗି ଚାହିଁଥିଲେ, ଓଡ଼ିଶାରୁ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଶିକ୍ଷାମନ୍ତ୍ରୀ ଭାବେ ଦାୟିତ୍ୱ ଦେଇ ସେହି ଶିକ୍ଷା ନୀତିକୁ ସଫଳ ମଧ୍ୟ କରାଇ ପାରିଥିଲେ । ମାତ୍ର ଆମର ଦୁର୍ଭାଗ୍ୟ ଯେ ସର୍ବଭାରତୀୟ ନିଟ୍ ପ୍ରତିଯୋଗିତା ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ହେବା ସହିତ ଅନ୍ୟାନ୍ୟ ଗୁରୁତର ତୃଟି ମଧ୍ୟ ପରିଲକ୍ଷିତ ହେବାରୁ ଭାରତର ବିଭିନ୍ନ ଅଞ୍ଚଳରୁ ଆସିଥିବା ଛାତ୍ରଙ୍କ ଆନ୍ଦୋଳନ ନୂଆଦିଲ୍ଲୀରେ ତେଜି ଉଠିଲା । କେତେକ ଅଣ ରାଜନୀତିକ ସଂଗଠନ ଓ ରାଜନୀତିକ ଦଳ ଆନ୍ଦୋଳନ ପାଇଁ ଜଳୁଥିବା ନିଆଁରେ ଘିଅ ମଧ୍ୟ ଢାଳିଥିଲେ । ତଦ୍ୱାରା ଆନ୍ଦୋଳନ ଫଳପ୍ରଦ ହୋଇଥିଲା । କୌଣସି ରାଜନୀତିକ ଦଳର ନ ହୋଇ ମଧ୍ୟ ସୋନମ ୱାଙ୍ଗଚୁକ୍‌ଙ୍କ ପରି ଜଣେ ସ୍ୱନାମଧନ୍ୟ ସାମାଜିକ କର୍ମୀ ଏହି ଛାତ୍ର ଆନ୍ଦୋଳନକୁ ସମର୍ଥନ କରି ୨୬ ଦିନ ପର୍ଯ୍ୟନ୍ତ ଅନଶନରେ ବସିଥିଲେ । ବିଶିଷ୍ଟ ସଂସ୍କାରକ ଆନ୍ନା ହଜାରେ ମଧ୍ୟ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ । ଏହା ପରେ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଯୋଗୁଁ ସୋନମ ୱାଙ୍ଗଚୁକ୍ ତାଙ୍କର ଅନଶନ ଭଙ୍ଗ କରିଥିଲେ । ଛାତ୍ରମାନେ ଆନ୍ଦୋଳନରୁ ଓହରି ଯାଇଥିଲେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ନିଜ ପଦବୀରୁ ଓହରି ଯିବାକୁ କିନ୍ତୁ ଆନ୍ଦୋଳନକାରୀଙ୍କସମେତ ବିରୋଧୀ କଂଗ୍ରେସ ଦଳ ଦାବି କରିଥିଲେ । ପ୍ରଧାନମନ୍ତ୍ରୀ ଘୋର ଉଦ୍‌ବେଗ ପ୍ରକାଶ କରି ଛାତ୍ରଛାତ୍ରୀମାନେ ଏହି ଆନ୍ଦୋଳନରୁ ଓହରିଯିବାକୁ ନିବେଦନ କରି ରାତି ଅଧରେ ଭିଡିଓ ବାର୍ତ୍ତା ଜାରି କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଦ୍ୱୟ ଜେ.ପି.ନଡ୍ଡା ଓ ଜିତେନ୍ଦ୍ର ସିଂ ମଧ୍ୟ ସେ ଦିଗରେ ଉଦ୍ୟମ ଜାରି ରଖିଥିଲେ ।

ପ୍ରକୃତରେ ପରୀକ୍ଷା ପଦ୍ଧତିର ସଂସ୍କାର ଉପରେ ସମସ୍ତେ ଯଦିଓ କାନ୍ଦୁଥିଲେ, ହେଲେ କାହା ଆଖିରେ ଲୁହ ନଥିଲା । ମେଧାବୀ ଛାତ୍ରଛାତ୍ରୀ ନ ହୋଇ ମଧ୍ୟ ଅନେକ ଛାତ୍ରଛାତ୍ରୀ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇ ଭଲ ଚାକିରି ମଧ୍ୟ ପାଇ ପାରୁଥିଲେ । ଫଳରେ ଅନେକ ଅଭିଭାବକ ମନ ଦୁଃଖରେ ଥିଲେ ।

ସେ ଯାହା ହେଉ, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ଗତ ତା ୨୬/୦୭/୨୦୨୬ରେ ଯେଉଁ ଟାସ୍କ ଫୋର୍ସ ଇନ୍‌ଫୋସିସ୍‌ର ସହ-ପ୍ରତିଷ୍ଠାତା ନନ୍ଦନ ନିଲେକାନି ଅଧ୍ୟକ୍ଷତାରେ ଗଠନ କରିଛନ୍ତି, ତାହାକୁ ଦେଶବାସୀ ସ୍ୱାଗତ କରିଥିବା ପରି ମନେ ହେଉଛି । ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମ ଜରିଆରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଭିଡିଓ ବାର୍ତ୍ତା ଜାରି ପ୍ରକୃତରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା । ସଂସଦରେ ଏ ସଂକ୍ରାନ୍ତରେ ନୂତନ ବିଧେୟକ (ଅସତ୍ ଉପାୟରେ ପ୍ରତିକାର) ସଂଶୋଧନ ବିଧେୟକ ୨୦୨୬ ଆଗତ କରାଯାଇଛି । ଅପରାଧୀମାନଙ୍କୁ ସର୍ବାଧିକ ୧୦ ବର୍ଷ ପାଇଁ ଜେଲ ଦଣ୍ଡ ଓ ଦଶ କୋଟି ଟଙ୍କାର ଜରିମାନା ପାଇଁ ବ୍ୟବସ୍ଥା ମଧ୍ୟ କରାଯାଇଛି ଏହି ବିଧେୟକରେ । ପରୀକ୍ଷା ସଂସ୍କାର ଦିଗରେ ଏ ଟାସ୍କ ଫୋର୍ସ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହେବ ବୋଲି ଆଶା କରାଯାଉଛି ।

# ନିରନ୍ତର ବିକାଶ ଲକ୍ଷ୍ୟରେ ଆମେ



**ତେଜେଶ୍ୱର ପଟ୍ଟନାୟକ**

ଆର୍ଥିକ ଅଭିବୃଦ୍ଧି, ସାମାଜିକ ନ୍ୟାୟ ଓ ପରିବେଶ ସୁରକ୍ଷା ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଉଦ୍ଦେଶ୍ୟରେ ଜାତିସଂଘ ୨୦୧୫ ମସିହାରେ ନିରନ୍ତର ବିକାଶ ଲକ୍ଷ୍ୟ (Sustainable Development Goals-SDGs) ଖସଡ଼ା ଗ୍ରହଣ କରିଥିଲା । ୨୦୩୦ ମସିହାର ସମୟସୀମା ନିକଟବର୍ତ୍ତୀ ହୋଇଥିବାବେଳେ ବିଶ୍ୱର ଅନେକ ଦେଶ କେତେକ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ହାସଲ କରିଥିଲେ ମଧ୍ୟ ସମସ୍ତ ୧୭ଟି ଲକ୍ଷ୍ୟ ହାସଲ କରିବା ଏପର୍ଯ୍ୟନ୍ତ ତାହା ବଡ଼ ଆହ୍ୱାନ ହୋଇ ରହିଛି ।

୨୦୧୫ ମସିହାରେ ଜାତିସଂଘର ୧୯୩ଟି ସଦସ୍ୟ ରାଷ୍ଟ୍ର ଏହାକୁ ଗ୍ରହଣ କରିଥିଲେ । ଏହା ପାଞ୍ଚଟି ମୂଳ ସ୍ତମ୍ଭ–ଜନସାଧାରଣ (People), ପୃଥିବୀ (Planet), ସମୃଦ୍ଧି (Prosperity), ଶାନ୍ତି (Peace) ଏବଂ ସହଭାଗିତା (Partnership)–ଉପରେ ଆଧାରିତ । ଏହାର ଲକ୍ଷ୍ୟ ହେଉଛି ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହ ପରିବେଶର ସୁରକ୍ଷା, ସାମାଜିକ ଅସମାନତା ହ୍ରାସ ଏବଂ ଅନ୍ତର୍ଭୁକ୍ତିମୂଳକ ବିକାଶକୁ ସୁନିଶ୍ଚିତ କରିବା । ଗୁଣାତ୍ମକ ଶିକ୍ଷା, ସ୍ୱାସ୍ଥ୍ୟସେବା, ବିଶୁଦ୍ଧ ପାନୀୟ ଜଳ, ରୋଜଗାର ସୃଷ୍ଟି, ସ୍ଥାୟୀ ଜୀବିକା, ନବୀକରଣୀୟ ଶକ୍ତି, ପରିବେଶ ଅନୁକୂଳ ଶିଳ୍ପ ଏବଂ ଜଳବାୟୁ-ଅନୁକୂଳ କୃଷି ଏହାର ପ୍ରମୁଖ ଅଂଶ । ପ୍ୟାରିସ ଜଳବାୟୁ ଚୁକ୍ତି ମାଧ୍ୟମରେ ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା କମାଇ ସ୍ୱଚ୍ଛ ଶକ୍ତିର ବ୍ୟବହାର ବଢ଼ାଇବା ଉପରେ ମଧ୍ୟ ବିଶ୍ୱ ସହମତି ପ୍ରକାଶ କରିଥିଲା । କିନ୍ତୁ ବର୍ତ୍ତମାନ ବିଶ୍ୱ ପରିସ୍ଥିତି ଏସ୍‌ଡିଜି କାର୍ଯ୍ୟାନ୍ୱୟନକୁ ଜଟିଳ କରିଦେଇଛି । ବର୍ଦ୍ଧିତ ପରିବେଶ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ, ଦୀର୍ଘସ୍ଥାୟୀ ଯୁଦ୍ଧ ଓ ଭୂ-ରାଜନୈତିକ ସଂଘର୍ଷ ଯୋଗାଣ ଶୃଙ୍ଖଳକୁ ବାଧାଗ୍ରସ୍ତ କରିଛି, ଖାଦ୍ୟ ସୁରକ୍ଷାକୁ ଦୁର୍ବଳ କରିଛି ଏବଂ ବିଶ୍ୱ ଅର୍ଥନୀତିର ଗତିକୁ ମନ୍ଥର କରିଛି । ରୁଷ-ୟୁକ୍ରେନ ଯୁଦ୍ଧ ଓ ପଶ୍ଚିମ ଏସିଆର ସଂଘର୍ଷ ଏହି ସମସ୍ୟାକୁ ଆହୁରି ଗମ୍ଭୀର କରିଛି ।

ଅନ୍ୟପକ୍ଷରେ, ବିକଶିତ ଦେଶଗୁଡ଼ିକ ପକ୍ଷରୁ ଜଳବାୟୁ ପାଣ୍ଠି ଓ ପ୍ରଯୁକ୍ତିଗତ ସହାୟତା ପର୍ଯ୍ୟାପ୍ତ ପରିମାଣରେ ମିଳୁନଥିବାରୁ ଗ୍ଲୋବାଲ୍ ସାଉଥର ଦେଶଗୁଡ଼ିକ ଜଳବାୟୁ କାର୍ଯ୍ୟାନ୍ୱୟନରେ ଅନେକ ବାଧାର ସମ୍ମୁଖୀନ ହେଉଛନ୍ତି । ପ୍ୟାରିସ ଜଳବାୟୁ ଚୁକ୍ତି -୨୦୧୫ରୁ ଆମେରିକାର ଓହରିଯିବା ବିଶ୍ୱସ୍ତରୀୟ ଜଳବାୟୁ ପ୍ରୟାସକୁ ମଧ୍ୟ ଦୁର୍ବଳ କରିଛି । ଏହି ପରିପ୍ରେକ୍ଷୀରେ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (IMF)ଓ ବିଶ୍ୱ ବ୍ୟାଙ୍କ ପରି ସଂସ୍ଥାଗୁଡ଼ିକରେ ବିକାଶଶୀଳ ଦେଶମାନଙ୍କୁ ଅଧିକ ପ୍ରତିନିଧିତ୍ୱ ଦେଇ ସଂସ୍କାର ଆଣିବା ପାଇଁ ଦାବି ହେଉଛି ।

ଏସ୍ ଡି ଜି ଗ୍ରହଣ ପରଠାରୁ ଭାରତ ଅନେକ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି କରିଛି ।

> **ବିଶେଷକରି ଏସ ଡି ଜି –୧୬ ଉପରେ ସରକାରଙ୍କୁ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ । ଏହା ସୁଶାସନ, ଆଇନର ଶାସନ, ସଂସ୍ଥାଗତ ଦକ୍ଷତା ଓ ଗଣତାନ୍ତ୍ରିକ ଦାୟିତ୍ୱର ପ୍ରତିଫଳନ ।**

ଜାତିସଂଘର ସ୍ଥାୟୀ ବିକାଶ ସମାଧାନ ନେଟୱାର୍କ (SDSN)ର ୨୦୨୬ ରିପୋର୍ଟ ଅନୁସାରେ, ଭାରତ ୧୦୦ରୁ ୬୮.୩ ଅଙ୍କ ପାଇ ୧୬୭ଟି ଦେଶ ମଧ୍ୟରେ ୯୪ତମ ସ୍ଥାନରେ ରହିଛି । ଯଦିଓ ଏହି ସ୍କୋର ବିଶ୍ୱ ହାରାହାରିଠାରୁ କମ୍, ତଥାପି ଭାରତର ପ୍ରଦର୍ଶନ ଏକ ମିଶ୍ରିତ ଚିତ୍ର ଉପସ୍ଥାପନ କରେ ।

ରିପୋର୍ଟ ଅନୁଯାୟୀ, ଭାରତ ବର୍ତ୍ତମାନ ସୁଦ୍ଧା ଏସ୍‌ଡିଜିର କେବଳ ୩୩.୩ ପ୍ରତିଶତ ଲକ୍ଷ୍ୟ ପୂରଣ କରିପାରିଛି । ବିଶେଷକରି ଶୂନ୍ୟ କ୍ଷୁଧା (ଏସ ଡି ଜି -୨) ଦେଶ ପାଇଁ ଏକ ବଡ଼ ଆହ୍ୱାନ । ଶିଶୁ ମୃତ୍ୟୁହାର, ଅପପୁଷ୍ଟି ଏବଂ ଶିଶୁଙ୍କ ଶାରୀରିକ ବିକାଶ ସମ୍ବନ୍ଧୀୟ ସୂଚକଗୁଡ଼ିକ ଏପର୍ଯ୍ୟନ୍ତ ଚିନ୍ତାଜନକ ସ୍ଥିତିରେ ରହିଛି । ଭାରତର ଶିଶୁଙ୍କ ଶାରୀରିକ ବିକାଶ ଏବଂ ଅପପୁଷ୍ଟି ହାର ଯଥାକ୍ରମେ ୨୯ ପ୍ରତିଶତ ଏବଂ ୧୨ ପ୍ରତିଶତ ଅଛି । ତେଣୁ ପୁଷ୍ଟିସାର, ଖାଦ୍ୟ ସୁରକ୍ଷା ଓ ସାର୍ବଜନୀନ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଧିକ ନିବେଶ ଅପରିହାର୍ଯ୍ୟ । ଏସ୍‌ଡିଏସ୍‌ଏନର ବିଶ୍ଳେଷଣ ଅନୁଯାୟୀ, ୨୦୩୦ ସୁଦ୍ଧା କୌଣସି ଦେଶ ସମସ୍ତ ୧୭ଟି ଲକ୍ଷ୍ୟ ପୂରଣ କରିପାରିବ ନାହିଁ । ବିଶେଷକରି ଶୂନ୍ୟ କ୍ଷୁଧା, ସ୍ଥାୟୀ ସହର ଓ ସମ୍ପ୍ରଦାୟ, ଜଳତଳେ ଜୀବନ, ଭୂମି ଉପରେ ଜୀବନ ଏବଂ ଶାନ୍ତି, ନ୍ୟାୟ ଓ ସୁଦୃଢ଼ ପ୍ରତିଷ୍ଠାନ ସମ୍ବନ୍ଧୀୟ ଲକ୍ଷ୍ୟରେ ବିଶ୍ୱର ଅଧିକାଂଶ ଦେଶ ଧୀର ଗତିରେ ଅଗ୍ରସର ହେଉଛନ୍ତି ।

ଭାରତ ଏସ୍‌ଡିଜି କାର୍ଯ୍ୟାନ୍ୱୟନ ପାଇଁ ଏକ ସୁଦୃଢ଼ ସଂସ୍ଥାଗତ ଢାଞ୍ଚା ଗଢ଼ିଉଠିଛି । ନୀତି ଆୟୋଗ, ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ, ବିଭିନ୍ନ କେନ୍ଦ୍ରୀୟ ମନ୍ତ୍ରଣାଳୟ ଓ ଜାତିସଂଘର ସଂସ୍ଥାଗୁଡ଼ିକର ସହଯୋଗରେ ୨୭୭ଟି ଜାତୀୟ ସୂଚକ ସମ୍ବଳିତ ଜାତୀୟ ସୂଚକ ଢାଞ୍ଚା (NIF) ପ୍ରସ୍ତୁତ କରାଯାଇଛି । ନିକଟରେ ପ୍ରକାଶିତ ବାର୍ଷିକ ଏସ୍‌ଡିଜି ପ୍ରଗତି ରିପୋର୍ଟରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳମାନଙ୍କ କାର୍ଯ୍ୟଦକ୍ଷତାର ବ୍ୟାପକ ମୂଲ୍ୟାଙ୍କନ ମଧ୍ୟ କରାଯାଇଛି । ତଥାପି ଶୂନ୍ୟ କ୍ଷୁଧା, ଉତ୍ତମ ସ୍ୱାସ୍ଥ୍ୟ, ଲିଙ୍ଗଗତ ସମାନତା, ସ୍ଥାୟୀ ସହର, ଜଳତଳେ ଜୀବନ, ଭୂମି ଉପରେ ଜୀବନ ଓ ଶାନ୍ତି, ନ୍ୟାୟ ଏବଂ ସୁଦୃଢ଼ ପ୍ରତିଷ୍ଠାନ (ଏସ ଡି ଜି ୧୬) କ୍ଷେତ୍ରରେ ଭାରତ ଏପର୍ଯ୍ୟନ୍ତ ଗୁରୁତର ଆହ୍ୱାନର ସମ୍ମୁଖୀନ ହେଉଛି । ପ୍ରଶାସନିକ ସ୍ଥାଣୁତା, କାର୍ଯ୍ୟାନ୍ୱୟନର ବ୍ୟବଧାନ ଏବଂ ସମ୍ବଳର ଅଭାବ ପ୍ରଗତିକୁ ମନ୍ଥର କରୁଛି ।

**ବିଶେଷକରି ଏସ ଡି ଜି –୧୬ ଉପରେ ସରକାରଙ୍କୁ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ । ଏହା ସୁଶାସନ, ଆଇନର ଶାସନ, ସଂସ୍ଥାଗତ ଦକ୍ଷତା ଓ ଗଣତାନ୍ତ୍ରିକ ଦାୟିତ୍ୱର ପ୍ରତିଫଳନ । ବିଗତ ଦଶନ୍ଧିରେ ପ୍ରେସ୍ ସ୍ୱାଧୀନତା ସୂଚକାଙ୍କରେ ଭାରତର ଅବନତି ଏହି କ୍ଷେତ୍ରରେ ସୁଧାରର ଆବଶ୍ୟକତାକୁ ସୂଚିତ କରୁଛି ।**

**ଅନ୍ୟପକ୍ଷରେ ବାୟୁ ପ୍ରଦୂଷଣ ଏବଂ ଅଣ-ସଂକ୍ରାମକ ରୋଗ ବୃଦ୍ଧି ଯୋଗୁଁ ଏସ ଡି ଜି–୩ (ଉତ୍ତମ ସ୍ୱାସ୍ଥ୍ୟ) କ୍ଷେତ୍ରରେ ଆଶାନୁରୂପ ସଫଳତା ମିଳୁନାହିଁ ।** ସେହିପରି ଏସଡିଜି-୧୨ (ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଓ ଉତ୍ପାଦନ) ଏବଂ ଏସ ଡି ଜି ୧୩ (ଜଳବାୟୁ କାର୍ଯ୍ୟ) କ୍ଷେତ୍ରରେ ମଧ୍ୟ ଦେଶର ପ୍ରଦର୍ଶନ ସନ୍ତୋଷଜନକ ନୁହେଁ । ଜୀବାଶ୍ମ ଇନ୍ଧନର ବ୍ୟାପକ ବ୍ୟବହାର ଓ ସିମେଣ୍ଟ ଉତ୍ପାଦନରୁ ବୃଦ୍ଧି ପାଉଥିବା କାର୍ବନ ନିର୍ଗମନ ଏହାର ପ୍ରମୁଖ କାରଣ । ତେବେ ବୈଦ୍ୟୁତିକ ଯାନ, ସ୍ୱଚ୍ଛ ପରିବହନ ଓ ନବୀକରଣୀୟ ଶକ୍ତିକୁ ପ୍ରୋତ୍ସାହନ ଦେବା ଦିଗରେ ସରକାରଙ୍କ ପଦକ୍ଷେପ ସକାରାତ୍ମକ । ନୀତି ଆୟୋଗର ରିପୋର୍ଟରେ ସୁଲଭ ଓ ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଭାରତର ସଫଳତା ସହ ଡିଜିଟାଲ୍ ଅନ୍ତର୍ଭୁକ୍ତିରେ ହୋଇଥିବା ପ୍ରଗତିକୁ ମଧ୍ୟ ଉଲ୍ଲେଖ କରାଯାଇଛି ।

ଗତ ଦଶନ୍ଧିରେ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ବୃଦ୍ଧି ପାଇବା ଫଳରେ ଆର୍ଥିକ ଅନ୍ତର୍ଭୁକ୍ତି ଓ ସାର୍ବଜନୀନ ସେବା ପ୍ରଦାନରେ ଉଲ୍ଲେଖନୀୟ ସୁଧାର ଆସିଛି ।

ଅଟଳ ପେନସନ୍ ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଓ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ପରି କାର୍ଯ୍ୟକ୍ରମ ମାଧ୍ୟମରେ ବିହିତ ପଦକ୍ଷେପଗୁଡ଼ିକ ଫଳରେ ଆମ ଦେଶର ପ୍ରାୟ ୬୫ ପ୍ରତିଶତ ଜନସଂଖ୍ୟା ସାମାଜିକ ସୁରକ୍ଷାର ପରିସରଭୁକ୍ତ ହେଉଛନ୍ତି । ଏହା ଏକ ପ୍ରଶଂସନୀୟ ପଦକ୍ଷେପ । କାରଣ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଓ ଦାରିଦ୍ର୍ୟ ନିବାରଣ କାର୍ଯ୍ୟକ୍ରମ ସହ ଏହି ପଦକ୍ଷେପଗୁଡ଼ିକ ଅନ୍ତର୍ଭୁକ୍ତିମୂଳକ ବିକାଶକୁ ଆହୁରି ମଜବୁତ କରିଛି । ତେବେ ଏସ୍ ଡି ଜି ର ସଫଳ କାର୍ଯ୍ୟାନ୍ୱୟନରେ ରାଜ୍ୟ ସରକାରମାନଙ୍କ ଭୂମିକା ବିଶେଷ ଭାବରେ ଗୁରୁତ୍ୱପୂର୍ଣ୍ଣ ।

୨୦୩୦ ସୁଦ୍ଧା ନିରନ୍ତର ବିକାଶ ଲକ୍ଷ୍ୟ ହାସଲ କରିବା ପାଇଁ ଦ୍ରୁତ କାର୍ଯ୍ୟାନ୍ୱୟନ, ସୁଶାସନ, ପର୍ଯ୍ୟାପ୍ତ ଜଳବାୟୁ ପାଣ୍ଠି, କେନ୍ଦ୍ର-ରାଜ୍ୟ ସମନ୍ୱୟ ଏବଂ ଦୃଢ଼ ରାଜନୈତିକ ପ୍ରତିବଦ୍ଧତା ଅପରିହାର୍ଯ୍ୟ । ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ଆର୍ଥିକ ଅଭିବୃଦ୍ଧି, ସାମାଜିକ ନ୍ୟାୟ ଓ ପରିବେଶ ସୁରକ୍ଷା ମଧ୍ୟରେ ସନ୍ତୁଳନ ରକ୍ଷା କରିବା ହିଁ ହେବ ସବୁଠାରୁ ବଡ଼ ଆହ୍ୱାନ ଏବଂ ସଫଳତାର ଚାବିକାଠି ।

**(ଲେଖକ ବ୍ୟାଙ୍କ ଅଫ ଇଣ୍ଡିଆର ପୂର୍ବତନ ଉପ-ମହାପ୍ରବନ୍ଧକ ଓ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାର ସ୍ତମ୍ଭକାର ।)**

**କେ ୫, କଳିଙ୍ଗ ବିହାର, ଭୁବନେଶ୍ୱର**

# ଆମ ପରମ୍ପରାରେ ଗୁରୁପୂର୍ଣ୍ଣିମା



**ଇଂ ବିରଞ୍ଚି ନାରାୟଣ ପ୍ରଧାନ**

**'ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁଃ, ଗୁରୁ ଦେବୋ ମହେଶ୍ୱରଃ । ଗୁରୁଃ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈଶ୍ରୀ ଗୁରବେ ନମଃ ।'**

ଭାରତୀୟ ସଂସ୍କୃତିର ଇତିହାସ କେବଳ ରାଜା, ସାମ୍ରାଜ୍ୟ ଓ ଯୁଦ୍ଧର ଇତିହାସ ନୁହେଁ ଏହା ହେଉଛି ଋଷି, ମୁନି, ସାଧକ ଏବଂ ଗୁରୁମାନଙ୍କ ତପସ୍ୟାରେ ଆଲୋକିତ ଜ୍ଞାନର ଇତିହାସ । ଏହି ଭୂମିର ମହାନତା ତାହାର ଭୌତିକ ଐଶ୍ୱର୍ଯ୍ୟରେ ନୁହେଁ, ବରଂ ତାହାର ଗୁରୁ-ଶିଷ୍ୟ ପରମ୍ପରାରେ ନିହିତ । ଏଠାରେ ଗୁରୁ କେବଳ ଶିକ୍ଷା ପ୍ରଦାନକାରୀ ନୁହନ୍ତି ସେ ଜୀବନର ଦିଗ୍‌ଦର୍ଶକ, ଆତ୍ମାର ଜାଗରଣକାରୀ ଏବଂ ସତ୍ୟର ସନ୍ଧାନୀ ।

ଗୁରୁପୂର୍ଣ୍ଣିମା ସେହି ଅନନ୍ତ ଗୁରୁ ପରମ୍ପରା ପ୍ରତି ଶ୍ରଦ୍ଧା, ଭକ୍ତି ଓ କୃତଜ୍ଞତାର ଏକ ଦିବ୍ୟ ପର୍ବ । ଆଷାଢ଼ ମାସର ପୂର୍ଣ୍ଣିମା ତିଥିକୁ ଗୁରୁପୂର୍ଣ୍ଣିମା ଭାବେ ପାଳନ କରାଯାଏ । ଏହି ପବିତ୍ର ଦିବସ ମହର୍ଷି ବେଦବ୍ୟାସଙ୍କ ଆର୍ବିଭାବ ତିଥି ଭାବେ ମଧ୍ୟ ପ୍ରସିଦ୍ଧ । ବେଦକୁ ଚାରି ଭାଗରେ ବିଭକ୍ତ କରିବା, ମହାଭାରତ ପରି ବିଶ୍ୱବନ୍ଦିତ ମହାକାବ୍ୟ ରଚନା, ଅଷ୍ଟାଦଶ ପୁରାଣର ସଂକଳନ ଏବଂ ବେଦାନ୍ତ ଦର୍ଶନକୁ ସୁବୋଧ କରିବାର ଯେଉଁ ମହାନ ଅବଦାନ ସେ ଦେଇଛନ୍ତି, ସେଥିପାଇଁ ସେ ବ୍ୟାସଦେବ ଓ ଜଗଦ୍‌ଗୁରୁ ଭାବେ ଚିରସ୍ମରଣୀୟ । ତେଣୁ ଗୁରୁପୂର୍ଣ୍ଣିମା କେବଳ ଜଣେ ମହାପୁରୁଷଙ୍କ ସ୍ମୃତିଦିବସ ନୁହେଁ, ବରଂ ସମଗ୍ର ଗୁରୁ ପରମ୍ପରା ପ୍ରତି ସାମୂହିକ ପ୍ରଣାମର ଦିବସ ।

ଭାରତୀୟ ଚିନ୍ତନରେ ଗୁରୁଙ୍କ ସ୍ଥାନ ଈଶ୍ୱରଙ୍କ ପରେ ନୁହେଁ, ବରଂ ଈଶ୍ୱରଙ୍କ ପାଖକୁ ନେଇଯିବାର ସେତୁ ସ୍ୱରୂପ । ଉପନିଷଦର ବାଣୀରେ ଗୁରୁଙ୍କ ନିକଟରେ ଆତ୍ମବିଦ୍ୟାର ସନ୍ଧାନ କରିବାକୁ ନିର୍ଦ୍ଦେଶ ରହିଛି । ଗୁରୁ ଅଜ୍ଞାନରୂପ ଅନ୍ଧକାରକୁ ଦୂର କରି ଜ୍ଞାନର ଆଲୋକ ପ୍ରଜ୍ୱଳିତ କରନ୍ତି । ସେଥିପାଇଁ

> **ଆଜିର ସମାଜରେ ଜ୍ଞାନର ଅଭାବ ଅପେକ୍ଷା ମୂଲ୍ୟବୋଧର ଅଭାବ ଅଧିକ ଅନୁଭୂତ ହେଉଛି । ଏପରି ସମୟରେ ଗୁରୁପୂର୍ଣ୍ଣିମା ଆମକୁ ସ୍ମରଣ କରାଏ ଯେ, ଶିକ୍ଷାର ପ୍ରକୃତ ଉଦ୍ଦେଶ୍ୟ କେବଳ ଜୀବିକା ନୁହେଁ, ବରଂ ଜୀବନର ପରିଶୁଦ୍ଧତା । ଗୁରୁଙ୍କ ପ୍ରତି ସମ୍ମାନ, ତାଙ୍କ ଆଦର୍ଶ ପ୍ରତି ନିଷ୍ଠା ଏବଂ ତାଙ୍କ ଉପଦେଶର ଅନୁଶୀଳନ ହିଁ ଏହି ପର୍ବର ପ୍ରକୃତ ସାଧନା ।**

'ଗୁ' ଅର୍ଥ ଅନ୍ଧକାର ଏବଂ 'ରୁ' ଅର୍ଥ ତାହାର ନିବାରକ ବୋଲି ବ୍ୟାଖ୍ୟା କରାଯାଇଛି । ଯିଏ ଅଜ୍ଞାନର ତିମିର ଦୂର କରି ଆତ୍ମଜ୍ଞାନର ଆଲୋକ ବିତରଣ କରନ୍ତି, ସେହିଁ ପ୍ରକୃତ ଗୁରୁ ।

ପ୍ରାଚୀନ ଭାରତର ଗୁରୁକୁଳ ବ୍ୟବସ୍ଥା ଆଜି ମଧ୍ୟ ବିଶ୍ୱ ପାଇଁ ଏକ ଆଦର୍ଶ । ଶିଷ୍ୟମାନେ ଗୁରୁଙ୍କ ଆଶ୍ରମରେ ବାସ କରି କେବଳ ବେଦ, ଶାସ୍ତ୍ର, ଦର୍ଶନ, ବିଜ୍ଞାନ କିମ୍ବା ଧନୁର୍ବିଦ୍ୟା ଶିଖୁ ନଥିଲେ ସେମାନେ ଶିଖୁଥିଲେ ବିନୟ, ସଂଯମ, ସେବା, କରୁଣା, ଶ୍ରମର ମର୍ଯ୍ୟାଦା ଏବଂ ସତ୍ୟନିଷ୍ଠ ଜୀବନର ଆଦର୍ଶ । ଗୁରୁଙ୍କ ଜୀବନ ହିଁ ଥିଲା ଶ୍ରେଷ୍ଠ ପାଠ୍ୟପୁସ୍ତକ । ଜ୍ଞାନ କେବଳ ମସ୍ତିଷ୍କକୁ ନୁହେଁ, ହୃଦୟକୁ ମଧ୍ୟ ଆଲୋକିତ କରୁଥିଲା ।

ଭାରତୀୟ ପରମ୍ପରାରେ ଶ୍ରୀରାମଙ୍କ ସହ ବଶିଷ୍ଠ, ଶ୍ରୀକୃଷ୍ଣଙ୍କ ସହ ସାନ୍ଦୀପନି, ଆଦି ଶଙ୍କରାଚାର୍ଯ୍ୟଙ୍କ ସହ ଗୋବିନ୍ଦ ପାଦାଚାର୍ଯ୍ୟ, ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଭକ୍ତିଧାରା-ସବୁଠି ଗୁରୁଙ୍କ ମହିମା ଅନନ୍ୟ ।

ଓଡ଼ିଶାର ପଞ୍ଚସଖା-ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଅନନ୍ତ ଦାସ ଓ ଯଶୋବନ୍ତ ଦାସ-ଗୁରୁତତ୍ତ୍ୱକୁ ଲୋକଭାଷାରେ ପ୍ରତିଷ୍ଠିତ କରିଥିଲେ । ସେମାନଙ୍କ ରଚନା ଓ ସାଧନା ଆଜି ମଧ୍ୟ ଓଡ଼ିଆ ଜାତିର ଆଧ୍ୟାତ୍ମିକ ଚେତନାକୁ ଆଲୋକିତ କରୁଛି । ସେହିପରି ଆଧ୍ୟାତ୍ମିକ ଆଲୋକରେ ଚର୍ତୁଦ୍ଦିଗ ଆଲୋକିତ କରି ସହସ୍ର ସହସ୍ର ଭକ୍ତିରସ ପିପାସୁ ଜନଗଣଙ୍କୁ କଳିକାଳରେ କେବଳ ମାତ୍ର ହରିନାମ ଶ୍ରବଣ, କୀର୍ତ୍ତନ ଓ ଜପ ଦ୍ୱାରା ମୁକ୍ତିଦାତା ଗୁରୁ ରୂପେ ଏକଦା ପରିଚିତ ଶ୍ରୀମଦ୍ ନାମାଚାର୍ଯ୍ୟ ବାୟାବାବା ଓ ଅନ୍ୟମାନେ ଚିରସ୍ମରଣୀୟ ।

ବର୍ତ୍ତମାନ ସମୟରେ ଶିକ୍ଷାର ମାଧ୍ୟମ ବଦଳିଛି, ପ୍ରଯୁକ୍ତିର ବିକାଶ ହୋଇଛି, କିନ୍ତୁ ଗୁରୁଙ୍କ ଅପରିହାର୍ଯ୍ୟତା କେବେ ହ୍ରାସ ପାଇନାହିଁ । ଆଧୁନିକ ଶିକ୍ଷକ, ଆଚାର୍ଯ୍ୟ, ଗବେଷକ, ପିତାମାତା କିମ୍ବା ଯେକୌଣସି ମହାନ ବ୍ୟକ୍ତି, ଯିଏ ଆମ ଜୀବନକୁ ସତ୍‌ପଥରେ ପରିଚାଳିତ କରନ୍ତି, ସେ ଗୁରୁର ମର୍ଯ୍ୟାଦାର ଅଧିକାରୀ । ପ୍ରକୃତ ଗୁରୁ ଶିଷ୍ୟକୁ କେବଳ ସଫଳ ନୁହେଁ, ସାର୍ଥକ ମଣିଷରେ ପରିଣତ କରନ୍ତି ।

ଆଜିର ସମାଜରେ ଜ୍ଞାନର ଅଭାବ ଅପେକ୍ଷା ମୂଲ୍ୟବୋଧର ଅଭାବ ଅଧିକ ଅନୁଭୂତ ହେଉଛି । ଏପରି ସମୟରେ ଗୁରୁପୂର୍ଣ୍ଣିମା ଆମକୁ ସ୍ମରଣ କରାଏ ଯେ, ଶିକ୍ଷାର ପ୍ରକୃତ ଉଦ୍ଦେଶ୍ୟ କେବଳ ଜୀବିକା ନୁହେଁ, ବରଂ ଜୀବନର ପରିଶୁଦ୍ଧତା । ଗୁରୁଙ୍କ ପ୍ରତି ସମ୍ମାନ, ତାଙ୍କ ଆଦର୍ଶ ପ୍ରତି ନିଷ୍ଠା ଏବଂ ତାଙ୍କ ଉପଦେଶର ଅନୁଶୀଳନ ହିଁ ଏହି ପର୍ବର ପ୍ରକୃତ ସାଧନା ।

ପରିଶେଷରେ କୁହାଯାଇପାରେ, ଗୁରୁ ପରମ୍ପରା ଭାରତୀୟ ସଂସ୍କୃତିର ଶାଶ୍ୱତ ପ୍ରାଣଧାରା । ଯେପର୍ଯ୍ୟନ୍ତ ଏହି ପରମ୍ପରା ପ୍ରତି ଆମର ଆସ୍ଥା, ଶ୍ରଦ୍ଧା ଓ ସମର୍ପଣ ଅନାବିଳ ରହିବ, ସେପର୍ଯ୍ୟନ୍ତ ଆମ ସଂସ୍କୃତିର ଦୀପଶିଖା କେବେ ହେଲେ ନିର୍ବାପିତ ହେବ ନାହିଁ ।

ଆସନ୍ତୁ, ଗୁରୁପୂର୍ଣ୍ଣିମାର ଏହି ପୁଣ୍ୟ ଅବସରରେ ଆମେ ସମସ୍ତେ ଗୁରୁଙ୍କ ଚରଣରେ ନିଜର ଅହଂକାର ସମର୍ପଣ କରି ଜ୍ଞାନ, ବିନୟ, ସେବା ଓ ସଦାଚାରର ପଥରେ ଅଗ୍ରସର ହେବାର ସଂକଳ୍ପ ଗ୍ରହଣ କରିବା । କାରଣ, ଗୁରୁଙ୍କ କୃପା ହିଁ ମନୁଷ୍ୟକୁ ମାନବରୁ ମହାମାନବରେ ଉନ୍ନୀତ କରେ ଏବଂ ସେହି କୃପା ହିଁ ବ୍ୟକ୍ତି, ସମାଜ ଓ ବିଶ୍ୱକଲ୍ୟାଣର ପ୍ରକୃତ ଆଧାର ।

**(ଅବସରପ୍ରାପ୍ତ ଯନ୍ତ୍ରୀ ମୁଖ୍ୟ, ଜନସ୍ୱାସ୍ଥ୍ୟ ବିଭାଗ, ଓଡ଼ିଶା)**

**ମୋ-୯୪୩୭୧୦୮୪୮୪**

# ବୁଦ୍ଧିମାନ କିଏ ?



**ଦିଲୀପ ରାଜ ବେହେରା**

ବୁଦ୍ଧିମାନ ଜନ୍ମଜାତ ନୁହେଁ । ନିଜର ଆଚରଣ, ପ୍ରବୃତ୍ତି ଏବଂ ଜାଣିବାର ଅଦମ୍ୟ ଇଚ୍ଛା ଦୁନିଆରେ ବ୍ୟକ୍ତିକୁ ବୁଦ୍ଧିମାନ କରାଏ । ଜୀବନ ସାରା ଅନ୍ୟଠୁ କିଛି ନା କିଛି ଶିଖିବା ପାଇଁ ନିଜ ପ୍ରସ୍ତୁତି ଆବଶ୍ୟକ । କେବଳ ନିଜ ଭୁଲରୁ ନୁହେଁ ଅନ୍ୟର ଭୁଲରୁ କିଛି ଶିଖିବା ବୁଦ୍ଧିମାନର ଲକ୍ଷଣ ।

ସମୟର ବ୍ୟବହାର ସଫଳତାକୁ ଆଣିଦିଏ । ଦୁନିଆ ଗତିମାନ । ସମୟ ସର୍ବଦା ଚଳାୟମାନ । ବୁଦ୍ଧିମାନ ବ୍ୟକ୍ତି ସାଧାରଣ ବ୍ୟକ୍ତିଠାରୁ ଟିକିଏ ଅଲଗା । ସମୟର ବ୍ୟବହାର ସେ କରି ଜାଣନ୍ତି । ନିଜ ଲକ୍ଷ୍ୟ ପଥରେ, ଏକାକୀ ଚାଲିବା ବୁଦ୍ଧିମାନ ବ୍ୟକ୍ତିର ଲକ୍ଷଣ ।

ଅନ୍ୟର ଅଜାଣତରେ ରହିବା ବ୍ୟକ୍ତିତ୍ୱକୁ ନିଆରା ଓ ସ୍ୱତନ୍ତ୍ରତା କରିଥାଏ । ସମସ୍ତଙ୍କ ଜୀବନ ଅଲଗା ଅଲଗା ବୈଶିଷ୍ଟ୍ୟ ଓ ବିଶେଷତ୍ୱ ତହିଁଛି । ନିଜକୁ ଅନ୍ତଃଚେତନାରେ ଦେଖିବା, ନିଜ ମହତ୍ତ୍ୱ ଉପଲବ୍ଧି କରିବା ଜୀବନର ଗୋଟିଏ କଳା ।

ଅଧିକ ଶୁଣିବା, କମ କହିବା, କେବଳ ଯେତେ ଆବଶ୍ୟକ ସେତକ କହିବା ବୁଦ୍ଧିମାନ ବ୍ୟକ୍ତିତ୍ୱର ନିଦର୍ଶନ । କିଛି ଲୋକ ନିଜ ସ୍ଥାନ ତିଆରି କରିବା ପାଇଁ, ଅନ୍ୟ ଉପରେ ନିଜର ପ୍ରଭୁତ୍ୱ ବିସ୍ତାର ପାଇଁ ଯତ୍‌ନଶୀଳ ଥାଆନ୍ତି । ସେମାନେ ଅଧିକ କୁହନ୍ତି । ଅନ୍ୟଠାରୁ ସମ୍ମାନ ହରାଇଥାନ୍ତି । କମ କଥା କହିଲେ ବେଶୀ ଆଦର ମିଳିଥାଏ ।

ନିଜ ଗୁପ୍ତ କଥା ସବୁ ଅନ୍ୟ ଆଗରେ ନ ବଖାଣିବା ଉଚିତ । କେହି ନିଜର ସବୁବେଳେ ନୁହଁନ୍ତି । ଆଜି ଯାହାକୁ ନିଜର ଭାବି ନିଜ ଦୁର୍ବଳତା, ଦୁଃଖ କହିଥିବେ, ସେ କାଲି ନିଜ ବରୋଧରେ ତାହାକୁ ବ୍ୟବହାର କରିପାରେ । ଦୁନିଆରେ ମିତ୍ର କେବେ ସ୍ୱାର୍ଥ ଏବଂ ପରିସ୍ଥିତିରେ ପଡି ଶତ୍ରୁ ହୋଇଯିବ ତାହାର ଠିକ୍ ନ ଥାଏ ।

ଥରକୁ ଗୋଟିଏ ଲକ୍ଷ୍ୟ ନେଇ କାର୍ଯ୍ୟ କରିବା ବୁଦ୍ଧିମାନର ଲକ୍ଷଣ । ମୂର୍ଖ ବ୍ୟକ୍ତି ଏକା ଥରକେ ଅନେକ କାମ ଅନେକ ଲକ୍ଷ୍ୟ ନେଇ କାମ କରି ହତାଶ ଓ ଅସଫଳତାର ଶିକାର ହୋଇଥାନ୍ତି । ନିଜ ତୁଳନା ଅନ୍ୟ ସହିତ କରିବା ନିରର୍ଥକ ।

> **ବୁଦ୍ଧିମାନ ବ୍ୟକ୍ତି ଶୁଣିବା ଅଧିକ, କହିବା କମ୍ କରନ୍ତି । ଭାବାବେଗ ନୁହେଁ, ବିଚାର ଅନୁରୂପ ନିଷ୍ପତ୍ତି ନିଅନ୍ତି । ଭୁଲରୁ ଶିଖନ୍ତି ଏବଂ ନିଜକୁ ସୁଧାରିବା ପ୍ରୟାସ କରନ୍ତି । ବିନମ୍ର ରହିବା ଏବଂ ଅହଙ୍କାରକୁ ପ୍ରଶ୍ରୟ ନ ଦେବା ଗୋଟିଏ କଳା । ଜ୍ଞାନକୁ ନିଜ ସ୍ୱାର୍ଥ ପାଇଁ ନୁହେଁ, ସମାଜର କଲ୍ୟାଣ ପାଇଁ ବ୍ୟବହାର କରିବା, ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଧୈର୍ଯ୍ୟ ଓ ସନ୍ତୁଳନ ବଜାୟ ରଖିବା ବୁଦ୍ଧିମାନ କାର୍ଯ୍ୟ ।**

ଆମ ସମସ୍ତଙ୍କ ସୁଯୋଗ, ସୁବିଧା, ପରିବେଶ ଏବଂ ସଂସ୍କାର ଅଲଗା ଅଲଗା ।

ଗୋଟିଏ ମଣିଷ ପାଖରେ ସବୁ ଗୁଣ ସମ୍ଭବ ନୁହେଁ । ଅନ୍ୟ ସହିତ ତୁଳନା ନିଜ ମଧ୍ୟରେ ହୀନମନ୍ୟତା ନିର୍ମାଣ କରିଥାଏ । ଅନ୍ୟ ଉପରେ ନିର୍ଭରଶୀଳ ହେବା ଦୁର୍ବଳତାର ଲକ୍ଷଣ । କେହି ସବୁବେଳେ ଭରସାଯୋଗ୍ୟ ନୁହଁନ୍ତି, ଦୁନିଆରେ । ସ୍ୱାର୍ଥ ସରିଗଲେ ଲୋକେ ସମ୍ପର୍କ ତୁଟାଇ ଦିଅନ୍ତି । ସାବଧାନ ଆଗରୁ ହେବା ଉଚିତ ।

ମନ ଅଧିକ ଖୁସି ଥିବା ବେଳେ କିମ୍ବା କ୍ରୋଧରେ ଜର୍ଜରିତ ଥିବା ଏବଂ ଦୁଃଖରେ ଭାଙ୍ଗି ପଡ଼ିଥିବାବେଳେ କୌଣସି ନିଷ୍ପତ୍ତି ନେବା ଉଚିତ ନୁହେଁ । ନିଷ୍ପତ୍ତି ନେବା ପୂର୍ବରୁ ମାନସିକ ଚାପ ରୁ ନିବୃତ୍ତି ପାଇଁ ଚେଷ୍ଟିତ ହେବା ଉଚିତ । ଅତୀତର ଚିନ୍ତାରେ କିଛି ମିଳିବ ନାହିଁ । ଭବିଷ୍ୟତ କେବଳ ଗୋଟିଏ ଆଶା, ଆକାଂକ୍ଷା ଓ ସମ୍ଭାବନା । ବର୍ତ୍ତମାନ କେବଳ ବାସ୍ତବ ସତ୍ୟ ।

ଅଧିକ ସରଳ ବିଶ୍ୱାସୀ ହେବା ଠିକ୍ ନୁହେଁ । କାହାରିକୁ ଅଧିକ ଭରସା କରିବା ପୂର୍ବରୁ ଏହାର ସତ୍ୟତାକୁ ପରୀକ୍ଷା କରିନେବା ଉଚିତ । ମିଠା କଥା ଶୁଣିବାକୁ ଭଲ ଲାଗେ । ପ୍ରଶଂସା ଚାଟୁକାରୀ, ତୋଷାମଦ ଶବ୍ଦ ପଛରେ ଛଳନା ସବୁବେଳେ ଲୁଚି ରହିଥାଏ ।

ଆଳସ୍ୟ ନିଜର ବଡ଼ ଶତ୍ରୁ । ଆଜିର ସମସ୍ୟାକୁ ସାମାଧାନ ନ କରି ସମୟ ଗଡ଼ାଇବା ଦ୍ୱାରା ପରିସ୍ଥିତି ଜଟିଳ ହୋଇଥାଏ । କାଲି କେବେ ଆସେ ନାହିଁ । ସମସ୍ୟାର ବୋଝ ବଢିଯାଏ । ବିଫଳତାରୁ ପଳାଇ ଯିବା ଦୁର୍ବଳତା, କାପୁରୁଷତା ମାତ୍ର । ଟିକିଏ ସାହସ ମନରେ ପୋଷଣ କରି ପରିସ୍ଥିତିର ଅନୁଧ୍ୟାନ କରିବା ଉଚିତ । ନିଜକୁ ସଜାଡ଼ିବା ଏବଂ ପୁଣି ଥରେ ପ୍ରଚେଷ୍ଟା କରିବା ବୁଦ୍ଧିମାନର ପରିଚାୟକ ।

ବୁଦ୍ଧିମାନ ବ୍ୟକ୍ତି କେବଳ ଅଧିକ ଜ୍ଞାନ ରଖୁଥିବା ଲୋକ ନୁହେଁ । ବୁଦ୍ଧିମାନ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେବା, ସତ୍ୟାସତ୍ୟକୁ ବିଚାର କରିବା ଏବଂ ନିଜ ଜ୍ଞାନକୁ କଲ୍ୟାଣକାରୀ କାର୍ଯ୍ୟରେ ପ୍ରୟୋଗ କରିବାର କ୍ଷମତା ରଖିବା । ବୁଦ୍ଧି ତାଙ୍କୁ ଭଲ ଓ ମନ୍ଦ, ଉଚିତ ଓ ଅନୁଚିତ, ସ୍ଥାୟୀ ଓ ଅସ୍ଥାୟୀ ମଧ୍ୟରେ ବଚାର କରିବାକୁ ସାହାଯ୍ୟ କରେ । ବୁଦ୍ଧିମାନ ବ୍ୟକ୍ତି ସତ୍ୟ ଅନୁରାଗୀ ଏବଂ ବିବେକୀ ।

ବୁଦ୍ଧିମାନ ବ୍ୟକ୍ତି ଶୁଣିବା ଅଧିକ, କହିବା କମ୍ କରନ୍ତି । ଭାବାବେଗ ନୁହେଁ, ବିଚାର ଅନୁରୂପ ନିଷ୍ପତ୍ତି ନିଅନ୍ତି । ଭୁଲରୁ ଶିଖନ୍ତି ଏବଂ ନିଜକୁ ସୁଧାରିବା ପ୍ରୟାସ କରନ୍ତି । ବିନମ୍ର ରହିବା ଏବଂ ଅହଙ୍କାରକୁ ପ୍ରଶ୍ରୟ ନ ଦେବା ଗୋଟିଏ କଳା । ଜ୍ଞାନକୁ ନିଜ ସ୍ୱାର୍ଥ ପାଇଁ ନୁହେଁ, ସମାଜର କଲ୍ୟାଣ ପାଇଁ ବ୍ୟବହାର କରିବା, ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଧୈର୍ଯ୍ୟ ଓ ସନ୍ତୁଳନ ବଜାୟ ରଖିବା ବୁଦ୍ଧିମାନ କାର୍ଯ୍ୟ । ଆଧ୍ୟାତ୍ମିକ ଦୃଷ୍ଟିରୁ, ବୁଦ୍ଧିମାନ ବ୍ୟକ୍ତି ନିଜର ପ୍ରକୃତ ସ୍ୱରୂପକୁ ଜାଣିବା ପାଇଁ ସଦା ପ୍ରୟାସରତ ରୁହନ୍ତି । ବିବେକ, ବିନୟ, ସଂଯମ ଓ କରୁଣା ତାଙ୍କର ପ୍ରକୃତ ପରିଚୟ । ଜ୍ଞାନର ପରିପକ୍ୱତା ଜୀବନରେ ସଦାଚାର, ଶାନ୍ତି ଓ ସେବା ରୂପେ ପ୍ରକାଶ ପାଏ, ତାହା ବୁଦ୍ଧିମାନର ପରିଚାୟକ ହୁଏ ।

**ଖଣ୍ଡଗିରି ଏନ୍‌କ୍ଲେଭ, ଭୁବନେଶ୍ୱର**

**ମୋ-୭୭୩୫୩୪୮୬୬୦**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବୈତରଣୀରେ...

ପ୍ରବାହିତ ହେଉଛି । ଏହା କ୍ରମଶଃ ବୃଦ୍ଧି ପାଇ ୨୦ମିଟରରୁ ଅଧିକ ହୋଇପାରେ ବୋଲି ଧାମନଗର ଜଳସଂପଦ ବିଭାଗରୁ ସୂଚନା ମିଳିଛି । ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଜନଜୀବନ ପ୍ରଭାବିତ ହୋଇଛି । ବ୍ୟାପକ ବର୍ଷା ଫଳରେ ବହୁ ଚାଷ ଜମି, ଧାନତଳି, ପନିପରିବା ଚାଷ ଜଳରେ ବୁଡି ରହିଛି । ମଙ୍ଗଳବାର ଅପରାହ୍ନ ୩.୧୮ ମି.ସମୟରେ ନଦୀ ଆଖୁଆପଦାରେ ବିପଦସଙ୍କେତ ସ୍ତର ୧୮.୩୩ମିଟରର ଅତିକ୍ରମ କରି ସନ୍ଧ୍ୟା ୬ଟା ସୁଦ୍ଧା ୧୮.୮୫ମିଟରରେ ପ୍ରବାହିତ ହେଉଛି । ଜଳସ୍ତର ଘଣ୍ଟାପ୍ରତି ୧୪ ମିମି ବେଗରେ ବୃଦ୍ଧି ପାଉଛି ।

ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଙ୍ଗଳବାର ଅପରାହ୍ନରେ ଧାମନଗର ବ୍ଲକ କାର୍ଯ୍ୟାଳୟରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ସମୀକ୍ଷା କରିଛନ୍ତି । ସମ୍ଭାବଯ ବନ୍ୟାପ୍ରଭାବିତ ପଂଚାୟତ ଗୁଡିକରେ ଓଡ୍ରାଫ୍ ଟିମ୍,ଫାୟାର ଟିମ୍ ଓ ଦେଶି ଡଙ୍ଗା ମହଜୁଦ ରଖାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ । ସମସ୍ତ ବନ୍ୟା ଆଶ୍ରୟସ୍ଥଳୀରେ ପାଣି ବୋତଲ, ଆବଶ୍ୟକ ଔଷଧ ମହଜୁଦ ରଖିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଭଦ୍ରକ ଜିଲ୍ଲାପାଳ ଡଃ.ଦିଲ୍ଲୀପ ରାଉତରାୟ,ଜଳସମ୍ପଦ ବିଭାଗର ବରିଷ୍ଠ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ପରିସ୍ଥିତି ଥିଲେ ।

ଅନ୍ୟପକ୍ଷରେ ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ତଳିଆ ଅଞ୍ଚଳ ଓ ବନ୍ୟା ପ୍ରବଣ ଅଞ୍ଚଳର ଲୋକଙ୍କୁ ବନ୍ୟା/ବାତ୍ୟା ଆଶ୍ରୟସ୍ଥଳୀ ଓ ଅସ୍ଥାୟୀ ଆଶ୍ରୟସ୍ଥଳ ସ୍କୁଲଗୁଡ଼ିକୁ ସ୍ଥାନାନ୍ତର କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଜିଲ୍ଲାପାଳ ଅମ୍ବର କୁମାର ଅଧକ୍ଷତାରେ ବନ୍ୟା ମୁକାବିଲା ପାଇଁ ବୈଠକ ହୋଇଥିଲା । ଆବଶ୍ୟକ ସ୍ଥଳେ ସେଠାରେ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଇବାକୁ ବିଡ଼ିଓ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରଭାବିତ ବ୍ଲକ ଗୁଡ଼ିକରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯିବ । ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିବରଣୀ ଜିଲ୍ଲା ଜରୁରୀକାଳୀନ ବିଭାଗକୁ ପଠାଯିବ । ବ୍ଲକ୍ ଓ ପଞ୍ଚାୟତ ସ୍ତରରେ ଚୁଡ଼ା, ଗୁଡ଼ ଓ ପଲିଥିନ୍ ମହଜୁଦ ରଖିବାକୁ ଜିଲ୍ଲା ଯୋଗାଣ ଅଧିକାରୀ ଓ ତହସିଲଦାରଙ୍କୁ ଦାୟିତ୍ୱ ଦିଆଯାଇଛି ।

ସେହିପରି ମୟୂରଭଞ୍ଜ ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଗତ ୨୪ ଘଣ୍ଟା ଧରି ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ପ୍ରବଳରୁ ଅତି ପ୍ରବଳ ବର୍ଷା ରେକର୍ଡ ହୋଇଥିବାବେଳେ ଶିମିଳିପାଳ ଅଭୟାରଣ୍ୟରେ ମଧ୍ୟ ଭାରୀ ବର୍ଷା ହେବାରୁ ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା ସମେତ ବିଭିନ୍ନ ନଦୀ ଓ ନାଳର ଜଳସ୍ତର ଦ୍ରୁତ ଗତିରେ ବଢ଼ୁଛି । ବିଶେଷକରି ବାରିପଦା ଅସ୍ତିଆ ପୋଲ ନିକଟରେ ବୁଢ଼ାବଳଙ୍ଗ ନଦୀ ବିପଦ ସଙ୍କେତର ପାଖାପାଖି ପ୍ରବାହିତ ହେଉଥିବାରୁ ବନ୍ୟା ଆଶଙ୍କା ଘନୀଭୂତ ହୋଇଛି । କିଛି ସମୟ ଧରି ବର୍ଷାର ପରିମାଣ କମିଥିଲେ ମଧ୍ୟ ଶିମିଳିପାଳରୁ ଆସୁଥିବା ପ୍ରବଳ ଜଳପ୍ରବାହ ଯୋଗୁଁ ବୁଢ଼ାବଳଙ୍ଗର ଜଳସ୍ତର ନିରନ୍ତର ବୃଦ୍ଧି ପାଉଛି । ଏହାକୁ ନେଇ ନଦୀକୂଳରେ ବସବାସ କରୁଥିବା ଲୋକଙ୍କ ମଧ୍ୟରେ ଆତଙ୍କ ଦେଖାଦେଇଛି ।

ବୁଢ଼ାବଳଙ୍ଗ ସହ ସୁବର୍ଣ୍ଣରେଖା ଓ ଜିଲ୍ଲାର ଅନ୍ୟାନ୍ୟ ନାଳରେ ମଧ୍ୟ ଜଳସ୍ତର ବୃଦ୍ଧି ପାଉଥିବାରୁ ତଳିଆ ଅଞ୍ଚଳରେ ଜଳବନ୍ଦୀ ସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି । ବିଶେଷକରି ବାରିପଦା ସହରର ୭, ୮ ଓ ୯ ନମ୍ବର ୱାର୍ଡର ବାସିନ୍ଦାମାନେ ସମ୍ଭାବ୍ୟ ବନ୍ୟାକୁ ନେଇ ଚିନ୍ତାରେ ରହିଛନ୍ତି । ନଦୀକୂଳବର୍ତ୍ତୀ ଗ୍ରାମଗୁଡ଼ିକରେ ଲୋକେ ସତର୍କ ଅବସ୍ଥାରେ ରହିଥିବାବେଳେ ବନ୍ୟା ଆସିଲେ ତୁରନ୍ତ ସ୍ଥାନାନ୍ତର ପାଇଁ ପ୍ରସ୍ତୁତି ରହିଛନ୍ତି। ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ନଜରରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସତର୍କତା ଅବଲମ୍ବନ କରାଯାଇଛି । ନଦୀ ଓ ନାଳଗୁଡ଼ିକର ଜଳସ୍ତର ଉପରେ ନିରନ୍ତର ନଜର ରଖାଯାଉଥିବା ବେଳେ ଆବଶ୍ୟକ ସ୍ଥାନରେ ଉଦ୍ଧାରକାରୀ ଦଳ, ଅଗ୍ନିଶମ ବାହିନୀ ଓ ଓଡ୍ରାଫ୍ ଟିମ୍‌କୁ ପ୍ରସ୍ତୁତ ରଖାଯାଇଛି । ନଦୀକୂଳରେ ବସବାସ କରୁଥିବା ଲୋକଙ୍କୁ ସତର୍କ ରହିବା ସହ ପ୍ରଶାସନର ପରାମର୍ଶ ମାନିବାକୁ ଅନୁରୋଧ କରାଯାଇଛି ।

## ବାଲେଶ୍ୱର...

ଇତ୍ୟାଦି ଅଞ୍ଚଳରେ ରାସ୍ତା ଉପରେ ୪ଫୁଟ ଉଚ୍ଚରେ ପାଣି ପ୍ରବାହିତ ହୋଇଥିଲା ଫଳରେ ଲୋକମାନଙ୍କ ଘରେ ପାଣି ପଶିଯିବାରୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । କେତେକ ଜାଗାକୁ ଓଡ୍ରାଫ ଟିମ୍ ପଠାଯାଇ ଉଦ୍ଧାର କାର୍ଯ୍ୟ କରାଯାଇଛି । ସହରର ବିଭିନ୍ନ ମଲ ଗ୍ରାଉଣ୍ଡ ଫ୍ଲୋର, ଦୋକାନ ଓ ଗୋଡ଼ାଉନଗୁଡ଼ିକରେ ପାଣି ପଶିଯିବାରୁ ବ୍ୟବସାୟୀମାନଙ୍କର ବିପୁଳ ପରିମାଣରେ କ୍ଷତି ହୋଇଛି ।

ଏହି ପ୍ରବଳ ବର୍ଷା ଯୋଗୁଁ କେତେକ ସ୍ଥାନରେ ସହରକୁ ଯାତାୟାତ ବନ୍ଦ ହୋଇଯାଇଥିବା ବେଳେ ସହରର ବିଭିନ୍ନ ସ୍ଥାନକୁ ଲୋକମାନେ ଯିବା ଆସିବା କରିପାରି ନଥିଲେ । ଗୋଟିଏ ହୋଟେଲ ମଧ୍ୟରେ ଜଳବନ୍ଦୀ ହୋଇ ରହିଥିବା କେତେଜଣ କର୍ମଚାରୀଙ୍କୁ ଦମକଳ ବାହିନୀ କର୍ମଚାରୀମାନେ ଉଦ୍ଧାର କରିଥିଲେ । କୌଣସି ମୃତାହତ ହୋଇଥିବାର ଖବର ଆମର ହସ୍ତଗତ ହୋଇନଥିବା ବେଳେ କେତେକ ଅଂଚଳରେ ବିଦ୍ୟୁତ ସରବାରହ ବନ୍ଦ ରଖାଯାଇଥିବାରୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହୋଇଥିଲେ । ବାଲେଶ୍ୱର ପୌରପରିଷଦ ପକ୍ଷରୁ ମହାନାଳ ସଫେଇରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ସହର ତମାମ ବର୍ଷାପାଣି କାହିଁକି ଲହଡ଼ି କାଟିଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ମହାନାଳ ଖୋଳା କାମରେ ଅନିୟମିତତା ହୋଇଥିବା ଯୋଗୁ ଏତାଦୃଶ ପରିସ୍ଥିତି ସୃଷ୍ଟି ହୋଇଥିବା କେତେକ ମତବ୍ୟକ୍ତ କରିଛନ୍ତି । ଜିଲ୍ଲାତମାମ ଏହି ଅବପାତଜନିତ ବର୍ଷା ଲାଗି ରହିବା ଯୋଗୁ ସମୁଦ୍ରକୁ ଜଳ ନିଷ୍କାସନ ହୋଇନପାରି ସଦର ବ୍ଲକ ଏବଂ ରେମୁଣା ବ୍ଲକର ବିଭିନ୍ନ ପଞ୍ଚାୟତର ଲୋକମାନେ ଜଳବନ୍ଦୀରେ ରହିଛନ୍ତି ।

## ଭୟଭୀତ...

ମଧ ବର୍ଷା ଯୋଗୁଁ ଅନେକ ଅଞ୍ଚଳ ପ୍ରଭାବିତ ହୋଇଛି । ଏହି ପରିପ୍ରେକ୍ଷୀରେ ଆସନ୍ତା ୧୨ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ ଥିବାରୁ ଏହି ସବୁ ଜିଲ୍ଲାରେ ଜଳସ୍ତର ବୃଦ୍ଧି ଉପରେ ନଜର ରଖିବା ପାଇଁ ରାତିସାରା ଏସଆରସି କାର୍ଯ୍ୟାଳୟ ଖୋଲା ରଖିବାକୁ ମାନ୍ୟବର ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି ଯେ, ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧିକୁ ଦୃଷ୍ଟିରେ ରଖି ତଳିଆ ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି । ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ଏନଡିଆରଏଫ୍ ଏବଂ ଓଡ୍ରାଫ୍ ଟିମ୍ ମୁତୟନ ଥିବାବେଳେ ସମସ୍ତ ଜିଲ୍ଲାପାଳ ଓ ବିଡିଓଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ପୋଲିସ୍ ବିଭାଗ ପକ୍ଷରୁ ରାତ୍ରିକାଳୀନ ପେଟ୍ରୋଲିଂ ସହ ଶିଶୁ ଏବଂ ମହିଳାମାନଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖି ମହିଳା ପୋଲିସ ମଧ୍ୟ ନିୟୋଜିତ ହୋଇଛନ୍ତି । ଆଶ୍ରୟସ୍ଥଳୀ ମାନଙ୍କରେ ସାଧରଣଲୋକଙ୍କୁ ରନ୍ଧାଖାଦ୍ୟ ସହ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ଯୋଗାଇ ଦିଆଯାଉଛି । ବନ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ ହେଲେ ସେମାନଙ୍କ ବାସଗୃହ ଏବଂ ଧନସମ୍ପତ୍ତିର ସୁରକ୍ଷା ନିମନ୍ତେ ପୋଲିସ୍ ବିଭାଗ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗ, ପଶୁସମ୍ପଦ ବିଭାଗ ଓ ଅନ୍ୟ ସମସ୍ତ ବିଭାଗକୁ ପ୍ରସ୍ତୁତ ରଖାଯାଇଥିବାବେଳେ ଗୃହପାଳିତ ପଶୁମାନଙ୍କ ସୁରକ୍ଷା ବ୍ୟବସ୍ଥା ସହ ସେମାନଙ୍କ ପାଇଁ ପର୍ଯ୍ୟାପ୍ତ ଗୋଖାଦ୍ୟ ମହଜୁଦ ରଖାଯାଇଛି । ସର୍ପାଘାତକୁ ଦୃଷ୍ଟିରେ ରଖି ପ୍ରଭାବିତ ଅଞ୍ଚଳରେ ପର୍ଯ୍ୟାପ୍ତ ଔଷଧ ଏବଂ ଇଞ୍ଜେକସନ୍ ମହଜୁଦ ରହିଛି । ଏହି ପରିପ୍ରେକ୍ଷୀରେ ବନ୍ୟା ପରିସ୍ଥିତିର ମୁକାବିଲା ଲାଗି ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ସହ ଲୋକମାନେ ଭୟଭୀତ ନହୋଇ ସତର୍କ ଓ ସୁରକ୍ଷିତ ରହିବାକୁ ନିବେଦନ କରିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ । ସେହିପରି ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ବାସଗୃହ ଅଥବା ଚାଷଜମି ନିମନ୍ତେ ଜନସାଧାରଣଙ୍କୁ ତ୍ୱରିତ କ୍ଷତିପୂରଣ ପ୍ରଦାନ କରିବାକୁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ଜରୁରିକାଳୀନ ନିୟନ୍ତ୍ରଣ କକ୍ଷ ୨୪ × ୭ ପରିସ୍ଥିତି ଉପରେ ନଜର ରଖିଥିବା ବେଳେ ନିୟମିତ ଜିଲ୍ଲା ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ ସହ ଯୋଗାଯୋଗରେ ରହିଛି । ଏଥିସହିତ ବନ୍ୟା ମୁକାବିଲା, ପ୍ରସ୍ତୁତି, ସ୍ଥାନାନ୍ତରଣ, ଜନସାଧାରଣଙ୍କ ସୁରକ୍ଷା ଏବଂ ସାମଗ୍ରିକ ସୁବ୍ୟବସ୍ଥିତ ପରିଚାଳନା ସୁନିଶ୍ଚିତ କରିବା ନିମନ୍ତେ ତିନି ବରିଷ୍ଠ ଆଇଏଏସ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ଭଦ୍ରକ ଜିଲ୍ଲା ନିମନ୍ତେ ସୁଧାଂଶୁ ମୋହନ ସାମଲ, ବାଲେଶ୍ୱର ଜିଲ୍ଲା ନିମନ୍ତେ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଯାଜପୁର ଜିଲ୍ଲା ନିମନ୍ତେ ପି. ଅନ୍ୱେଷା ରେଡ୍ଡୀଙ୍କୁ ସ୍ୱତନ୍ତ୍ର ଭାବେ ଦାୟିତ୍ୱ ଦିଆଯାଇଛି ।

ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ପୋଲିସ୍ ଡିଜି ୱାଇ ବି ଖୁରାନିଆ, ଅଗ୍ନିଶମ ବିଭାଗର ଡିଜି ସୁଧାଂଶୁ ଷଡ଼ଙ୍ଗୀ, ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ୍, ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

## ଆନନ୍ଦପୁରରେ...

ଜଳସ୍ତର ଏହାଠାରୁ ଯଥେଷ୍ଟ ଉପରେ ପ୍ରବାହିତ ହେଉଛି । ଉପରମୁଣ୍ଡରେ ପ୍ରବଳ ବର୍ଷା ଓ ଆନନ୍ଦପୁର ବ୍ୟାରେଜର ଗେଟ ଖୋଲାଯାଇଥିବାରୁ ଜଳପ୍ରବାହ ବୃଦ୍ଧି ପାଇଛି ।ପରିସ୍ଥିତିକୁ ଦୃଷ୍ଟିରେ ରଖି ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ବୈତରଣୀ ନଦୀ କୂଳବର୍ତ୍ତୀ ତଳିଆ ଅଞ୍ଚଳବାସୀଙ୍କ ପାଇଁ ସତର୍କ ସୂଚନା ଜାରି କରିଛନ୍ତି । ବିଶେଷକରି ବରେଶ୍ୱର, ଆମ୍ରୋ, ବଞ୍ଚୋ, ମୁଗୁପୁର, ହବଳେଶ୍ୱର ଓ ଅମୃତପୁର ଗ୍ରାମର ଲୋକମାନଙ୍କୁ ନଦୀକୂଳକୁ ନଯିବା, ବନ୍ୟାଜଳ ଅତିକ୍ରମ ନକରିବା, ଗୃହପାଳିତ ପଶୁ ଓ ଆବଶ୍ୟକୀୟ ସାମଗ୍ରୀକୁ ସୁରକ୍ଷିତ ସ୍ଥାନକୁ ନେବା ଏବଂ ପ୍ରଶାସନର ପରାମର୍ଶକୁ କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି । ଉପଜିଲ୍ଲା ପ୍ରଶାସନ, ଅଗ୍ନିଶମ ବାହିନୀ, ଓଡ୍ରାଫ ଏବଂ ସ୍ଥାନୀୟ ପ୍ରଶାସନିକ କର୍ମଚାରୀମାନଙ୍କୁ ସଜାଗ ରଖାଯାଇଛି । ବନ୍ୟା ପରିସ୍ଥିତି ଉପରେ ୨୪ ଘଣ୍ଟା ନଜର ରଖାଯାଉଥିବା ବେଳେ ଆବଶ୍ୟକ ପଡ଼ିଲେ ଉଦ୍ଧାର ଓ ରିଲିଫ କାର୍ଯ୍ୟ ତୁରନ୍ତ ଆରମ୍ଭ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଲୋକମାନଙ୍କୁ ଗୁଜବରେ ବିଶ୍ୱାସ ନକରି କେବଳ ସରକାରୀ ସୂଚନା ଉପରେ ଭରସା ରଖିବାକୁ ଅନୁରୋଧ କରାଯାଇଛି । ବୈତରଣୀର ଜଳସ୍ତର ଆହୁରି ବଢ଼ିଲେ ତଳିଆ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଥିବାରୁ ସମସ୍ତଙ୍କୁ ସତର୍କ ଓ ପ୍ରସ୍ତୁତ ରହିବାକୁ ପ୍ରଶାସନ ପକ୍ଷରୁ ପୁଣିଥରେ ଆହ୍ୱାନ କରାଯାଇଛି ।

## ପ୍ରତିବାଦକାରୀଙ୍କ...

ନିରୋଧ ବନ୍ଧୁକ ବ୍ୟବହାର କରିଥିଲେ । ଡିସିପିଙ୍କ ଉପସ୍ଥିତିରେ ଏହି ନିର୍ଦ୍ଦେଶ ଦିଆଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ଏହାଛଡା ରିପୋର୍ଟ ଅନୁଯାୟୀ ବାଲାଷ୍ଟିକ୍ କ୍ୟାଟ୍ରିଜ୍ ଯାହାକି ପ୍ଲାଷ୍ଟିକ୍ ପେଲେଟ୍ସରେ ରହିଛି ତାହାକୁ ମଧ୍ୟ ବ୍ୟବହାର କରାଯାଇଥିଲା । ଏଥିରେ ୪ ଜଣ ଆହତ ହୋଇଥିଲେ । ବୁଧବାର ଆର୍‌ଏଏଫ୍ ଆଇଜି ସୀମା ଧୁନ୍ଦିଆଙ୍କ ଅଧକ୍ଷତାରେ ଏକ ଆଭାଷୀ ବୈଠକ ହୋଇଥିଲା । ଏଥିରେ ପମ୍ପ ଆକ୍ସନ୍ ଗନ୍, ଆଣ୍ଟି ରାଏଟ୍ ଗନ୍, ଇଲେକ୍ଟ୍ରିକ୍ ସକ୍ ଅସ୍ତ୍ରକୁ ପରବର୍ତ୍ତୀ ନିର୍ଦ୍ଦେଶ ନ ମିଳିବା ଯାଏ ବ୍ୟବହାର ନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ମାତ୍ର ଆର୍‌ଏଏଫ୍ ଯବାନ ଓ ଅଧିକାରୀମାନେ ମଧ୍ୟ ଅଧିକ ବଳ ପ୍ରୟୋଗ ନ କରିବାକୁ କୁହାଯାଇଥିଲା । ପ୍ରୋଟୋକଲ ଓ ଆର୍‌ଏଏଫ୍ ପ୍ରଶିକ୍ଷଣ ଅନୁଯାୟୀ କାର୍ଯ୍ୟ କରିବାକୁ କୁହାଯାଇଥିଲା । ତେବେ ଆଣ୍ଟି ରାଏଟ୍ ଗନ୍‌କୁ ଭିଡ଼ ନିୟନ୍ତ୍ରଣ ଅସ୍ତ୍ର ଭାବେ ବିଚାର କରାଯାଇଥିଲା । ସେହିଭଳି ପାରମ୍ପରିକ ପେଲେଟ୍ ଗନ୍‌କୁ ମଧ୍ୟ ଏହି ପର୍ଯ୍ୟାୟରେ ରଖାଯାଇଥିଲା । ବିରୋଧୀ ଏବେ ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରୁଛନ୍ତି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍‌ଶାହାଙ୍କ ବିବୃତ୍ତି ଦାବି କରୁଛନ୍ତି ।

## ସରକାର...

ମନ୍ତ୍ରୀ କିରଣ ରିଜ୍‌ଜୁ କହିଥିଲେ ଯେ ବିଲ୍‌ରେ ଆଲୋଚନା ପାଇଁ ୧୦ ଘଣ୍ଟା ସମୟ ଧାର୍ଯ୍ୟ କରାଯାଇଛି । ଅପରାହ୍ନ ୨ଟାରୁ ବିଲ୍ ନେଇ ଆଲୋଚନା ଆରମ୍ଭ ହୋଇଥିଲା । କଂଗ୍ରେସ ସାଂସଦ କେସି ବେଣୁଗୋପାଳ ଗୃହରେ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଆଲୋଚନା ସମୟରେ ଉପସ୍ଥିତ ନଥିବା ନେଇ ଆପତ୍ତି ଜଣାଇଥିଲେ । ସେ କହିଥିଲେ ଯେ ଯଦି ଗୃହ ଏକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଲୋଚନା କରୁଛି ତାହେଲେ ସେମାନେ ମଧ୍ୟ ଉପସ୍ଥିତ ରହିବା ଦରକାର । ପ୍ରଥମେ ସବୁ ଦଳଗୁଡ଼ିକ ୬ ଘଣ୍ଟା ଆଲୋଚନା ପାଇଁ ରାଜି ହୋଇଥିଲେ । ତେବେ ବିରୋଧୀ ଦଳ ଅଧିକ ସମୟ ମାଗିବାରୁ ୧୦ ଘଣ୍ଟା ପର୍ଯ୍ୟନ୍ତ ଆଲୋଚନା ଲାଗି ସମୟ ମାଗିଥିଲେ । ବିଲ୍ ଆଲୋଚନା କରି ପ୍ରିୟଙ୍କା ଗାନ୍ଧି ସରକାରଙ୍କୁ କଟାକ୍ଷ କରିଥିଲେ । ସେ କହିଥିଲେ ଯେ କ୍ୟାମେରାର କୋଣ ବଦଳାଇଲେ ହେବନାହିଁ । ସରକାରଙ୍କ ମନଭାବ ବଦଳିବା ଦରକାର । ପେପର ଲିକ୍ ବିରୋଧରେ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କ ବିରୋଧରେ ବଳ ପ୍ରୟୋଗ କରାଗଲା ଅନ୍ୟପଟେ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ପରେ ତାଙ୍କୁ ବିଜୟୀ ଭଳି ସମ୍ବର୍ଦ୍ଧନା ଦିଆଗଲା । ପ୍ରଧାନମନ୍ତ୍ରୀ ଦେଶର ଯୁବପିଢ଼ିଙ୍କ ଯନ୍ତ୍ରଣା ବୁଝିବା ଦରକାର । ଜଣଙ୍କୁ ବଦଳାଇ ଅନ୍ୟଜଣଙ୍କୁ ଶିକ୍ଷାମନ୍ତ୍ରୀ କରିଦେଲେ ସମସ୍ୟାର ସମାଧାନ ହେବନାହିଁ । ସରକାର ନିଜ ଦାୟିତ୍ୱ ସ୍ୱୀକାର କରିବା ସହ ଛାତ୍ରଛାତ୍ରୀଙ୍କ ବିଶ୍ୱାସ ଫେରାଇ ଆଣିବା ଉଚିତ୍ । ନୂଆ ଶିକ୍ଷାମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ କହିଥିଲେ ଯେ ବ୍ୟକ୍ତିଗତ କଟାକ୍ଷ କରିବା ପରିବର୍ତ୍ତେ ବିଲ୍‌ର ବ୍ୟବସ୍ଥା ଉପରେ ଗଠନମୂଳକ ଆଲୋଚନା କରିବା ଦରକାର । ବିରୋଧୀ ଦଳ ଗୁରୁତ୍ୱପୂର୍ଣ୍ଣ ଆଇନ୍‌କୁ ରାଜନୈତିକ ରଙ୍ଗ ଦେଉଛନ୍ତି ବୋଲି ସେ କହିଥିଲେ । ବିଜେପି ସାଂସଦ ଅନୁରାଗ ଠାକୁର କହିଥିଲେ ଯେ ସରକାର ପରୀକ୍ଷା ବ୍ୟବସ୍ଥାର ଏକ ସମ୍ପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥା ସୃଷ୍ଟି କରିଛନ୍ତି । ପ୍ରିୟଙ୍କା ଗାନ୍ଧି ମଧ୍ୟ ପ୍ରତିବାଦକାରୀଙ୍କ ଉପରେ ପେଲେଟ୍ ଗନ୍ ବ୍ୟବହାର ନେଇ ପ୍ରଶ୍ନ ଉଠାଇଥିଲେ । ଶିକ୍ଷା ବ୍ୟବସ୍ଥା ବିଫଳ ହୋଇଛି ବୋଲି ସେ କହିଥିଲେ । ସମାଜବାଦୀ ପାର୍ଟି ସାଂସଦ ଅଖିଲେଶ ଯାଦବ କହିଥିଲେ ଯେ ପେପର ଲିକ୍ ରୋକିବା ପାଇଁ ଥିବା ଆଇନ୍‌ର ସଂଶୋଧନ କରାଯାଉଛି । ଛାତ୍ରଙ୍କ ପ୍ରତିବାଦ ସରକାରଙ୍କୁ ମୁଣ୍ଡ ନୁଆଁଇବାକୁ ବାଧ କରିଛି ଓ ସେମାନେ ତାଙ୍କ ଦାବିକୁ ଗ୍ରହଣ କରିଛନ୍ତି । ମୁଖ୍ୟ ପ୍ରତିବାଦକାରୀ ଛାତ୍ରଙ୍କୁ ସାଧୁବାଦ ଜଣାଉଛି । ସେମାନେ ଏ ସରକାରକୁ ଗଣତାନ୍ତ୍ରିକ କରିପାରିଛନ୍ତି ଓ ପ୍ରତିବାଦକୁ ଅନୁମତି ଦେବାକୁ ବାଧ କରିଛନ୍ତି । ସରକାର ବି ନୁଅଁନ୍ତି, ନୁଆଁଇବା ବାଲା ଦରକାର ବୋଲି ସେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାଂସଦ ଅଭିଶେକ୍ ବାନାର୍ଜୀ, ଗୌରବ ଗୋଗେଇ, ବାଂସୁରୀ ସ୍ୱରାଜ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ୧୮ ବର୍ଷରୁ...

ଜବାବ ମାଗିଛନ୍ତି । ଏତଦ୍‌ଭିନ୍ନ ସମସ୍ତ ସିସିଟିଭି ଫୁଟେଜ୍, ଡ୍ରୋନ୍ ଫୁଟେଜ୍, ବଡି କ୍ୟାମେରାର ରେକର୍ଡିଂ, ୱେୟାରଲେସ୍ ଯୋଗାଯୋଗ ଓ ପିସିଆର ଲକ୍‌କୁ ସଂରକ୍ଷଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟଗୁଡ଼ିକ ପ୍ରତିବାଦକାରୀଙ୍କ ବ୍ୟକ୍ତିଗତ ସୂଚନା ଓ ଡିଜିଟାଲ ଡାଟା ସଂରକ୍ଷିତ ରଖିବେ । ମାତ୍ର ଏହାକୁ ସାର୍ବଜନିନ କରିବେ ନାହିଁ । ପ୍ରତିବାଦକାରୀଙ୍କ ବ୍ୟକ୍ତିଗତ ତଥ୍ୟ ପ୍ରକାଶ ପାଇବ ନାହିଁ । ଯେଉଁ ଏତଲା ପଞ୍ଜିକୃତ ହୋଇଛି ସେଥିରେ ତଦନ୍ତ ହୋଇପାରିବ । ମାତ୍ର ଛାତ୍ର ଓ ପ୍ରତିବାଦକାରୀଙ୍କ ବିରୋଧରେ କୌଣସି ଅପରାଧିକ ପଦକ୍ଷେପ ନିଆଯିବନାହିଁ । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲା ବାଗ୍‌ଚୀ ଓ ଜଷ୍ଟିସ୍ ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରିଥିଲେ । ଗତ ୨୦ ତାରିଖ ଠାରୁ ଦେଶବ୍ୟାପୀ ହୋଇଥିବା ଛାତ୍ର ଆନ୍ଦୋଳନ ଓ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଇ ଖଣ୍ଡପୀଠ ଶୁଣାଣି କରିବା ସହ ପୋଲିସ ଏବଂ ଗଣମାଧମ ପ୍ରତିନିଧି ଆହତ ହୋଇଥିବା ନେଇ ଦାଖଲ ଯାଚିକାର ମଧ୍ୟ ଶୁଣାଣି କରିଥିଲେ । ସିଜେଆଇ କହିଥିଲେ ଯେ ଅଧିକାଂଶ ଯାଚିକା ଓ ଦାରଖାସ୍ତରେ ବ୍ୟାଟେନ୍ ବ୍ୟବହାର ହୋଇଥିବା ଏବଂ ୧୯ ବର୍ଷର ଜଣେ ଛାତ୍ରୀଙ୍କୁ ଜୀବନରୁ ମାରିଦେବାକୁ ଧମକ, ପେଲେଟ୍ ଗନ୍ ଆହତ ଏବଂ ସାଧା ପୋଷାକରେ ଥିବା ପୋଲିସଙ୍କ ହିଂସା ଓ ମହିଳାମାନଙ୍କୁ ଅସଦାଚରଣ ନେଇ ଅଭିଯୋଗ ହୋଇଛି । ଯେଉଁମାନଙ୍କର ଅପରାଧିକ ପୃଷ୍ଠଭୂମି ଅଛି ସେମାନଙ୍କୁ କିନ୍ତୁ ଏହି ସୁରକ୍ଷା ଦିଆଯିବ ନାହିଁ । ଆର୍‌ଜେଡି ସାଂସଦ ମନୋଜ ଝାଙ୍କ ଆବେଦନରେ ବିହାରର ଜଣେ ପୋଲିସ ଆନ୍ଦୋଳନକାରୀଙ୍କ ବିରୋଧରେ ଏକେ-୪୭ ବ୍ୟବହାର କରିଥିବା ଅଭିଯୋଗ ହୋଇଛି । ଜୁଲାଇ ୨୦ରେ ଆନ୍ଦୋଳନ ସମୟରେ ପେଲେଟ୍ ଗନ୍ ବ୍ୟବହାର ଅଭିଯୋଗକୁ କୋର୍ଟ ଗୁରୁତ୍ୱ ଦେଇଛନ୍ତି । ଏହାର ଆଘାତରେ ଜଣେ ଯୁବକ ଦୃଷ୍ଟିଶକ୍ତି ହରାଇଥିବା ଅଭିଯୋଗ ମଧ୍ୟ କୋର୍ଟ ନଜରକୁ ଆସିଛି । ବିଦ୍ୟୁତ୍ ବାଟନ୍ ଓ କଣ୍ଟା ଲାଗିଥିବା କାଠି ବ୍ୟବହାର କରାଯାଇଥିବା ଉଲ୍ଲେଖ କରାଯାଇଛି । କେଉଁ ପ୍ରକାର ଟିୟର ଗ୍ୟାସ୍ କିମ୍ବା ଅନ୍ୟ ଉପାୟ ବ୍ୟବହାର କରାଯିବ, ତାହାର ସୀମା କ'ଣ ହେବ ସେ ନେଇ ନୂଆ ପ୍ରୋଟୋକଲ ଆବଶ୍ୟକ । ଶାନ୍ତିପୂର୍ଣ୍ଣ ପ୍ରତିବାଦ ଗଣତନ୍ତ୍ରର ଏକ ଅଂଶ । କେନ୍ଦ୍ର ସରକାର ଓ ଦିଲ୍ଲୀ ପୋଲିସ ପକ୍ଷରୁ ସଲିସେଟର ଜେନେରାଲ ତୁଷାର ମେହେଟ୍ଟା କହିଛନ୍ତି ଯେ ଜୁଲାଇ ୨୦ ହିଂସାରେ ୨୫୦ ଜଣ ପୋଲିସ ଆହତ ହୋଇଥିଲେ । ଦୁଷ୍କର୍ମ ଏବଂ ଏନ୍‌ଡିପିଏସ୍ ଆଇନ୍ ଅଧିନରେ ମାମଲା ଥିବା କିଛି ଅଭିଯୁକ୍ତ ଆନ୍ଦୋଳନରେ ସାମିଲ ହୋଇଥିଲେ । ଏହାର ଜବାବରେ ସିଜେଆଇ କହିଥିଲେ ଯେ ପୋଲିସ ଉପରେ ଆକ୍ରମଣ କରିଥିବା ବ୍ୟକ୍ତି ପ୍ରକୃତରେ ଛାତ୍ର ଥିଲେ କି ନାହିଁ ତାହାର ତଦନ୍ତ ହେବା ଦରକାର ।

## କ୍ରାଇମ୍‌ବ୍ରାଞ୍ଚରେ...

କମିଶନରେଟ୍ ପୋଲିସ ମାମଲାର ତଦନ୍ତ କରୁଥିବା ବେଳେ ସୋମବାର ସରକାରଙ୍କ ପକ୍ଷରୁ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା । ନିର୍ଦ୍ଦେଶ ପାଇବା ପରେ ମଙ୍ଗଳବାର କ୍ରାଇମ୍‌ବ୍ରାଞ୍ଚ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

## ଇଣ୍ଡିଆନ୍...

ଆଶୀର୍ବାଦରୁ ନିଜର ଅସାଧାରଣ ପ୍ରତିଭା ଓ କଠିନ ସାଧନା ବଳରେ ଜାତୀୟ ସ୍ତରରେ ବିଜେତା ହୋଇ ରାଜ୍ୟ ପାଇଁ ସେ ଗୌରବ ଆଣିଛନ୍ତି ବୋଲି କହିଥିଲେ । ନୂଆ ପିଢିର କଣ୍ଠଶିଳ୍ପୀଙ୍କ ପାଇଁ ଜ୍ୟୋତିର୍ମୟୀ ଏକ ପ୍ରେରଣା ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ । ସୂଚନାଯୋଗ୍ୟ ଯେ, ଜ୍ୟୋତିର୍ମୟୀ ତାଙ୍କର ସଙ୍ଗୀତ ପ୍ରତିଭାକୁ ଚିକିତ୍ସା କ୍ଷେତ୍ରରେ ମଧ୍ୟ ଉପଯୋଗ କରୁଛନ୍ତି । ରାଜ୍ୟର ଅନେକ କ୍ୟାନ୍‌ସର ହସ୍ପିଟାଲରେ ମ୍ୟୁଜିକ୍ ଥେରାପି ପ୍ରୟୋଗ କରି ସେମାନଙ୍କ କଷ୍ଟ ଲାଘବ କରିବାରେ ସହାୟତା କରିଛନ୍ତି । ତାଙ୍କର ଏହି ବିରଳ ପ୍ରତିଭା ଓ ସେବା ମନୋଭାବର ଉଚ୍ଚ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସେ ସାରା ରାଜ୍ୟ ତଥା ଦେଶର ଏକ 'ଯୁବ ଆଇକନ୍' । ସଙ୍ଗୀତକୁ ରୋଗୀଙ୍କ ସେବା କ୍ଷେତ୍ରରେ ବ୍ୟବହାର କରିବାର ଏହି ଉଦ୍ୟମ ଆଗାମୀ ଦିନରେ ଏକ ନୂଆ ଟ୍ରେଣ୍ଡ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ । ଜ୍ୟୋତିର୍ମୟୀଙ୍କ ଭଳି ଯୁବ ପ୍ରତିଭାଙ୍କ ନିଷ୍ଠା ଓ ଉଦ୍ୟମ ସମୃଦ୍ଧ ଓଡିଶା ଓ ବିକଶିତ ଭାରତ ଗଠନର ସ୍ୱପ୍ନକୁ ସାର୍ଥକ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଜ୍ୟୋତିର୍ମୟୀଙ୍କ ଏହି ଯାତ୍ରାରେ ରାଜ୍ୟବାସୀ ବିପୁଳ ଉତ୍ସାହର ସହ ସମର୍ଥନ କରିଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି ଜାତୀୟ ସ୍ତରର କୃତିତ୍ୱ ସମଗ୍ର ରାଜ୍ୟବାସୀଙ୍କ ପାଇଁ ଏକ ସ୍ମରଣୀୟ ଅଧ୍ୟାୟ ଏବଂ ଏହା ଓଡିଶାର କଳା ପ୍ରତିଭାକୁ ଜାତୀୟ ସ୍ତରରେ ଆହୁରି ଉଜ୍ଜ୍ୱଳ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି ଅବସରରେ ଜ୍ୟୋତିର୍ମୟୀଙ୍କ ପିତା ଚକ୍ରଧର ନାୟକ ଓ ମାତା ଗୌରୀ ନାୟକ ଉପସ୍ଥିତ ଥିଲେ ।


**ଦ.ପୂ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ, ବରିଷ୍ଠ ଡିଭିଜନାଲ ସିଗ୍ନାଲ ଏବଂ ଟେଲିକମ୍ ଇଞ୍ଜିନିୟର (କୋ)/ ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଏବଂ ଏହା ୧୨:୦୦ ଘଣ୍ଟାରେ ଖୋଲାଯିବ। ... www.ireps.gov.in ... (PR-539)

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. Sr.DMM/SBP/Stores/ Tender Publication, ତା.27.07.2026

ଟେଣ୍ଡର ନଂ. 40266092 ... CCTV ... 4G ... 100% ... (Motion Detection), IP66 ... (Waterproof) ... 256 GB ... 4MP (2560 X 1440) 1080P ... HD ...

EMD @ 2% (ଟଙ୍କାରେ) : ₹ 17,17,210/-

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.17.08.2026 ଦିନ 1500 ଘଣ୍ଟାରେ।

ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ୍ :www.ireps.gov.in ରେ ଉପଲବ୍ଧ ଅଛେ।

PR-329/R/26-27 — ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ସମ୍ବଲପୁର

25001/826/2627 E-Mail:rw.kamakhyanagar@yahoo.co.in

**Government of Odisha**
**Office of the Superintending Engineer,**
**Rural Works Division-II, Dhenkanal. Kamakhyanagar**
**e-procurement Notice No 13 / Road Work / 2026-27.**

| | | |
|---|---|---|
| 1. | Name of the work | : Non plan Road Work |
| 2. | Total No. of Works | : 1 (One) Nos |
| 3. | Tender Cost | : Rs. 50.42 lakhs |
| 4 | Class of Contractor | : B equivalent |
| 5. | Period of Completion | : 3 Calendar Months. |
| 6. | Availability of Tender online for bidding | : 28.07.2026 at 11.00 A.M. to 04.08.2026 up to 5.00 P.M |
| 7. | Last Date & Time of seeking tender clarification | : 03.08.2026 up to 5.30 PM |
| 8. | Date & Time of opening of Technical Bid | : 05.08.2026 at 11.00 AM |
| 9. | Date & Time of opening of Financial Bid | : Intimate later |

Other details can be seen from the website http://tendersorissa.gov.in

Sd/- Superintending Engineer
Rural Works Division-II, Dkl
Kamakhyanagar

OIPR : 25001/25094/1/26-27/0012

**ODISHA HYDRO POWER CORPORATION LIMITED**
BALIMELA HYDRO ELECTRIC PROJECT:,POST: BALIMELA:
DIST: MALKANGIRI (ODISHA); PIN: 764051:
Phones: 06861-232581 (O)/232641 (R) : FAX:06861-232541.,E-Mail unit-head balimela@yahoa.com
REGD. OFFICE:ODISHA HYDRO POWER CORPORATION LIMITED
(A Govt, of Odisha Undertaking)
BHOI NAGAR.JANAPATH, BHUBANESWAR-751022
4001/227/2627 Tel.91-0674- 2542983, 2542802, 2545526,
Fax. : 2542102 GRAM :HYDROPOWER,
E-MAIL : ohpc.co@gmail.com/md@ohpcltd.com, web : www.ohpcltd.com
CIN : U40101OR1995SGC003963, GSTIN-21AAACO2575P1Z9

**TENDER CALL NOTICE No.BHEP/16/2026-27, Dtd. 27.07.2026**

The sealed tenders are invited in two part bid basis (Part-A: Technical Bid &Part-B: Price Bid) from the reputed Manufacturers / Authorized Dealer / Channel Partner / Reputed Supplier as per eligibility criteria for the supply of following measuring instruments.

| Sl . No. | Name of the Work | Cost of Tender Paper (In Rs.) |
|---|---|---|
| 1. | Procurement of 01 No. of Transformer Winding Resistance Meter, 01 No of Lightning Arrestor Leakage Current analyzer and 01 Set of Circuit Breaker Operational Analyzer for BHEP, Balimela | Rs. 1800/- (Rs. 10000/- +GST@18%) |

Availability of bid document: From 10:00 Hrs. of 01.08.2026 to 12:00 Hrs. of 18.08.2026
The last date & time of receipt of tenders: Up to 12:00 Hrs. of 18.08.2026
Date and time of opening of the Bid : 12:30 Hrs. onwards 18.08.2026
For details of tender documents. Terms and Conditions, Eligibility criteria and downloading, please visit our website at www.ohpcltd.com

Sd/- C & P Head
BHEP, Balimela

OIPR : 4001/4019/1/26-27/0016

**OFFICE OF THE MUNICIPAL COUNCIL: RAYAGADA**
**DIST-RAYAGADA**
**PIN CODE-765001, ODISHA**
**E-mail ID - raygadam.hud@nic.in**
**Letter No. 3507 Date : 28.07.2026**

13001/1317/2627 **QUOTATION CALL NOTICE**

Sealed quotation arc hereby invited from the authorized JCB Service of the declare/showroom for carrying out the required servicing of the JCB machine owned by Rayagada Municipality, as per the manufacturers prescribed schedule. Interested authorized service dealers are requested to submit their quotations, including the cost of spare parts, lubricants, service charges, taxes, and other applicable charges, to the Undersigned within the stipulated time i.e 07.08.2026 up to 1.00PM and the quotations will be opened on the same day on dated 07/08/2026 at 4PM in presence of quolationers or their authorized agents. The JCB Machine completion of 1.500 operating hours. Rayagada Municipality upon beyond which no. quotations shall be entertained quolationers. The authority reserves the right to reject any or all quotations without assigning any reasons thereof.

| SL. NO. | Nature of Work | UNIT | RATE PER UNIT |
|---|---|---|---|
| 1. | Manufacturers prescribed schedule | | |

Yours Faithfully
Sd/- Executive Officer
Rayagada Municipality

OIPR : 13001/13150/1/26-27/0011

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2026-20, ତା.23.07.2026ରିଖ

... ଟେଣ୍ଡର ମୂଲ୍ୟ (ଟଙ୍କାରେ) 3,06,96,039.57 ... ବିଡ୍ ସିକ୍ୟୁରିଟି (ଟଙ୍କାରେ) : 6,13,900/- ... ତା.13.08.2026 ଦିନ 1100 ଘଣ୍ଟାରେ।

ଉପରୋକ୍ତ ଇ-ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ଇ-ଟେଣ୍ଡର ଦସ୍ତାବିଜ ସହିତ ୱେବସାଇଟ୍ www.ireps.gov.inରେ ଉପଲବ୍ଧ ଅଛେ।

ଟୁଙ୍କେବ୍ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ (ସଙ୍କେତ), ସମ୍ବଲପୁର
PR-326/R/26-27

**ପୂର୍ବ ତଟ ରେଳପଥ**

ଅନରାରୀ ଭିଜିଟିଙ୍ଗ୍ ସ୍ପେସାଲିଷ୍ଟ (HVS)ମାନଙ୍କ ନିଯୁକ୍ତି ନିମନ୍ତେ ଦରଖାସ୍ତ ଆମନ୍ତ୍ରଣ ସୂଚନା

ସୂଚନା ସଂ.SBP/Pers/Gaz/HVS/Engagement/Med/2026, ତାରିଖ:15.07.2026

ଡିଭିଜନାଲ୍ ରେଲୱେ ହସ୍ପିଟାଲ/ସମ୍ବଲପୁରରେ ଚୁକ୍ତିଭିତ୍ତିକ ଅର୍ଥୋପେଡ଼ିକ୍, ଅପ୍‌ଥାଲ୍ମୋଲୋଜି, ... cmsecorsbp8@gmail.com ... ତା.30.06.2027 ...

1. ଅର୍ଥୋପେଡ଼ିକ୍ - 1 ଗୋଟି, 2. ଅପ୍‌ଥାଲ୍ମୋଲୋଜି - 1 ଗୋଟି, 3. ସର୍ଜରୀ - 1 ଗୋଟି, 4. ଅବ୍‌ଷ୍ଟେଟ୍ରିକ୍ସ ଓ ଗାଏନାକୋଲୋଜି - 1 ଗୋଟି, 5. ଜେନେରାଲ୍ ମେଡ଼ିସିନ୍ - 1 ଗୋଟି

ନିଯୁକ୍ତି ସ୍ଥାନ: ଡିଭିଜନାଲ୍ ରେଲୱେ ହସ୍ପିଟାଲ୍, ସମ୍ବଲପୁର । ଆବେଦନର ଶେଷ ତାରିଖ: 14.08.2026

ପାରିଶ୍ରମିକ, ଯୋଗ୍ୟତା/ଉପଯୁକ୍ତତା, ବୟସ, କାର୍ଯ୍ୟକାଳ, ସାଧାରଣ ସର୍ତ୍ତାବଳି ଓ ସୁବିଧା ଏବଂ ଦରଖାସ୍ତ ଫର୍ମାଟ ନିମନ୍ତେ ଦୟାକରି ୱେବସାଇଟ୍ https://eastcoastrail.indianrailways.gov.in →Recruitment Info →Recruitment Information →SAMBALPUR Division →Walk-in-Interview / EOI / Notifications ଅବଲୋକନ କରନ୍ତୁ ।

PR-324/R/26-27 — ମଣ୍ଡଳ କାର୍ମିକ ଅଧିକାରୀ, ସମ୍ବଲପୁର

**ODISHA HYDRO POWER CORPORATION LTD.**
OFFICE OF THE GENERAL MANAGER (ELECTRICAL), BALIMELA HYDRO ELECTRIC PROJECT,
AT/POST: BALIMELA, DIST. MALKANGIRI. PIN-764051 (ODISHA)
PHONE Nos.- 06861 - 2325810) / 232641 (R). FAX No. 06861 -232541.
E-mail : unit.head balimela@yahoo.com/ bhep.balimela@gmail.com
4001/229/2627 'e'-Procurement Notice

**NOTICE INVITING TENDER NO. BHEP/ 18 /2026-27 DATED-28.07.2026**

The Unit Head, Balimela Hydro Electric Project, Balimela, Dist-Malkangiri invites percentage rate bids in **Double Cover System i.e. Cover-I (Technical Bid) & Cover II (Price bid)** for the work through e-procurement as detailed in the table below.

| Sl. No. | Name of Work | Approx. Estimated cost in Rs. | E.M.D. in Rs. | Class of Contractor/ Firm | Cost of bid documents in Rs. | Period of Completion |
|---|---|---|---|---|---|---|
| 1 | "Annual Cleaning of Power House, Valve House, fire fighting building, Stores of BHEP, Balimela on Job Contract Basis for 02 (two) Years" | 72,04,861.00 | 72,100.00 | "B"/Registered Service Provider/ Agency | 10000/- + GST @ 18% = 11800/- | 730 days |

Date & Time of availability of bid document in the portal: From 10:00 Hrs of 29.07.2026 to 12.08.2026 (up to 17:00 Hrs)
Last date & time of submission of bid: Up to 17:00 Hrs of 12.08.2026
The date & Time of opening of the bid: 10:30 Hrs onwards of 13.08.2026 (Only Technical bid)
Further details can be seen from the e-procurement portal https://tendersodisha.gov.in

Unit Head
Balimela Hydro Electric Project, Balimela.

OIPR : 4001/4019/1/26-27/0017

**OFFICE OF THE SUPERINTENDING ENGINEER , RWS&S MECHANICAL DIVISION,**
PLOT NO. D-2/24, MANCHESWAR INDUSTRIAL ESTATE, BHUBANESWAR-751010
e-Mail:"eemrwssbbsr9@gmail.com"

32001/609/2627 **TENDER CALL NOTICE NO. SEMBBSR/04 (6) 2026-27.**

The Superintending Engineer, RWS&S Mechanical Division, Bhubaneswar, Plot- D-2/24, Mancheswar Industrial Estate, Bhubaneswar-10 on behalf of Govemor of Odisha invites item rate tender online conformity with Detail Tender Call Notice from registered and established Manpower Service Provider to provide service of bore well drilling skilled personnel to the Sub-Division office under Office of the Superintending Engineer, RWS&S Mechanical Division, Bhubaneswar as per the requirement.

| Sl. No. | Description of Items | No | Estimated Cost (Approximately per year) | Cost of Bid document | EMD |
|---|---|---|---|---|---|
| 1 | 2 | 3 | 4 | 5 | 6 |
| | RWS&S Mechanical Sub -Division-Baripada | | | | |
| 1 | H.V. Driver | 1 No | Rs.11,86,848.00 (on wages only) | 6000/- | @2% of estimated cost |
| 2 | Asst. Driller | 1 No | | | |
| 3 | Boring mate | 2 Nos | | | |
| 4 | Helper | 2 Nos | | | |
| 5 | Khallasi | 1 No | | | |

Tender document with detail technical requirement, scope of the work, term and condition will be available online in Govt. Web site ww.tendersodisha.gov.in from date 01.08.2026 to 14.08.2026 up-to 5.00 P.M. The tender will be opened on dt. 17.08.2026 at 12.00 P.M onwards in Office of the Superintending Engineer, RWS&S Mechanical Division, Bhubaneswar in presence of the bidder or their authorized representative as availability. The interested man power service providers may submit the tender document complete in all respect and duly signed along with other requisite document failing which the tender is liable for rejection.
The authority reserves the right to reject any or all the tenders without assigning any reason thereof.

Sd/- I/C Superintending Engineer
RWS&S Mechanical Division, Bhubaneswar

OIPR : 32001/32528/1/26-27/0002


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

## ପ୍ରବଳ ବର୍ଷାରେ ସ୍ଥିତି ବେହାଲ

# ଜିଲ୍ଲାର ସମସ୍ତ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ର ଛୁଟି



ସମ୍ବଲପୁର,(ସବ୍ୟୁ): ସମ୍ବଲପୁରରେ ଲଗାଣ ବର୍ଷା ଲାଗି ରହିଛି। ବର୍ଷା ଜଳ ନିଷ୍କାସନ ଜନିତ ସମସ୍ୟା ପୁଣି ଦେଖା ଦେଇଛି। ରାସ୍ତା ଉପରେ ପାଣି ଜମି ରହିବା ସହ ଅନେକ ଲୋକଙ୍କ ଘରେ ଅପରିଷ୍କାର ପାଣି ପଶିଛି। ପାଣିପାଗ ବିଭାଗ ପକ୍ଷରୁ ସମ୍ବଲପୁରକୁ ରେଡ ଆଲର୍ଟ ଜାରି କରାଯାଇଛି। ବର୍ଷା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ୨୭ ଓ ୨୮ ତାରିଖ ସମସ୍ତ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ର ବନ୍ଦ କରାଯାଇଛି। ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ସତର୍କତାମୂଳକ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାପଡିଛି। ଗତ ୨୪ଘଣ୍ଟା ମଧ୍ୟରେ ହାରାହାରି ୭୭.୫ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସେଥିମଧ୍ୟରୁ ସମ୍ବଲପୁର ସହରରେ ୧୧୮.୨ମିମି, ଯୁଯୋମୁରାରେ ୧୦୨.୪ମିମି, ଜମନକିରାରେ ୧୦୧.୮ମିମି, ଧନକଉଡାରେ ୯୨.୪ମିମି, ମାନେଶ୍ୱରରେ ୮୭.୮ମିମି, କୁଚିଣ୍ଡାରେ ୮୬.୫ମିମି, ରେଙ୍ଗାଲିରେ ୮୨ମିମି, ରେଢାଖୋଲରେ ୪୨ମିମି, ବାମରାରେ ୪୦.୮ମିମି ଓ ନାକଟିଦେଉଳ ବ୍ଲକରେ ୪୦ମିମି ବର୍ଷା ହୋଇଛି। ସମ୍ବଲପୁର ସହରରେ ଲଗାଣ ବର୍ଷା ଓ ଡ୍ରେନେଜ ସମସ୍ୟା ଯୋଗୁଁ ବର୍ଷା ପାଣି ଜମି ରହିଛି। ଜଳ ନିଷ୍କାସନ ବ୍ୟବସ୍ଥା ସଠିକ୍ ଭାବେ କାର୍ଯ୍ୟ ନକରିବାକୁ ଏହା ଅଧିକ ସମସ୍ୟା ସୃଷ୍ଟି କରିଛି। ଦୀର୍ଘ ସମୟ ଧରି ବର୍ଷା ପାଣି ରାସ୍ତା ଓ ତଳି ଅଞ୍ଚଳରେ ଥିବା ଘର ଗୁଡିକରେ ପଶିଥିବା ଦେଖିବାକୁ ମିଳିଛି। ରାଜପଥ ଉପରେ ଆଣ୍ଠୁଏ ଉଚ୍ଚର ପାଣି ଲହଡି ମାରୁଛି। ଡ୍ରେନ ସଫେଇ ହୋଇନଥିବା ବେଳେ ଅପରିଷ୍କାର ପାଣି ଓଲଟି ଘରେ ଭିତରେ ପଶୁଛି। ଫଳରେ ମୁଦିପଡା, ସାକ୍ଷୀପଡା, ମନ୍ଦଲିଆ, ଗୋପାଳମାଲ, ଠାକୁରପଡା, ଦେଉଳବନ୍ଧ , ବାହାଲପଡା, କୁରେଇଟୋଲା, ବୁଢାରଜା, ହୀରାକୁଦ କଲୋନୀ, ବଡବଜାର , ମାଳିପଡା ଓ ବଙ୍ଗାଳିପଡା ଆଦି ଅଞ୍ଚଳରେ ଏହି ସମସ୍ୟା ଦେଖା ଯାଇଛି। ଏହାଦ୍ୱାରା ସ୍ଥାନୀୟ ଲୋକେ ନାହିଁନଥିବା ଅସୁବିଧା ଭୋଗ କରୁଛନ୍ତି। ପୂର୍ବରୁ ଏନେଇ ସ୍ଥାନୀୟ ଲୋକେ ଜିଲ୍ଲା ପ୍ରଶାସନକୁ ଅବଗତି କରିଥିଲେ ସୁଦ୍ଧା କୌଣସି ସ୍ଥାୟୀ ପ୍ରତିକାର କରାଯାଇନାହିଁ। ଏଥିଯୋଗୁଁ ସମ୍ବଲପୁର ସହରରେ ମନୁଷ୍ୟକୃତ ବନ୍ୟା ସୃଷ୍ଟି ହୋଇଛି।

# ଲଗାଣ ବର୍ଷାରେ ବେହାଲ ରାୟଗଡ଼ା : ବଢୁଛି ନଦୀର ଜଳସ୍ତର



ରାୟଗଡା,(ସବ୍ୟୁ): ରାଜ୍ୟରେ ଜାରି ରହିଥିବା ଲଘୁଚାପଜନିତ ଲଗାଣ ବର୍ଷା ପ୍ରଭାବରେ ରାୟଗଡ଼ା ଜିଲ୍ଲାର ଜନଜୀବନ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ସୋମବାରରୁ ଲଗାତାର ବର୍ଷା ଯୋଗୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଛୋଟ ନାଳ ଗୁଡ଼ିକରେ ପାଣି ବଢ଼ିଥିବା ବେଳେ କେତେକ ସ୍ଥାନରେ ରେଳପଥ ଜଳମଗ୍ନ ହୋଇଥିବା ଜଣାପଡ଼ିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରକାଶିତ ବର୍ଷା ରିପୋର୍ଟ ଅନୁଯାୟୀ, କାଶୀପୁର ବ୍ଲକରେ ସର୍ବାଧିକ ୬୯.୩ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ବେଳେ ରାୟଗଡ଼ାରେ ୬୦.୮, ପଦ୍ମପୁରରେ ୬୦.୧, ଗୁଡ଼ାରୀରେ ୪୨.୪, କଲ୍ୟାଣସିଂହପୁରରେ ୩୯.୪ ଏବଂ ରାମନାଗୁଡ଼ାରେ ୩୩.୪ ମିଲିମିଟର ବର୍ଷା ହୋଇଛି। ଲଗାଣ ବର୍ଷା ଯୋଗୁ ଜିଲ୍ଲାର ପ୍ରମୁଖ ନଦୀ ଗୁଡ଼ିକରେ ଜଳସ୍ତର ବଢ଼ିବା ଆରମ୍ଭ ହୋଇଛି। ଝଞ୍ଜାବତୀ ନଦୀରେ ବଢ଼ି ପାଣି ଆସିଥିବା ଦେଖାଯାଇଥିବା ବେଳେ ବଂଶଧାରା ଓ ନାଗାବଳୀ ନଦୀର ଜଳସ୍ତର ମଧ କ୍ରମାଗତ ଭାବେ ବୃଦ୍ଧି ପାଉଛି। ଯଦିଓ ନଦୀ ଗୁଡ଼ିକର ସଠିକ ଜଳସ୍ତର ସମ୍ପର୍କରେ ପ୍ରଶାସନିକ ସୂଚନା ମିଳିନାହିଁ, ତଥାପି ଦୀର୍ଘ ୮ ବର୍ଷ ପୂର୍ବର ବନ୍ୟା ସ୍ଥିତି ସହ ସମାନ ପରିସ୍ଥିତି ସୃଷ୍ଟି ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ସୋମବାର ଠାରୁ ବଂଶଧାରା ନଦୀର ଉପରମୁଣ୍ଡ ଚନ୍ଦ୍ରପୁର, ମୁନିଗୁଡ଼ା ଓ ଗୁଡ଼ାରୀ ଅଞ୍ଚଳରେ ଲଗାଣ ବର୍ଷା ଜାରି ରହିଥିବାରୁ ନଦୀରେ ଜଳପ୍ରବାହ ବୃଦ୍ଧି ପାଇଛି। ମଙ୍ଗଳବାର ସକାଳେ ମଧ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପୁଣି ବର୍ଷା ହୋଇଥିବାରୁ ଜନଜୀବନ ଅଧିକ ପ୍ରଭାବିତ ହୋଇଛି। ଅନ୍ୟପକ୍ଷରେ ରାୟଗଡ଼ା ସୀମାନ୍ତ ଗଜପତି ଜିଲ୍ଲାର ହରଭାଙ୍ଗୀ ଜଳସେଚନ ପ୍ରକଳ୍ପର ଅଧୀକ୍ଷଣ ଯନ୍ତ୍ରୀଙ୍କ ରିପୋର୍ଟ ଅନୁସାରେ ହରଭାଙ୍ଗୀ ଜଳଭଣ୍ଡାରର ନିମ୍ନ ଅବବାହିକାରେ ବସବାସ କରୁଥିବା ନଦୀକୂଳିଆ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଜଳଭଣ୍ଡାରର ସୁରକ୍ଷା ଦୃଷ୍ଟିରୁ ଯେ କୌଣସି ସମୟରେ ଅତିରିକ୍ତ ପାଣି ନଦୀକୁ ଛଡ଼ା ଯାଇପାରେ ଏହାକୁ ଦୃଷ୍ଟିରେ ରଖି ବଂଶଧାରା ନଦୀ ଉପରମୁଣ୍ଡର ଗୁଡ଼ାରୀ, ଗୁଣପୁର, ପଦ୍ମପୁର, କେନ୍ଦୁଗୁଡ଼ା ଓ କାଶୀନଗର ଅଞ୍ଚଳର ନଦୀକୂଳିଆ ବାସିନ୍ଦାଙ୍କ ସହ ସମ୍ପୃକ୍ତ ଅଧିକାରୀମାନଙ୍କୁ ମଧ ସଜାଗ ରହିବାକୁ ମଧ ପରାମର୍ଶ ଦିଆଯାଇଛି। ସେପଟେ ପାଣିପାଗ ବିଭାଗ ଆଗାମୀ କିଛି ଘଣ୍ଟା ପର୍ଯ୍ୟନ୍ତ ବର୍ଷା ଜାରି ରହିବାର ସମ୍ଭାବନା ରହିଛି।

## ଗର୍ଭବତୀ ପତ୍ନୀକୁ ମରଣାନ୍ତକ ଆକ୍ରମଣ

ନାଉଗା ,(ସବ୍ୟୁ) : ନାଉଗାଁ ଥାନା ଅନ୍ତର୍ଗତ ଜାମୁଗାଁ ପଂଚାୟତ ଗୋବିନ୍ଦାତୋଟା ଗ୍ରାମର ରଶ୍ମିତା ନାୟକଙ୍କୁ ତାଙ୍କ ସ୍ୱାମୀ ମରଣାନ୍ତକ ଆକ୍ରମଣ କରିଥିବା ରଶ୍ମିତା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ରଶ୍ମିତା ଉକ୍ତ ଗ୍ରାମର କିରଣ ପ୍ରସାଦ ଜେନାଙ୍କୁ ଭଲ ପାଇ ଏକ ବର୍ଷ ତଳେ ବିବାହ କରିଥିଲେ । ବର୍ତ୍ତମାନ ରଶ୍ମିତା ଗର୍ଭବତୀ ଅଛନ୍ତି । ନିଶା ଖାଇ କିରଣ ରଶ୍ମିତାକୁ ସବୁ ବେଳେ ମାଡ ମାରନ୍ତି । କିଛି ଦିନ ତଳେ ଏପରି ମାଡ ମାରିଥିଲେ ଯେ ରାତିରେ ଲୁଚି ଧାନ ବିଲରେ ଚେତାଶୂନ୍ୟ ହୋଇ ପଡିଥିଲା । ସ୍ଥାନୀୟ ସରପଂଚ, ଆଶା, ଅଙ୍ଗନୱାଡି କର୍ମୀଙ୍କ ସହାୟତାରେ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ କରାଇ ୧୦୮ ଆମ୍ବୁଲାନସ ଯୋଗେ ଜଗତସିଂହପୁର ଚିକିତ୍ସାଳୟକୁ ପଠାଇଥିଲେ । ସେ ଚିକିତ୍ସିତ ହୋଇ ଘରକୁ ଫେରିବା ପରେ ପୁନର୍ବାର ତାଙ୍କ ସ୍ୱାମୀ ତାଙ୍କୁ ମାଡ ମାରିଥିଲେ । ଜୀବନ ବିକଳରେ ସେ ଘରୁ ଲୁଚି ପଳାଇ ୱାର୍ଡ ସଭ୍ୟଙ୍କ ବାରଣ୍ଡାରେ ରାତ୍ରଯାପନ କରିଥିଲେ । ପରେ ଥାନାରେ ଆସି ଲିଖିତ ଅଭିଯୋଗ କରିଥିଲେ । ଅନ୍ୟପଟରେ ଥାନା ପକ୍ଷରୁ ଅଭିଯୋଗ ପାଇବା ପରେ ତଦନ୍ତ ଜାରି ରହିଥିବା ଥାନାଧିକାରୀ ଦେବାଶୀଷ ପଣ୍ଡା ମତବ୍ୟକ୍ତ କରିଛନ୍ତି ।

## ସାବଧାନ : ଗୋବରୀ ନଦୀରେ ବୁଲୁଛି କୁମ୍ଭୀର

କୁଆଁପାଳ, (ସବ୍ୟୁ) : ମାହାଙ୍ଗା ବ୍ଲକରେ ପ୍ରବାହିତ ଗୋବରୀ ନଦୀରେ କୁମ୍ଭୀର ବୁଲୁଥିବା ନେଇ ସ୍ଥାନୀୟ ଅଂଚଳବାସୀ ଭୟଭିତ ହୋଇପଡିଛନ୍ତି ।ଗତକାଲି ୩.୫୦ ସମୟରେ ପାଇକରାପୁର ପଂଚାୟତ ମାଟିପାରିଲୋ ସରକାରୀ ପ୍ରାଥମିକ ବିଦ୍ୟାଳୟ ପଛପଟ ଗୋବରୀ ନଦୀରେ ସ୍ଥାନୀୟ ଲୋକେ ଏକ କୁମ୍ଭୀର ପହଁରୁଥିବା ଦେଖିବାକୁ ପାଇଥିଲେ । ଆଜି ଲଳିତଗିରି ପଂଚାୟତ ଜେରକନ୍ଦ ଗ୍ରାମ ନିକଟରେ ମଧ ଏହି କୁମ୍ଭୀରଟି ବୁଲୁଥିବା ଲୋକମାନେ ଦେଖି ଫଟୋ ଉତୋଳନ କରିଥିଲେ । ଏହି କୁମ୍ଭୀରଟିର ଲମ୍ବ ପ୍ରାୟ ୫ ଫୁଟରୁ ଉର୍ଦ୍ଧ୍ୱ ହେବ ବୋଲି ଲୋକମାନେ ଆଲୋଚନା କରୁଛନ୍ତି । କୁମ୍ଭୀରକୁ ଲୋକେ ଦେଖିବା ପରେ ଫଟୋ ଉତୋଳନ କରି ଏହାର ଭିଡିଓ ଭାଇରାଲ କରିଛନ୍ତି । ଯାହାକୁ ନେଇ ନଇ କୁଳରେ ବସବାସ କରୁଥିବା ଗ୍ରାମବାସୀଙ୍କ ମଧରେ ଭୟର ବାତାବରଣ ଖେଳିଯାଇଛି । ତେଣୁ ଜିଲ୍ଲା ପ୍ରଶାସନ ଓ ବନ ବିଭାଗ ଏଥିପ୍ରତି ସୁତନ୍ତ୍ର ଦୃଷ୍ଟି ଦେଇ କୁମ୍ଭୀରକୁ ଧରିବାକୁ ସାଧାରଣରେ ଦାବି ହୋଇଛି ।

## ପିତୃହନ୍ତା ପୁଅ ଗିରଫ

ସମ୍ବଲପୁର,(ସବ୍ୟୁ): ବଡ଼ ପୁଅର ଟାଙ୍ଗିଆ ଚୋଟରେ ବାପର ମୃତ୍ୟୁ ଘଟଣାରେ ପଦାକୁ ଆସିଛି। ପାରିବାରିକ କଳହ ପିତୃହତ୍ୟା ମାମଲାର ମୂଳ କାରଣ ବୋଲି ଜଣାପଡିଛି। ଏନେଇ କୁଚିଣ୍ଡା ଥାନା ପୋଲିସ ୧୬୦/୨୬ରେ ଏକ ମାମଲା ରୁଜୁ କରି ମୃତକଙ୍କ ବଡ଼ପୁଅ ଗୋବିନ୍ଦ ଭୋଇ(୪୬)ଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ନିକଟରୁ ଏକ ରକ୍ତଲଗା ଟାଙ୍ଗିଆ ଆଦି ଜବତ ହୋଇଛି। ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଥାନା ଅନ୍ତର୍ଗତ ମନପାଲି ଗ୍ରାମର ଧନେଶ୍ୱର ଭୋଇ(୭୫) ଓ ତାଙ୍କ ବଡ଼ ପୁଅ ଗୋବିନ୍ଦଙ୍କ ମଧ୍ୟରେ ଗତ ୨୭ତାରିଖ ରାତି ପ୍ରାୟ ୮ଟାରେ ପାରିବାରିକ କଳହ ଉପୁଜିଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଗୋବିନ୍ଦ ଏକ ଟାଙ୍ଗିଆରେ ନିଜ ବାପକୁ ଆକ୍ରମଣ କରିଥିଲା। ଏହାଦେଖି ସାନବୋହୂ ମୀରା ନାୟକ ବାରଣ କରିବାରୁ ସେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ତେବେ ଉଭୟଙ୍କୁ ପରିବାର ଲୋକେ ଉଦ୍ଧାର କରି କୁଚିଣ୍ଡା ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଧନେଶ୍ୱରଙ୍କ ସ୍ୱାସ୍ଥ୍ୟ ସଙ୍କଟାପନ୍ନ ଥିବାବେଳେ ତାଙ୍କୁ ବୁର୍ଲା ଭିମସାର ସ୍ଥାନାନ୍ତରିତ କରାଯାଉଥିଲା। ତେବେ ଲଇଡା ନିକଟରେ ତାଙ୍କର ମୃତ୍ୟୁ ହୋଇଥିଲା।

## ସ୍କୁଟି -ବାଇକ୍ ମୁହାଁମୁହିଁ : ୪ ଗୁରୁତର

କୁଲାଡ଼, (ସବ୍ୟୁ) : ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ଅଧିନ ଜାତୀୟ ରାଜପଥ ଭଞ୍ଜନଗରୁ କୁଲାଡ଼ ରାସ୍ତାରେ ଥିବା ସାହଣପଲ୍ଲୀ ଗ୍ରାମ ନିକଟ ବୁଲାଣୀ ଠାରେ ମଙ୍ଗଳବାର ଅପରାହ୍ନରେ ଦୁଇ ବିପରିତ ଦିଗରୁ ଆସୁଥିବା ସ୍କୁଟି ଓ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଚାରିଜଣ ଗୁରୁତର ହୋଇଛନ୍ତି । ଗୁରୁତର ଅବସ୍ଥାରେ ସେମାନଙ୍କୁ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ଭଞ୍ଜନଗର ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ଗୁରୁତରମାନେ ହେଲେ ତାରାସିଂ ଥାନା ଅଧିନ ବାଲିସାହିର ଜିତୁ ଗୌଡ, ବାହାକପଲ୍ଲି ଗ୍ରାମର ସୁନିଲ ଗୌଡ। ଏମାନେ ଭଞ୍ଜନଗରରୁ କୌଣସି କାମରେ ଆସି ନିଜ ଗ୍ରାମକୁ ଫେରୁଥିବା ବେଳେ ବିପରିତ କୁଲାଡ଼ ଆଡୁ ଏକ ସ୍କୁଟିରେ ଭଞ୍ଜନଗର ଆସୁଥିବା ବ୍ରହ୍ମପୁର ଅସୋକନଗର ୬ନଂ ଗଳିର ଏସ୍ ରାମୁଲ ପାତ୍ର ତାଙ୍କର ସାଙ୍ଗ ବ୍ରହ୍ମପୁରର ସମିର କୁମାର ଦାସ ଉଭୟଙ୍କ ଗାଡି ମୁହାଁମୁହିଁ ହେବା ଫଳରେ ଘଟଣାସ୍ଥଳରେ ଉଭୟ ଗାଡିର ଚାରି ଜଣ ଗୁରୁତର ହୋଇଥିଲେ। ଏମାନଙ୍କର ଅବସ୍ଥା ଅଧିକ ଗୁରୁତର ଥିବାରୁ ତୁରନ୍ତ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସ୍କୁଟି ଗାଡିର ଜଣକ ଅବସ୍ଥା ଅତି ଗୁରୁତର ସହ ଅନ୍ୟ ଜଣଙ୍କ ଡାହାଣ ଗୋଡକୁ ଭିଷଣ ଆଘାତ ହୋଇ ଗୋଡଟି ଭାଙ୍ଗି ଥିବା ଜଣାପଡିଛି। ସେହିପରି ବାଇକ୍ ଚାଳକ ମଧ୍ୟରୁ ଜିତୁ ଗୌଡ ମଧ ଅତି ଗୁରୁତର ଥିବାବେଳେ ତାର ସହଯୋଗୀ ସୁନିଲ ଗୌଡଙ୍କ ମୁହଁ ଓ ମୁଣ୍ଡକୁ ମଧ ଭିଷଣ ଆଘାତ ଲାଗିଥିବା ଡାକ୍ତରଙ୍କ ସୁତ୍ରରୁ ଜଣାପଡିଛି ।

## ସ୍କୁଲ-ଅଙ୍ଗନୱାଡି ଭିତରେ ପାଣି

ପଟ୍ଟାମୁଣ୍ଡାଇ, (ସବ୍ୟୁ) : ଲଗାଣ ବର୍ଷା ଯୋଗୁଁ ପଟ୍ଟାମୁଣ୍ଡାଇ ତହସିଲ ଅନ୍ତର୍ଗତ ଅଡାକୋରି ଗ୍ରାମ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯାଇଛି। ଜନୈକ ବ୍ୟକ୍ତିଙ୍କ ଦ୍ୱାରା ଗ୍ରାମର ଜଳ ନିଷ୍କାସନ ପଥ ଅବରୋଧ ଯୋଗୁଁ ରାସ୍ତା ଉପରେ ଆଂଠୁଏରୁ ଉର୍ଦ୍ଧ୍ୱ ପାଣି ଜମି ରହିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଫଳରେ ଯାତାୟାତ ସମ୍ପୂର୍ଣ୍ଣ ଠପ ହେବା ସହିତ ଗ୍ରାମର ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର,ପଣ୍ଡା ସାହି ,ନାୟକ ସାହି ,ମହାନ୍ତି ସାହି ପାଣିରେ ଉବୁଟୁବୁ ହୋଇରହିଛି। ପିଲାଙ୍କ ପାଠପଢା ବ୍ୟାହତ ହେବା ସହିତ ଗ୍ରାମର ଅନେକ ଘରେ ପାଣି ପଶିଯାଇଛି। ବୟସ୍କ ଏବଂ ଛୋଟ ପିଲାଙ୍କୁ ନେଇ ସାପ ଏବଂ ଝାଡ଼ାବାନ୍ତି ରୋଗ ଭୟରେ ଗ୍ରାମବାସୀ ଅତ୍ୟନ୍ତ ଆତଙ୍କିତ ଅବସ୍ଥାରେ ଦିନ କାଟୁଛନ୍ତି।ଏନେଇ ଗ୍ରାମବାସୀ ଆଜି ପଟ୍ଟାମୁଣ୍ଡାଇ ତହସିଲଦାରଙ୍କୁ ଭେଟି ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ପାଣି ନିଷ୍କାସନ ଏବଂ ନିଷ୍କାସନ ପଥର ଅବରୋଧ ହଟାଇବା ପାଇଁ କାର୍ତ୍ତିକ ନାୟକ,ଅଜୟ ଦାଶ ,ପ୍ରଦୀପ ପଣ୍ଡା,ବ୍ରଜବନ୍ଧୁ ପଣ୍ଡା,କିଶୋର ମହାନ୍ତି,ଗୋଲେଖ ମହାନ୍ତି ,ସଂଗ୍ରାମ ମହାନ୍ତି ,ବୁଟୁନା ପଣ୍ଡା ,ରବୀନ୍ଦ୍ର ମଲିକ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।ପ୍ରଶାସନ ପକ୍ଷରୁ ସ୍ଥିତି ଅନୁଧ୍ୟାନ କରାଯାଉଥିବା ଏବଂ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି।

## ରେମାଳ ନଦୀରେ ଭାସିଗଲେ ଯୁବତୀ

କେନ୍ଦୁଝର , (ଜିପ୍ର) :କେନ୍ଦୁଝର ଜିଲ୍ଲାର ଘଷିପୁରା ଅଞ୍ଚଳରେ ରେମାଳ ନଦୀର ବନ୍ୟାଜଳରେ ଗାଧୋଇବା ବେଳେ ୨୪ ବର୍ଷୀୟା ଉର୍ମିଳା ପାତ୍ର (୨୪) ନାମକ ଜଣେ ଯୁବତୀ ଭାସିଯାଇଛନ୍ତି। ଘଷିପୁରା ଥାନା ଅନ୍ତର୍ଗତ କେଶଦୁରାପାଳ ଗ୍ରାମରେ ଘଟିଛି। ସୂଚନାନୁସାରେ, କୁଳମଣି ପାତ୍ରଙ୍କ ଝିଅ ଉର୍ମିଳା ପାତ୍ର (ବୟସ ୨୪) ରେମାଳ ନଦୀର ପାତ୍ର ସାହି ଘାଟରେ ସବୁଦିନ ଭଳି ମଙ୍ଗଳବାର ଦିନ ଗାଧୋଇବାକୁ ଯାଇଥିଲେ। ନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ଏଥିରେ ଅଚାନକ ଗୋ ଖସି ଭାସିଯାଇଥିଲେ। ଅନେକ ସମୟ ଧରି ଘରକୁ ନଫେରିବାରୁ ପରିବାର ଲୋକ ଓ ପାଖପୋ ନଦୀ କୂଳକୂଳରେ କେଶଦୁରପାଳ ,ଦରଡ଼ିପାଳ ,ଦେଓଗାଁ ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ। ବର୍ତ୍ତମାନ ସୁଦ୍ଧା ଉର୍ମିଳାଙ୍କୁ ଠାବ କରାଯାଇପାରିନାହିଁ। ଅଗ୍ନିଶମ ବାହିନୀକୁ ସୂଚିତ କରାଯାଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ଅଗ୍ନିଶମ କିମ୍ବା ଓଡ୍ରାଫ ଟିମ ପହଞ୍ଚିନାହାନ୍ତି। ପରିବାର ପକ୍ଷରୁ ଘସିପୁରା ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି।

## ପଞ୍ଚଲିଙ୍ଗେଶ୍ୱରରେ ଲହଡ଼ି ମାରୁଛି ୫ଫୁଟ ଉଚ୍ଚର ପାହାଡ ପାଣି

ନୀଳଗିରି, (ସବ୍ୟୁ): ଉତ୍ତର ଓଡିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ପୀଠକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ରଖାଯାଇଛି। ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଦେବଗିରି ପାହାଡ଼ର ୫ଫୁଟ ଉଚ୍ଚର ଝରଣା ପାଣିର ପ୍ରଖର ସ୍ରୋତ ଆସି ଶୈବପୀଠ ସ୍ଥଳୀ ଓ ପୂଜା ମଣ୍ଡପର ଦୀପ ଜାଳିବା ସ୍ଥାନରେ ଲହଡ଼ି ମାରୁଥିଲା। ସୋମବାର ରାତ୍ରିରେ ମଧ ପ୍ରବଳ ବର୍ଷା ହୋଇଥିଲା। ଫଳରେ ମଙ୍ଗଳବାର ଏହି ଲଗାଣ ବର୍ଷା ଯୋଗୁଁ ଦେବଗିରି ପାହାଡ ପାଣିର ସ୍ରୋତ ଏତେ ପ୍ରଖର ଥିଲା ଯେ ପଞ୍ଚଲିଙ୍ଗେଶ୍ୱର ମୁଖ୍ୟ ଫାଟକ ଦେଇ ପାହାଡ ପାଣିର ସ୍ରୋତ ଆସିଥିଲା। ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ଟ୍ରଷ୍ଟବୋଡ ପକ୍ଷରୁ ପଞ୍ଚଲିଙ୍ଗେଶ୍ୱର ଶୈବପୀଠକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ପ୍ରଶାସନ ପକ୍ଷରୁ ବନ୍ଦ ରଖାଯାଇଥିବା ଜଣାପଡ଼ିଛି।

## ବନ୍ଦର ଗେଟ ପାଖରେ ଜଳିଗଲା ବାଇକ୍

ପାରାଦୀପ, (ଜିପ୍ର) : ପାରାଦୀପ ବନ୍ଦର ଏକ ନମ୍ବର ଗେଟ ପାଖରେ ହୁତହୁ ହୋଇ ଜଳିଗଲା ମୋଟର ସାଇକେଲ । ଆଜି ମୋଟର ସାଇକେଲଟି କେହି ଥୋଇ ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟକୁ ଯାଇଥିବା ବେଳେ କୌଣଷି କାରଣରୁ ନିଆଁ ଲାଗିବା ଦେଖିବାକୁ ମିଳିଥିଲା । ସୁରକ୍ଷା କର୍ମୀମାନେ ଉକ୍ତ ନିଆଁକୁ ଆୟତ କରିଥିଲେ ମଧ୍ୟ ଗାଡିଟି ସମ୍ପୂର୍ଣ୍ଣ ପୋଡି ଯାଇଥିବା ଦେଖିବାକୁ ମିଳିଛି । ନିଆଁ କିପରି ଲଗିଲା ତାହା ଏପର୍ଯ୍ୟନ୍ତ ଜଣାପଡ଼ି ନଥିବା ବେଳେ ଏହାର କାରଣ ଖୋଜା ଚାଲିଛି ।

## ୧୦ ଲକ୍ଷରୁ ଅଧିକ ଟଙ୍କାର ଗହଣା ଲୁଟ୍

ସୋର,(ସବ୍ୟୁ): ଅନନ୍ତପୁର ଥାନା ଅନ୍ତର୍ଗତ ଖେରଣା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ଗ୍ରୀଲ ଭାଙ୍ଗି ତିନିଜଣ ଦୁର୍ବୃତ୍ତ ୧୦ ଲକ୍ଷରୁ ଅଧିକ ଟଙ୍କାର ଗହଣା ଲୁଟି ନେଇଥିବା ଜଣାପଡିଛି। ଖେରମା ଗ୍ରାମର ରଘୁନାଥ କେସିଙ୍କ ପୁଅ ବିଦେଶରେ ରହୁଥିବା ବେଳେ ରଘୁନାଥ ତାଙ୍କ ସ୍ତ୍ରୀ,ବୋହୂ ଓ ଦୁଇ ନାତି ନାତୁଣୀଙ୍କୁ ନେଇ ରୁହନ୍ତି। ସୋମବାର ରାତିରେ ତିନିଜଣ ଦୁର୍ବୃତ୍ତ ତାଙ୍କ ଘର ଗ୍ରୀଲ କାଟି ଘର ଭିତରକୁ ପଶିବା ସହିତ ଦୁଇ ଛୋଟ ପିଲାଙ୍କ ବେକରେ ଭୁଜାଲି ରଖି ଭୟଭିତ କରାଇଥିଲେ। ପରେ ତାଙ୍କ ବୋହୂ ଗଡ଼ରେଜର ଚାବି ଦେବାରୁ ଗଡ଼ରେଜରେ ଥିବା ୧୦ ଲକ୍ଷରୁ ଅଧିକ ଟଙ୍କାର ଗହଣା ଓ ନଗଦ ୩୦ ହଜାର ଟଙ୍କା ଲୁଟି ନେଇଥିଲେ। ଏନେଇ ଆଜି ସକାଳେ ଅନନ୍ତପୁର ଥାନାରେ ଅଭିଯୋଗ ହେବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ବଜ୍ରପାତରେ ଚାଷୀଙ୍କ ମୃତ୍ୟୁ

କଣ୍ଟାପଡ଼ା, (ସବ୍ୟୁ): ବିଲରେ କାମ କରୁଥିବା ସମୟରେ ବଜ୍ରପାତ ଯୋଗୁଁ ଜଣେ ଯୁବ ଚାଷୀଙ୍କ ଅକାଳ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ କାପଡ଼ା ବ୍ଲକ ଓଲଟପୁର ଥାନା ଅନ୍ତର୍ଗତ ଅଡ଼ଶପୁର ଗ୍ରାମର ପ୍ରତାପ ମୁଦୁଲି (୪୨)। ପ୍ରତାପ ସୋମବାର ଦିନ ବିଲକୁ ଧାନ ତଳି ପକାଇବାକୁ ଯାଇଥିଲାବେଳେ ସେଠାରେ ତାଙ୍କ ଉପରେ ବଜ୍ରପାତ ହୋଇଥିଲା। ସଂଜ୍ଞାହୀନ ଅବସ୍ଥାରେ ତାଙ୍କୁ ତୁରନ୍ତ ନିକଟସ୍ଥ ଅଡ଼ଶପୁର ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ ପ୍ରତାପକଙ୍କ ବିଧବା ପତ୍ନୀ ଓ ଦୁଇଟି ଛୋଟ ପିଲା ଅଛନ୍ତି ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ବକ୍ତି ହୋଇଥିବାରୁ ତାଙ୍କୁ ହରାଇ ସମ୍ପୃକ୍ତ ପରିବାର ଅସହାୟ ହୋଇପଡ଼ିଛି। କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ପୋଖରୀରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ଖପ୍ରାଖୋଲ,(ସବ୍ୟୁ): ଖପ୍ରାଖୋଲ ଥାନା ଓଡିଆପାଲି ପଞ୍ଚାୟତ କପସିପାଲି ଗାଁ ର ଏକ ପୋଖରୀରୁ ଜଣେ ବୃଦ୍ଧଙ୍କ ମୃତ ଦେହ ଖପ୍ରାଖୋଲ ପୋଲିସ୍ ମଙ୍ଗଳବାର ଉଦ୍ଧାର କରିଛି। ମୃତ ବୃଦ୍ଧ ଜଣକ ହେଲେ ପାଟଣାଗଡ଼ ଥାନା ଦଲଦଲି ଗାଁ ର ସୁବନ ତାଣ୍ଡି (୭୯) ବୋଲି ଜଣାଯାଇଛି । ବୃଦ୍ଧ ଜଣକ ଦୀର୍ଘ ୨୦ ବର୍ଷ ହେଲା କପସିପାଲି ଗାଁ ର ଜଣେ ଚାଷୀଙ୍କ ଠାରେ କାମ କରି ଆସୁଥିଲେ।ସୂଚନା ଅନୁସାରେ ବୃଦ୍ଧ ଜଣକ ସେହି ଚାଷୀଙ୍କ ଫାର୍ମ ରେ ରହୁଥିଲେ। ହେଲେ ମଙ୍ଗଳବାର ସକାଳେ ଜଣେ ବ୍ୟକ୍ତିର ଅଧା ବୁଡ଼ା ମୃତଦେହ ପୋଖରୀରେ ଭାସୁଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ଖବର ପାଇଁ ଖପ୍ରାଖୋଲ ଥାନା ଏସ ଆଇ ଲିଙ୍ଗରାଜ କିଶାନ, ଅଗ୍ନିଶମ ଅଧିକାରୀ ଜୟ ଗୋପାଳ ପଣ୍ଡାଙ୍କ ନେତୃତ୍ୱରେ ଅଗ୍ନିଶମ ବାହିନୀ ପହଞ୍ଚି ମୃତ ଦେହ ଉଦ୍ଧାର କରି ଥିଲେ। ଏନେଇ ଖପ୍ରାଖୋଲ ଥାନା କେସ ନମ୍ବର ୬/୨୦୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପରେ ମୃତ ଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଘଟଣାର ତଦନ୍ତ ଚାଲିଥିବା ଖପ୍ରାଖୋଲ ଥାନା ଏସ ଆଇ କିଶାନ ସୂଚନା ଦେଇଛନ୍ତି।

## ମା' ଓ ଦିବ୍ୟାଙ୍ଗ ଝିଅର ମୃତଦେହ ଉଦ୍ଧାର

# ପୋଲିସର ତଦନ୍ତ ଆରମ୍ଭ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ଦିବ୍ୟସିଂପୁର ଗ୍ରାମରେ ମା ଓ ତାଙ୍କ ଦିବ୍ୟାଙ୍ଗ ନାବାଳିକା ଝିଅଙ୍କ ମୃତଦେହ ଉଦ୍ଧାର ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଘର ଭିତରୁ ମାଙ୍କ ମୃତଦେହ ଏବଂ ଘର ନିକଟସ୍ଥ କେନାଲରୁ ଝିଅଙ୍କ ମୃତଦେହ ଉଦ୍ଧାର ହୋଇଥିବାବେଳେ ଘଟଣାର ପ୍ରକୃତ କାରଣକୁ ନେଇ ବିଭିନ୍ନ ପ୍ରଶ୍ନ ଉଠିଛି । ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଶନିବାର ସକାଳେ ଦିବ୍ୟସିଂପୁର ଗ୍ରାମର ଅନ୍ୱେଷା ହଷ୍ଟେଲ ନିକଟରେ ଥିବା କେନାଲରେ ଏକ ନାବାଳିକାଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଘଟଣାସ୍ଥଳକୁ ଯିବା ସମୟରେ ନିକଟସ୍ଥ ଏକ ଘରୁ ଦୁର୍ଗନ୍ଧ ଆସୁଥିବାରୁ ସନ୍ଦେହ ହୋଇଥିଲା । ପରେ ଘର ଭିତରକୁ ଯାଇ ଦେଖିବାରୁ ମଶାରୀ ଭିତରେ ଜଣେ ମହିଳାଙ୍କ ଗଳିତ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ଉଦଳା ପୁଲିସକୁ ଖବର ଦେଇଥିଲେ । ମୃତକମାନେ ହେଲେ ସେହି ଘରେ ବସବାସ କରୁଥିବା ଫୁଲମଣି ହେମ୍ବ୍ରମ ଏବଂ ତାଙ୍କର ଦିବ୍ୟାଙ୍ଗ ନାବାଳିକା ଝିଅ । ଘର ଭିତରେ ଫୁଲମଣିଙ୍କ ମୃତଦେହ ଥିବାବେଳେ ଘର ବାହାର କେନାଲରୁ ଝିଅଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଘଟଣାସ୍ଥଳର ପାରିପାର୍ଶ୍ୱିକ ସ୍ଥିତିକୁ ନେଇ ପୁଲିସ ବିଭିନ୍ନ ଦିଗରୁ ତଦନ୍ତ ଚଳାଇଛି । ଘର ଭିତରେ ସାମଗ୍ରୀ ଅସଜଡ଼ା ଅବସ୍ଥାରେ ଥିବା ସହ ମୃତକ ଫୁଲମଣି ହେମ୍ବ୍ରମଙ୍କର ପୂର୍ବରୁ ଜମିଜମା ସମ୍ବନ୍ଧୀୟ ବିବାଦ ରହିଥିବା ସ୍ଥାନୀୟ ଲୋକେ କହିଛନ୍ତି । ଏହାସହ ଗତ ମେ' ମାସରେ କୁକୁର କୁ କେନ୍ଦ୍ର କରି ଫୁଲମଣି ଓ ତାଙ୍କ ଦିବ୍ୟାଙ୍ଗ ଝିଅଙ୍କୁ କିଛି ଗ୍ରାମବାସୀ ଆକ୍ରମଣ କରିଥିବା ଅଭିଯୋଗ ଥାନାରେ ହୋଇଥିବା ମଧ ସାମ୍ନାକୁ ଆସିଛି । ଏହି ସମସ୍ତ ଘଟଣାକ୍ରମକୁ ଦୃଷ୍ଟିରେ ରଖି ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ଚର୍ଚ୍ଚା ଚାଲିଥିବାବେଳେ ପାରିପାର୍ଶ୍ୱିକ ପରିସ୍ଥିତିକୁ ଆଧାର କରି ଏହା ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ସନ୍ଦେହ ପ୍ରକାଶ ପାଉଛି । ଉଦଳା ପୁଲିସ ଉଭୟ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି ।

## ବଜ୍ରପାତରେ ଚାଲିଗଲା ମହିଳାଙ୍କ ଜୀବନ

କାମାକ୍ଷାନଗର, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ଶ୍ରୀମୂଳା ଗାଁରେ ଧାନ ରୋଇବାକୁ ଯାଇଥିବା ଜଣେ ମହିଳାଙ୍କର ବଜ୍ରାଘାତରେ ମୃତ୍ୟୁ ହୋଇଛି।ମୃତ ମହିଳା ହେଲେ କାମାକ୍ଷାନଗର ବ୍ଲକ ଶ୍ରୀମୂଳା ଗାଁର ଗୀତାଞ୍ଜଳି ବେହେରା। ଗତକାଲି ସେ ଧାନ ରୋଇବା ପାଇଁ ବିଲକୁ ଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି ଆରମ୍ଭ କରିଥିଲେ। ରାତିରେ ବିଲ ମଧରେ ଗୀତାଞ୍ଜଳି ପଡ଼ିଥିବା ଅବସ୍ଥାରେ ମିଳିଥିଲେ। ପରେ ପରିବାର ଲୋକେ ତୁରନ୍ତ ତାଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା । ଗୀତାଞ୍ଜଳିଙ୍କ ଗାଲ, କାନ ଓ ପେଟ ପୋଡ଼ିଯାଇଥିବା ବେଳେ ଖବର ପାଇ କାମାକ୍ଷାନଗର ପୋଲିସ ମେଡିକାଲରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

## ବିଦ୍ୟୁତ ତାର ବିଛାଇ ବାର୍‌ହା ଶିକାର, ଜଣେ ଗିରଫ

ଖପ୍ରାଖୋଲ,(ସବ୍ୟୁ): ହରିଶଙ୍କର ବନାଞ୍ଚଳ ଧଣ୍ଡାମୁଣ୍ଡା ସେକ୍ସନ ଅଧିନ ଦେଦର୍ହ ଛକ ନିକଟରେ ଥିବା ଏକ ଆମ୍ବ ବଗିଚା ନିକଟରୁ ଏକ ବାରାହାର ମୃତ ଦେହ ବନ ବିଭାଗ ଜବତ କରିଥିବା ବେଳେ ବିଦ୍ୟୁତ ତାର ରେ ବାରାହା ଶିକାର ଅଭିଯୋଗରେ ଆମ୍ବ ବଗିଚା ଜଗୁଆଳି ଉଗ୍ରସେନ ନାଏକ (୪୩) କୁ ଗିରଫ୍ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ବନ ବିଭାଗ ସୂଚନା ଦେଇଛି। ସୂଚନା ଅନୁସାରେ ଦେଦର୍ହ ଛକ ନିକଟରେ ଥିବା ଆମ୍ବ ବଗିଚା ଜଗୁଆଳି ବାରାହା ଶିକାର କରୁଥିବା ବନ ବିଭାଗ ଖବର ପାଇ ରବିବାର ରାତିରେ ବନ ବିଭାଗ ଚଢାଉ କରିଥିଲା। ଏହି ଅବସରରେ ଏକ ବାରାହାର ମୃତ ଦେହ ଜବତ କରିଥିବା ବେଳେ ବିଦ୍ୟୁତ ତାର ଜବତ୍ କରିଥିଲା। ହେଲେ ଜଗୁଆଳି ଫେରାର ହୋଇଯାଇଥିଲା। ଏହା ପରେ ଖପ୍ରାଖୋଲ ବନପାଳ ସୁଧିର କୁମାର ଜେନା, ଧଣ୍ଡାମୁଣ୍ଡା ବନପାଳ ଇନ୍ଦ୍ରମଣୀ ବେହେରା, ଖପ୍ରାଖୋଲ ଏସ ଆଇ ଅଧିକାରୀ ଲିଙ୍ଗରାଜ କିଶାନ ମିଳିତ ଚଢାଉ କରି ଆମ୍ବ ବଗିଚା ଜଗୁଆଳି ଅଭିଯୁକ୍ତ ଜମୁନାପାଲି ଗାଁ ର ଉଗ୍ରସେନ ନାଏକକୁ ଗିରଫ୍ କରି କୋର୍ଟ ଚାଲାଣ କରାଯାଇଛି ବୋଲି ହରିଶଙ୍କର ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକ ସୂଚନା ଦେଇଛନ୍ତି। ଏନେଇ ଓ ଆର କେସ ନମ୍ବର ୨୪୪/୨୬-୨୭ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲିଥିବା ସୂଚନା ଦେଇଛନ୍ତି।

## ଦ୍ୱିତୀୟ ଜାତୀୟ ନାଟ୍ୟ ମହୋତ୍ସବ ଅବସରରେ ନାଟ୍ୟ ଆଲୋଚନାଚକ୍ର




ବାରିପଦା, (ସବ୍ୟୁ) : ମହାରାଜା ସ୍ୱୟଂଶାସିତ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ବାରିପଦାର ଅଗ୍ରଣୀ ନାଟ୍ୟସଂସ୍ଥା 'ଆମେ ଦ୍ୱାରା ଆୟୋଜିତ ହେବାକୁ ଥିବା ୨ୟ ଜାତୀୟ ନାଟ୍ୟ ମହୋତ୍ସବ ଅବସରରେ ଜାତୀୟ ନାଟ୍ୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । 'ଆଜିର ସମାଜ : ଆଜିର ନାଟକ ବିଷୟ ଉପରେ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ସହଯୋଗୀତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରକୁ ଅଧକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ଉଦଘାଟନ କରିଥିଲେ । ମହୋତ୍ସବର ଅଧକ୍ଷ ଡାଃ କୈଳାଶ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅତିଥି ଭାବେ ଯୋଗଦେଇ ପ୍ରତିଷ୍ଠିତ ନାଟ୍ୟକାର ନିର୍ଦ୍ଦେଶକ ତଥା ଏନଏସଡି, ନୂଆଦିଲ୍ଲୀର ପ୍ରଫେସର ଡଃ ସତ୍ୟବ୍ରତ ରାଉତ, କେନ୍ଦ୍ର ସଂଗୀତ ନାଟକ ଏକାଡେମୀ ଦ୍ୱାରା ପୁରସ୍କୃତ ତଥା ନାଟ୍ୟଚେତନା ଗ୍ରୁପର ପ୍ରତିଷ୍ଠାତା ସୁବୋଧ ପଟ୍ଟନାୟକ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ନାଟ୍ୟ ବିଭାଗର ଅଧ୍ୟାପକ ଦେବବ୍ରତ ପଟ୍ଟନାୟକ ପ୍ରମୁଖ ଗବେଷଣାତ୍ମକ ବକ୍ତବ୍ୟ ପ୍ରଦାନ କରିଥିଲେ । ସାଧାରଣ ସମ୍ପାଦକ ଓ ଆବାହକ ତଥା ଅଭିନେତା ନିର୍ଦ୍ଦେଶକ ଚିନ୍ମୟ ଦାସପଟ୍ଟନାୟକ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ଡଃ ଦେବବ୍ରତ ପ୍ରିୟଦର୍ଶିନୀ ଚକ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଡଃ ପୁଷ୍ପା ପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ କାର୍ଯ୍ୟକାରୀ ସମ୍ପାଦକ ରାଜୀବ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# କାଳିଆର ଅପୂର୍ବ ଲୀଳା 'ହୋ ଭକତେ' ଉଦ୍‌ଯାପିତ



କଟକ, (ସ୍ୱପ୍ର): କଟକ ଉନ୍ନୟନ କର୍ତ୍ତୃପକ୍ଷ (କେଡିଏ), ମହାନଦୀବିହାର ଡେଭେଲପମେଣ୍ଟ ଆସୋସିଏସନ୍ (ଏମଡିଏ) ଓ ଶ୍ରୀ ଜଗନ୍ନାଥ ସାଂସ୍କୃତିକ ପରିଷଦ (ଜେଏସପି)ର ମିଳିତ ସହଯୋଗରେ ୨୬ ଓ ୨୭ ଦୁଇଦିନ ଧରି ଚାଲିଥିବା ମହାନଦୀବିହାର ସ୍ଥିତ ମହାନଦୀଭବନରେ କାଳିଆର ଅପୂର୍ବ ଲୀଳା ହୋ ଭକତେ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ଏମଡିଏ ସଭାପତି ସଞ୍ଜୟ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସନ୍ଧ୍ୟାରେ ପୂର୍ବତନ ବିଧାୟକ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରି ମହାପ୍ରଭୁଙ୍କ ଲୀଳା ବଡ ବିଚିତ୍ର, ତାଙ୍କରି ଆଶୀର୍ବାଦରେ ହୋ ଭକତେ କାର୍ଯ୍ୟକ୍ରମ ବେଶ୍ ଉଚ୍ଚ କୋଟିର ହୋଇପାରିଛି ବୋଲି ମତବ୍ୟକ୍ତ କରିବା ସହ ଏହି ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାଙ୍କୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥିଭାବେ ବିଜେପି ନେତା ଶ୍ରୀତମ ଦାସ, କଟକ କ୍ଲବ୍ ସମ୍ପାଦକ ଶୁଭେନ୍ଦୁ ପଟ୍ଟନାୟକ, କଟକ ଉନ୍ନୟନ ପରିଷଦ ସମ୍ପାଦକ ଜନକ ନାୟକ, ଡିଏଫଓ ଶ୍ରୀମନ୍ତ ନାୟକ, ୪୭ନଂ ୱାର୍ଡ କର୍ପୋରେଟର ଇଂ ସୁବ୍ରତ ଘଡ଼ାଇ, ୫୩ନଂ କର୍ପୋରେଟର ଅରବିନ୍ଦ ଜେନା, ୫୨ନଂ କର୍ପୋରେଟର ସୌଭଗିନୀ ଜେନା, ୫୫ନଂ କର୍ପୋରେଟର ବିଶ୍ୱବନ୍ଦିତା ପଣ୍ଡା, ୩୭ନଂ କର୍ପୋରେଟର ଯତିନ୍ଦ୍ର ବେହେରା, ଇଂ ଗୋପାଳ କୃଷ୍ଣ ବେହେରା, ରବୀନ୍ଦ୍ର ନାଥ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜେଏସପିର ସଭାପତି ଚତୁର୍ଭୁଜ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ ଅତିଥି ପରିଚୟ ଓ ଚିଣ୍ଟୁ ମିଶ୍ର ମଞ୍ଚ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏମଡିଏର ଉପସଭାପତି ସରୋଜ ପ୍ରସାଦ ସ୍ୱାଇଁ, ସହ ସମ୍ପାଦକ ଜ୍ଞାନରଞ୍ଜନ ଦାସ, କୋଷାଧ୍ୟକ୍ଷ ପ୍ରଭାକର ରଣା, ଗୋଲେଖ କାନୁନଗୋ, ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ, ନିକୁଞ୍ଜ ରଥ, ପ୍ରଦୀପ ମହାନ୍ତି, ଜେଏସପିର ରାକେଶ ତ୍ରିପାଠୀ, ଶଶିକାନ୍ତ ନାୟକ, ବାସନ୍ତୀ ଶତପଥୀଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ସାଇ ସୌରଭ ଜେନା ସଂଯୋଜନା କରିଥିଲେ ।

# ପିଓକେରେ ରକ୍ତପାତ, ଗୁଳିମାଡ଼ରେ ୨୦ ମୃତ

**ଇସଲାମାବାଦ:** ପାକ୍ ଅଧିକୃତ କାଶ୍ମୀର (ପିଓକେ) ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ଦିନ ସୋମବାର ବ୍ୟାପକ ହିଂସାକାଣ୍ଡ ଘଟିଛି। ରାୱଲାକୋଟ ସମେତ ବିଭିନ୍ନ ଅଞ୍ଚଳରେ ନିର୍ବାଚନ ବର୍ଜନ ଆହ୍ୱାନ ଦେଇଥିବା ଜଏଣ୍ଟ୍ ଆୱାମୀ ଆକ୍ସନ୍ କମିଟି (ଜେଏଏସି)ର ପଦଯାତ୍ରା ଉପରେ ପାକିସ୍ତାନ ସୁରକ୍ଷା ବାହିନୀ ଗୁଳିଚାଳନା କରିଥିବା ଅଭିଯୋଗ ହୋଇଛି। ଜେଏଏସି ଦାବି କରିଛି ଯେ, ଏହି ଗୁଳିମାଡ଼ରେ ଅତି କମ୍‌ରେ ୨୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୫୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଅନେକ ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତକଙ୍କ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି।ଜେଏଏସି ପକ୍ଷରୁ କୁହାଯାଇଛି ଯେ, ରାୱଲାକୋଟ ସହରରେ ପ୍ରବେଶ କରୁଥିବା ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ଉପରେ ସୁରକ୍ଷା ବାହିନୀ ଗୁଳି ଓ ଲୁହବୁହା ଗ୍ୟାସ ପ୍ରୟୋଗ କରିଥିଲା। ସଂଗଠନ ଦାବି କରିଛି ଯେ, ୧୯ ଜଣ ମୃତକଙ୍କ ପରିଚୟ ସ୍ପଷ୍ଟ ହୋଇଥିବା ବେଳେ ମୁଣ୍ଡରେ ଗୁଳି ଲାଗିଥିବା ଆଉ ଜଣେ ମୃତକଙ୍କ ପରିଚୟ ମିଳିନାହିଁ। ସଂଗଠନ ଆନ୍ତର୍ଜାତିକ ସମୁଦାୟ ଓ ଗଣମାଧ୍ୟମକୁ ଘଟଣାର ସ୍ୱାଧୀନ ତଦନ୍ତ ଦାବି କରିଛି। ଅନ୍ୟପଟେ ପିଓକେ ପୁଲିସ ସମ୍ପୂର୍ଣ୍ଣ ଭିନ୍ନ ଦାବି କରିଛି। ପୁଲିସ କହିଛି, ନିଷିଦ୍ଧ ଘୋଷିତ ଜେଏଏସିର କର୍ମୀମାନେ ବଳପୂର୍ବକ ରାୱଲାକୋଟ ସହରରେ ପ୍ରବେଶ କରିବା ସହ ସୁରକ୍ଷାକର୍ମୀଙ୍କ ଉପରେ ଗୁଳିଚାଳନା କରିଥିଲେ। ଏହା ପରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ତେବେ ସରକାରୀ ପକ୍ଷରୁ ମୃତକଙ୍କ ସଂଖ୍ୟା ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇନାହିଁ।ଗତ କିଛି ସପ୍ତାହ ଧରି ପିଓକେରେ ଜେଏଏସି ନେତୃତ୍ୱରେ ନିର୍ବାଚନ ବର୍ଜନ ଓ ବିଭିନ୍ନ ଦାବିକୁ ନେଇ ଆନ୍ଦୋଳନ ଚାଲିଆସୁଛି। ଏହି ଅଶାନ୍ତି ଯୋଗୁ ଦୁଇଟି ଜିଲ୍ଲାରେ ନିର୍ବାଚନ ମଧ୍ୟ ସ୍ଥଗିତ ରଖାଯାଇଛି। ନିର୍ବାଚନ ପୂର୍ବରୁ ହୋଇଥିବା ସଂଘର୍ଷରେ ମଧ୍ୟ ଅନେକ ଲୋକଙ୍କ ମୃତ୍ୟୁ ଘଟିଥିଲା ଏବଂ ମାନବାଧିକାର ସ୍ଥିତିକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଭାରତ ସରକାର ପୂର୍ବରୁ କହିଆସୁଛନ୍ତି ଯେ, ପାକ୍ ଅଧିକୃତ କାଶ୍ମୀର ଭାରତର ଅବିଚ୍ଛିନ୍ନ ଅଂଶ ଯେଉଁଠାରେ ପାକିସ୍ତାନର ଦମନମୂଳକ ନୀତି ଓ ପ୍ରଶାସନିକ ବିଫଳତା ଯୋଗୁ ସାଧାରଣ ଲୋକଙ୍କ ଅସନ୍ତୋଷ ବଢ଼ିଚାଲିଛି।



# 'ଆମ ରାଷ୍ଟ୍ରପତି ଆମ ଗୌରବ' ଉନ୍ମୋଚିତ



**ନୂଆଦିଲ୍ଲୀ:** ରାଷ୍ଟ୍ରପତି ଭବନର ଗୋଦାବରୀ କକ୍ଷରେ ବିଶିଷ୍ଟ ଲେଖକ ବିଜୟ ନାୟକଙ୍କ ସମ୍ପାଦନାରେ ପ୍ରସ୍ତୁତ ପୁସ୍ତକ "ଆମ ରାଷ୍ଟ୍ରପତି ଆମ ଗୌରବ' ଉନ୍ମୋଚିତ ହୋଇଯାଇଛି । ଉପରାଷ୍ଟ୍ରପତି ସି. ପି. ରାଧାକୃଷ୍ଣନ ଏହାକୁ ଉନ୍ମୋଚନ କରି ଏହାର ପ୍ରଥମ ପ୍ରତିଲିପି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପ୍ରଦାନ କରିଛନ୍ତି । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କ ସମ୍ବନ୍ଧରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ଦ୍ୱାରା ରଚିତ ଆଲେଖଗୁଡ଼ିକର ଏହା ଏକ ସଚିତ୍ର ସଙ୍କଳନ । ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ତଥା ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଏଲ୍. ମୁରୁଗାନ୍ ମଧ୍ୟ ଏହି ସଭାରେ ଉପସ୍ଥିତ ଥିଲେ । ରାଷ୍ଟ୍ରପତି ଭାବେ ଶ୍ରୀମତୀ ମୁର୍ମୁଙ୍କ କାର୍ଯ୍ୟକାଳର ଚାରି ବର୍ଷ ପୂର୍ତ୍ତି ଅବସରରେ ମଙ୍ଗଳବାର ପୂର୍ବାହ୍ନରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଆୟୋଜିତ ଏହି ଉତ୍ସବରେ ରାଷ୍ଟ୍ରପତିଙ୍କ ସମ୍ପର୍କରେ ରଚିତ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ପ୍ରକାଶନ ବିଭାଗ ଦ୍ୱାରା ପ୍ରକାଶିତ ଚାରିଗୋଟି ହିନ୍ଦୀ ପୁସ୍ତକ, ଯଥା- "ରାଷ୍ଟ୍ରପତି ଭବନ : ରାଷ୍ଟ୍ର କା ଭବନ', "ସେବା ଔର ସମ୍ବେଦନା', "ସମାବେଶୀ ସହଭାଗିତା' ଏବଂ "ଭାରତୀୟତା କା ଉତ୍ସବ' ମଧ୍ୟ ଉନ୍ମୋଚିତ ହୋଇଥିଲା । ସୂଚନାଯୋଗ୍ୟ ଯେ ଓଡ଼ିଆ ପୁସ୍ତକ "ଆମ ରାଷ୍ଟ୍ରପତି ଆମ ଗୌରବ'ରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ, ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ପୂର୍ବତନ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜ୍ଞାନପୀଠ ବିଜୟିନୀ ଡକ୍ଟର ପ୍ରତିଭା ରାୟ, ପ୍ରଫେସର ଦାଶ ବେନହୁର, ବିନୟ ସହସ୍ରବୁଦ୍ଧେ,ଦମୟନ୍ତୀ ବେଶ୍ରାଙ୍କ ସମେତ ଅନେକ ସୁନାମଧନ୍ୟ ଲେଖକଙ୍କ ଆଲେଖ ସ୍ଥାନୀତ ହୋଇଛି । ଦୁଇଶହ ପୃଷ୍ଠାର ଏହି ବହିଟିକୁ ଓଡ଼ିଶାର ଅନ୍ୟତମ ଅଗ୍ରଣୀ ପ୍ରକାଶନ ସଂସ୍ଥା ଟାଇମ୍ ପାସ୍ ପ୍ରକାଶ କରିଛନ୍ତି ।

# ୩ ବର୍ଷରେ ଯାଇଛି ୧୯୦୦ ରୁ ଅଧିକ ପ୍ରବାସୀ ଭାରତୀୟଙ୍କ ଜୀବନ

**ନୂଆଦିଲ୍ଲୀ:** ସରକାର ସଂସଦରେ ସୂଚନା ଦେଇଛନ୍ତି ଯେ, ୨୦୨୩ ରୁ ୨୦୨୫ ଗତ ୩ ବର୍ଷ ମଧ୍ୟରେ ବିଦେଶରେ ରହୁଥିବା ୧,୯୦୦ ରୁ ଅଧିକ ଭାରତୀୟ ନାଗରିକ ନିଜ ଜୀବନ ନେଇଛନ୍ତି। ସେଥି ମଧ୍ୟରେ ୭୦% ରୁ ଅଧିକ ମୃତ୍ୟୁ ଉପସାଗରୀୟ ଦେଶଗୁଡ଼ିକରେ ଘଟିଛି।କଂଗ୍ରେସ ସାଂସଦ ସତପାଲ ବ୍ରହ୍ମଚାରୀ ଏବଂ ଜୟ ପ୍ରକାଶଙ୍କ ଦ୍ୱାରା ବିଦେଶରେ ଭାରତୀୟ ନାଗରିକଙ୍କ ମୃତ୍ୟୁ ସମ୍ପର୍କରେ ଏକ ପ୍ରଶ୍ନର ଉତ୍ତରରେ ଲୋକସଭାରେ ବୈଦେଶିକ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂହଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ, ଗଲ୍ଫ କର୍ପୋରେସନ କାଉନସିଲ (ଜିସିସି) ରାଷ୍ଟ୍ରଗୁଡ଼ିକରେ ୧,୩୪୦ ଜଣ ପ୍ରବାସୀ ଭାରତୀୟ ନିଜ ଜୀବନ ନେଇଛନ୍ତି। ସେଥି ମଧ୍ୟରେ ସଂଯୁକ୍ତ ଆରବ ଏମିରେଟ୍ସରେ ସର୍ବାଧିକ ୫୧୧ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ସାଉଦି ଆରବରେ ୩୫୪, କୁଏତରେ ୧୬୨, ଓମାନରେ ୧୪୬, ବାହାରିନରେ ୧୦୧ ଏବଂ କତାର ଏହି ସଂଖ୍ୟା ୬୬ ରହିଛି। ପ୍ରାୟ ୧ କୋଟି ଭାରତୀୟ ଗଲ୍ଫ ଦେଶରେ ବାସ କରନ୍ତି। ପରିସଂଖ୍ୟାନ ଦର୍ଶାଉଛି ଯେ ବିଦେଶରେ ରହୁଥିବା ଭାରତୀୟଙ୍କ ମଧ୍ୟରେ ଆତ୍ମହତ୍ୟା ହାର ପୂର୍ବ ବର୍ଷ ତୁଳନାରେ ବୃଦ୍ଧି ପାଇଛି।ସେହିପରି ଅଣ-ଗଲ୍ଫ ଦେଶ ମଧ୍ୟରେ ମାଲେସିଆରେ ଏଭଳି ମୃତ୍ୟୁ ସଂଖ୍ୟା ୧୩୧ ଏବଂ ଆମେରିକାରେ ୬୨ ରହିଛି। ଅପରପକ୍ଷରେ ଏବଂ ଇଟାଲୀ, କାନାଡା ତଥା ୟୁକେରେ ୩୦ ଜଣ ଲେଖାଏଁ ଭାରତୀୟ ଏହି ସମୟ ମଧ୍ୟରେ ନିଜ ଜୀବନ ନେଇଛନ୍ତି।ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ୨୦୨୨ ମସିହାରେ ପ୍ରକାଶ ହୋଇଥିବା ତଥ୍ୟ ଅନୁସାରେ ୨୦୧୪ ରୁ ୨୦୨୨ ମଧ୍ୟରେ ମୋଟ ୪,୦୦୫ ଏଭଳି ମାମଲା ରେକର୍ଡ କରାଯାଇଥିଲା। ଭାରତୀୟଙ୍କ ମଧ୍ୟରେ ନିଜ ଜୀବନ ନେବା ହାର କାହିଁକି ବୃଦ୍ଧି ପାଉଛି ତାହାର କୌଣସି ସ୍ପଷ୍ଟ ଉତ୍ତର ମିଳିନାହିଁ।କେନ୍ଦ୍ର ସରକାର ନିଜ ଜୀବନ ନେଇଥିବା ବ୍ୟତୀତ ଅନ୍ୟ କାରଣ ଯୋଗୁଁ ମୃତ୍ୟୁର ପରିସଂଖ୍ୟାନ ମଧ୍ୟ ପ୍ରକାଶ କରିଛନ୍ତି।

## କୃତ୍ରିମ ସୂର୍ଯ୍ୟ ତିଆରି କରୁଛି ଚୀନ୍

**ବେଜିଂ:** ଚୀନ୍ ପୃଥିବୀରେ ଏକ କୃତ୍ରିମ ସୂର୍ଯ୍ୟ ସୃଷ୍ଟି କରିବାର ନିକଟତର ହୋଇଛି। ଏହା ନ୍ୟୁକ୍ଲିୟର ଫ୍ୟୁଜନ୍ ମାଧ୍ୟମରେ ସ୍ୱଚ୍ଛ ଏବଂ ଅସୀମିତ ଅକ୍ଷୟ ଶକ୍ତି ଉତ୍ପାଦନ କରିବା ପାଇଁ ବିଶ୍ୱର ସର୍ବବୃହତ ସୁପରକଣ୍ଡକ୍ଟିଂ ଫ୍ୟୁଜନ୍ ଚୁମ୍ବକକୁ ସଫଳତାର ସହ ନିର୍ମାଣ ଏବଂ ପରୀକ୍ଷଣ କରିଛି। ଏହି ସଫଳତା ୨୦୩୦ ସୁଦ୍ଧା ଫ୍ୟୁଜନ୍ ଶକ୍ତିରୁ ବିଦ୍ୟୁତ୍ ଉତ୍ପାଦନ କରିବାର ଚୀନ୍‌ର ମହତ୍ୱାକାଂକ୍ଷୀ ଯୋଜନା ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ଏହା ସହିତ, ଚୀନ୍ କାର୍ବନ-ମୁକ୍ତ ଶକ୍ତିର ସର୍ବବୃହତ ଉତ୍ସ ହାସଲ କରିବାକୁ ଚେଷ୍ଟା କରୁଥିବା ଅଗ୍ରଣୀ ଦେଶମାନଙ୍କ ସହିତ ସାମିଲ ହୋଇଛି।

# କ୍ଷମା ମାଗିଲା ମେଟା

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ ଭିଡିଓ ସାମୟିକ ଭାବେ ଫେସବୁକରେ ବ୍ଲକ୍ ହେବା ଘଟଣାକୁ ନେଇ ସୋସିଆଲ ମିଡିଆ ସଂସ୍ଥା "ମେଟା" ଭାରତ ସରକାରଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଛି। ବୈଷୟିକ ତ୍ରୁଟି ଯୋଗୁଁ ଭୁଲବଶତଃ ଏହି ଭିଡିଓଟି ହଟିଯାଇଥିଲା ଏବଂ ଏବେ ଏହାକୁ ପୁନରୁଦ୍ଧାର କରାଯାଇଛି ବୋଲି ସଂସ୍ଥା ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି।ତେବେ କେନ୍ଦ୍ର ସରକାର ଏହି ଘଟଣାକୁ ଅତ୍ୟନ୍ତ ଗାମ୍ଭୀରତାର ସହ ଗ୍ରହଣ କରିଛନ୍ତି। କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଏହି ପ୍ରସଙ୍ଗରେ ମେଟା ଏବଂ ଇନଷ୍ଟାଗ୍ରାମର ଗ୍ଲୋବାଲ୍ ହେଡଙ୍କୁ ସମନ୍ କରି ସପଷ୍ଟୀକରଣ ମାଗିଛି।ଗତ ଜୁଲାଇ ୨୩ ତାରିଖରେ ପୋଷ୍ଟ କରାଯାଇଥିବା ଏହି ଭିଡିଓରେ ପ୍ରଧାନମନ୍ତ୍ରୀ ମୋଦୀ କକ୍ରୋଚ୍ ଜନତା ପାର୍ଟି (ସିଜେପି) ର ଛାତ୍ର ଆନ୍ଦୋଳନ ସମୟରେ 'ଜେନ୍ ଜି' ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ପ୍ରଶ୍ନପତ୍ର ଲିକ୍ ରୋକିବା ପାଇଁ କଠୋର ଆଇନ୍ ଆଣିବାକୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ମଙ୍ଗଳବାର ଏହି ଭିଡିଓଟି ଫେସବୁକରେ ବ୍ଲକ୍ ହୋଇଯାଇଥିଲା ଏବଂ ନିୟମାନୁସାରେ ତାହା ଆଇନଗତ ଅନୁରୋଧ କାରଣରୁ ହଟାଯାଇଥିବା ସୂଚନା ଦେଖାଉଥିଲା। ବ୍ୟାପକ ଚର୍ଚ୍ଚା ପରେ ମେଟା ଏହାକୁ ନିଜର ଭୁଲ୍ ବୋଲି ସ୍ୱୀକାର କରି ପୁନଃ କାର୍ଯ୍ୟକ୍ଷମ କରିଛି।

## ଅହମଦାବାଦ ବିମାନ ଦୁର୍ଘଟଣା ଅକ୍ଟୋବରରେ ଚୂଡ଼ାନ୍ତ ରିପୋର୍ଟ

**ନୂଆଦିଲ୍ଲୀ:** ୨୦୨୫ ଜୁନ୍ ୧୨ ତାରିଖରେ ହୋଇଥିବା ଅହମଦାବାଦ ବିମାନ ଦୁର୍ଘଟଣାର ତଦନ୍ତ କରୁଥିବା ଏଏଆଇବି ( ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ) ଆସନ୍ତା ଅକ୍ଟୋବର ମାସରେ ସୁପ୍ରିମକୋର୍ଟରେ ଏହାର ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିବ। ସରକାରୀ ପରିଚାଳିତ ଏହି ତଦନ୍ତକାରୀ ସଂସ୍ଥା ଖଣ୍ଡପୀଠଙ୍କୁ ସ୍ପଷ୍ଟ କରିଛି ଯେ ଏହି ତଦନ୍ତ କେବଳ ଡିଜିସିଏ (ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ) ମଧ୍ୟରେ ସୀମିତ ଥିବା କୌଣସି ଆଭ୍ୟନ୍ତରୀଣ ତଦନ୍ତ ନୁହେଁ। ଦୁର୍ଘଟଣାରେ ନିହତ ବିଦେଶୀ ନାଗରିକଙ୍କ ଦେଶର ବିଶେଷଜ୍ଞ ଏବଂ ଅଧିକାରୀମାନେ ମଧ୍ୟ ଏଥିରେ ସାମିଲ ଅଛନ୍ତି। ଜୁନ୍ ୧୨ ଦୁର୍ଘଟଣା ମାମଲାରେ କୋର୍ଟଙ୍କ ତତ୍ତ୍ୱାବଧାନରେ ତଦନ୍ତ ଦାବି କରି ହୋଇଥିବା ଆବେଦନର ଶୁଣାଣି ସମୟରେ ଏଏଆଇବି ସୁପ୍ରିମକୋର୍ଟଙ୍କୁ ଆଜି ଏହା ଅବଗତ କରିଛନ୍ତି। କ୍ୟାପଟେନ ସୁମିତ ସଭରୱାଲ ଏବଂ ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ପାଇଲଟ୍ସ ପକ୍ଷରୁ ଏହି ଆବେଦନ କରାଯାଇଥିଲା।ସେମାନେ ଚାଲିଥିବା ତଦନ୍ତରେ ବିଭିନ୍ନ ଅସଙ୍ଗତି ଥିବା ଅଭିଯୋଗ କରି ଅଦାଲତଙ୍କ ନିରୀକ୍ଷଣରେ ତଦନ୍ତ କରିବାକୁ ଦାବି କରିଥିଲେ। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଆବେଦନକାରୀ ଏବଂ ଏଏଆଇବିର ପକ୍ଷ ଶୁଣିଥିଲେ। ଏଏଆଇବି ପକ୍ଷରୁ କୁହାଯାଇଛି ଯେ, ଦୁର୍ଘଟଣାର କାରଣ ଏବଂ ଘଟଣାକ୍ରମକୁ ପୁନଃସ୍ଥାପନ ପାଇଁ ବୈଷୟିକ ବିଶ୍ଳେଷଣ କରାଯାଉଛି।

## ଏନଡିଏ ବୈଠକରେ ଯୋଗଦେଲେ ଟିଏମସିର ବିଦ୍ରୋହୀ ସାଂସଦ

**ନୂଆଦିଲ୍ଲୀ:** ତୃଣମୂଳ କଂଗ୍ରେସ (ଟିଏମ୍‌ସି) ରୁ ବିଦ୍ରୋହ କରି ନେସନାଲିଷ୍ଟ ସିଟିଜେନ୍ସ ପାର୍ଟି ଅଫ୍ ଇଣ୍ଡିଆ (ଏନସିପିଆଇ)ରେ ସାମିଲ ହୋଇଥିବା ସାଂସଦମାନେ ପ୍ରଥମ ଥର ପାଇଁ ଶାସକ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନଡିଏ) ର ସଂସଦୀୟ ଦଳ ବୈଠକରେ ଯୋଗ ଦେଇଛନ୍ତି। ସଂସଦ ଭବନ ପରିସରରେ ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ୍ଣ ରଣନୀତିକ ବୈଠକରେ ସେମାନେ ମେଣ୍ଟର ଭବିଷ୍ୟତ ଆଭିମୁଖ୍ୟ ଏବଂ ସଂସଦୀୟ କାର୍ଯ୍ୟସୂଚୀକୁ ସମ୍ପୂର୍ଣ୍ଣ ସମର୍ଥନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ ଏବଂ ଅନ୍ୟାନ୍ୟ କେନ୍ଦ୍ର ମନ୍ତ୍ରୀମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ଏହି ନୂତନ ସଦସ୍ୟମାନଙ୍କୁ ସ୍ୱାଗତ କରାଯାଇଛି।ଏହି ବୈଠକ ସମ୍ପର୍କରେ ସୂଚନା ଦେଇ ଏନ୍‌ସିପିଆଇ ସାଂସଦ ସାୟୋନୀ ଘୋଷ ପ୍ରକାଶ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ସମ୍ମିଳନୀ ଅତ୍ୟନ୍ତ ଜ୍ଞାନବର୍ଦ୍ଧକ ଏବଂ ତଥ୍ୟଭିତ୍ତିକ ଥିଲା। ବୈଠକରେ ଭାରତର 'ମୁକ୍ତ ବାଣିଜ୍ୟ ଚୁକ୍ତି' (ଏଫ୍‌ଟିଏ) ଏବଂ ଦେଶର ବିକାଶମୂଳକ 'ବ୍ଲୁ ଇକୋନୋମି' (ସାମୁଦ୍ରିକ ଅର୍ଥନୀତି) ଉପରେ ସକାରାତ୍ମକ ଆଲୋଚନା ହୋଇଛି। ଏହା ସହିତ ସଂସଦରେ ଆଗତ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ବିଲ୍ଗୁଡ଼ିକ ଉପରେ ମଧ୍ୟ ରଣନୀତି ପ୍ରସ୍ତୁତ କରାଯାଇଛି। ସାଂସଦ ଘୋଷଣ ପରୀକ୍ଷା ନିୟନ୍ତ୍ରଣ ପାଇଁ ସରକାରଙ୍କ ଆଗାମୀ ଆଇନଗତ ପଦକ୍ଷେପକୁ ପ୍ରଶଂସା କରିବା ସହ ଏନଡିଏର ବିକାଶମୂଳକ ଏଜେଣ୍ଡାରେ କାମ କରିବାକୁ ଦଳ ପ୍ରତିବଦ୍ଧ ବୋଲି ସୂଚନା ଦେଇଛନ୍ତି।ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରେ ତୃଣମୂଳ କଂଗ୍ରେସର ୨୦ ଜଣ ସାଂସଦ ନେତୃତ୍ୱ ପ୍ରତି ଅସନ୍ତୋଷ ପ୍ରକାଶ କରି ଦଳରୁ ପୃଥକ ହୋଇ ଆଞ୍ଚଳିକ ଦଳ 'ଏନସିପିଆଇ'ରେ ସାମିଲ ହୋଇଥିଲେ। ଦଳବଦଳ ବିରୋଧୀ ଆଇନର ଆଇନଗତ ଜଟିଳତାରୁ ବଞ୍ଚିବା ପାଇଁ ସେମାନେ ଏହି ମେଣ୍ଟ ପ୍ରକ୍ରିୟା ଆପଣାଇଥିଲେ ଏବଂ ଲୋକସଭା ବାଚସ୍ପତିଙ୍କୁ ପତ୍ର ଲେଖି ଏନ୍‌ଡିଏ ପ୍ରତି ସମର୍ଥନ ଘୋଷଣା କରିଥିଲେ। ନିକଟରେ ଏହି ସାଂସଦମାନଙ୍କୁ ସରକାରଙ୍କ ସର୍ବଦଳୀୟ ବୈଠକକୁ ଆମନ୍ତ୍ରଣ କରାଯିବା ପରେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ସଂସଦରେ ତୀବ୍ର ପ୍ରତିବାଦ କରାଯାଇଥିଲା। ତେବେ ଏହି ସାଂସଦମାନେ ଏବେ ସଂସଦରେ ସ୍ୱତନ୍ତ୍ର ଆସନ ଗ୍ରହଣ କରିବା ସହ ଏନ୍‌ଡିଏର ସହଯୋଗୀ ଭାବେ କାର୍ଯ୍ୟ କରୁଛନ୍ତି।

# ଫ୍ଲୋରିଡାରେ ରଥଯାତ୍ରା: ସହସ୍ରାଧିକ ଭକ୍ତଙ୍କ ଅଂଶଗ୍ରହଣ



**ଫ୍ଲୋରିଡା:** ପ୍ରତିବର୍ଷଭଳି ଚଳିତ ବର୍ଷ ମଧ୍ୟ ଫ୍ଲୋରିଡାର ଟାମ୍ପାର ସନାତନ ମନ୍ଦିରାଠାରେ ରଥଯାତ୍ରାର ଆୟୋଜନ କରାଯାଇଥିଲା । ପ୍ରାୟ ସହସ୍ରାଧିକ ଭକ୍ତ ବ୍ରହ୍ମାଣ୍ଡର ମହାପ୍ରଭୁଙ୍କ ପର୍ବରେ ଅଂଶଗ୍ରହଣ କରିଥିଲେ । ଭକ୍ତଙ୍କ ଏକ ବଡ଼ ଭାଗ ଓଡ଼ିଆ ବଂଶୋଦ୍ଭବ ହୋଇଥିଲେ ମଧ୍ୟ, ଅଧିକାଂଶ ଅଣ-ଓଡ଼ିଆ ଭାରତୀୟ ଏବଂ ସନାତନ ଧର୍ମ ପାଳନ କରୁଥିବା ଅନେକ ଆମେରିକୀୟ ମଧ୍ୟ ସମ୍ପୂର୍ଣ୍ଣ ଭକ୍ତିର ସହିତ ରଥଯାତ୍ରାରେ ଅଂଶଗ୍ରହଣ କରିଥିଲେ । ଟାମ୍ପା ସିଟି ପୋଲିସ ସମସ୍ତ ସୁରକ୍ଷା ବ୍ୟବସ୍ଥା କରିଥିଲା ଏବଂ ମହାପ୍ରଭୁଙ୍କ ରଥ ପାଇଁ ଯାନବାହାନ ଚଳାଚଳ ବନ୍ଦ କରାଯାଇଥିବାରୁ ରଥକୁ ଅନେକ ପୋଲିସ ଗାଡ଼ି ଦ୍ୱାରା ସୁରକ୍ଷା ଦିଆଯାଇଥିଲା । ସମୃଦ୍ଧ ଓଡ଼ିଆ ସଂସ୍କୃତି ଏବଂ ଜଗନ୍ନାଥ ସଂସ୍କୃତିକୁ ଗର୍ବର ସହିତ ପ୍ରଦର୍ଶନ କରିବା ପାଇଁ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ, ଓଡ଼ିଶୀ ନୃତ୍ୟ/ଭଜନ ମଧ୍ୟ ଆୟୋଜନ କରାଯାଇଥିଲା ।ଅନେକ ପିଲା ସାଂସ୍କୃତିକ/ ଭକ୍ତିମୂଳକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ, ଯାହା ଉତ୍ସବ ପାଳନ କରିବାର ମୁଖ୍ୟ ଲକ୍ଷ୍ୟ ଥିଲା । ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟଶିଳ୍ପୀ, ଗୁରୁ ସିଙ୍ଗାର ମଣି ଦେବାଶିଷ ପଟ୍ଟନାୟକ ଓଡ଼ିଶାରୁ ଆସି ଭକ୍ତମାନଙ୍କୁ ଓଡ଼ିଶୀ ନୃତ୍ୟରେ ବିମୋହିତ କରିଥିଲେ । ସାଗ ମୁଗ, ଘାଣ୍ଟ, ମିଠା ଡାଲି, କନିକା, ଛେନା ପୋଡ, ପିଠା ଇତ୍ୟାଦି ଓଡ଼ିଶୀ ରୋଷେଇ ଉପରେ ଧ୍ୟାନ ଦେଇ ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଡକ୍ଟର ସାମ ମହାପାତ୍ର ଏବଂ ଶୁଭ୍ରା ମହାପାତ୍ରଙ୍କ ନେତୃତ୍ୱରେ ଏବଂ ରିନି ମିଶ୍ର ଏବଂ ଦୀପକ ମିଶ୍ରଙ୍କ ସହାୟତାରେ ଆୟୋଜିତ ହୋଇଥିଲା । ଏହି ମହୋତ୍ସବ ପାଳନ କରିବାର ମୁଖ୍ୟ ଲକ୍ଷ୍ୟ ହେଉଛି ଆଗାମୀ ପିଢ଼ିର ଭାରତୀୟମାନଙ୍କୁ ଜଗନ୍ନାଥ ସଂସ୍କୃତି ସହିତ ଯୋଡ଼ିବା ।

# ସଂସଦରେ ବର୍ଷିଲେ ଅଖିଳେଶ



**ନୂଆଦିଲ୍ଲୀ:** ପ୍ରଶ୍ନପତ୍ର ଲିକ୍ ରୋକିବାକୁ ସରକାର ଆଣିଥିବା ବିଲ ଉପରେ ଆଜି ଠାରୁ ଲୋକସଭାରେ ବିତର୍କ ଆରମ୍ଭ ହୋଇଛି। ସାଂସଦମାନେ ଏହା ଉପରେ ୧୦ ଘଣ୍ଟାର ବିତର୍କ ହେବ। ଏବେ ଜଣଙ୍କ ଜଣେ ସାଂସଦ ବିତର୍କରେ ଭାଗ ନେଇ ପରସ୍ପର ଗୋହି ଖୋଳିବାରେ ଲାଗିଛନ୍ତି।ଏହିକ୍ରମରେ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଲୋକସଭାରେ କେନ୍ଦ୍ର ଉପରେ ଜୋରଦାର ବର୍ଷିଛନ୍ତି। ପ୍ରଶ୍ନପତ୍ର ଲିକ ଓ କକ୍ରୋଚ ଜନତା ପାର୍ଟି ବା ସିଜେପିର ଆନ୍ଦୋଳନ ଯୋଗୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପଦରୁ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେଇଥିଲେ। ଏବେ ଏହି ପ୍ରସଙ୍ଗକୁ ନେଇ ସରକାରଙ୍କୁ କଟାକ୍ଷ କରିଛନ୍ତି ଅଖିଳେଶ।ଜଣେ ପ୍ରଧାନଙ୍କୁ ହଟାଇ ଆପଣ(ସରକାର) ପ୍ରଧାନମନ୍ତ୍ରୀଙ୍କୁ ବଞ୍ଚାଇ ଦେଇଥିବା ସେ ତାଚ୍ଛଲ୍ୟ କରି କହିଛନ୍ତି। ଏଥିସହ ଇସ୍ତଫା ଦେବା ପରେ ଧର୍ମେନ୍ଦ୍ରଙ୍କୁ ଯୁଦ୍ଧ ଜିତିବା ଭଳି କରାଯାଉଥିବା ସ୍ୱାଗତକୁ ମଧ୍ୟ ସେ ସମାଲୋଚନା କରିଛନ୍ତି। ଅଖିଳେଶ କହିଛନ୍ତି, "ଯେତେବେଳେ ମନ୍ତ୍ରୀ (ଧର୍ମେନ୍ଦ୍ର ପ୍ରଧାନ) ସଂସଦରେ ପହଞ୍ଚିଥିଲେ ସେତେବେଳେ ଗୃହ ବାହାରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ସାଂସଦମାନେ କେତେ ଆଶ୍ୱସ୍ତି ଅନୁଭବ କରିଥିବେ ଓ ସେମାନେ କେଉଁ ବଡ଼ ସଙ୍କଟରୁ ରକ୍ଷା ପାଇଗଲେ, ତାହା ଭାବନ୍ତୁ। ଜଣେ 'ପ୍ରଧାନ'ଙ୍କୁ ହଟାଇ ଆପଣ କୃତରେ 'ପ୍ରଧାନମନ୍ତ୍ରୀ'ଙ୍କୁ ବଞ୍ଚାଇ ଦେଲେ।" କନ୍ନୌଜ ସାଂସଦ ହୋଇଥିବା ଅଖିଳେଶ ସରକାରଙ୍କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ କରିଥିବା ଯୁବଗୋଷ୍ଠୀଙ୍କ ଆନ୍ଦୋଳନକୁ ସବୁ ଶ୍ରେୟ ଦେଇଛନ୍ତି। ସେ କହିଛନ୍ତି, "ମୁଁ ଯୁବକମାନଙ୍କ ମନୋବଳ ଓ ଏକତାକୁ ସଲାମ କରୁଛି। ସେମାନଙ୍କ ଏକତା ସରକାରଙ୍କୁ ନଇଁବାକୁ ବାଧ୍ୟ କରିଥିଲା।ସରକାର ଭାବୁଥିଲେ ଯେ ସେମାନେ ଅପରାଜେୟ, କିନ୍ତୁ ଯୁବପିଢ଼ି ପ୍ରମାଣିତ କଲେ ଯେ 'ଝୁକ୍ତି ହୈ ଦୁନିଆ, ଝୁକାନେ ୱାଲା ଚାହିଏ' ବା ଯଦି ଆପଣ ନୁଆଁଇବା ଜାଣିଛନ୍ତି, ତେବେ ଦୁନିଆ ନଇଁବ। ସରକାର ମୁଣ୍ଡ ନୁଆଁଲେ ଓ ମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ ବାଧ୍ୟ କଲେ।" ଅଖିଳେଶ ଯାଦବ କହିଛନ୍ତି ଯେ ଏହି ବିକ୍ଷୋଭ ହେଉଛି ପ୍ରଥମ ଛାତ୍ର ଆନ୍ଦୋଳନ, ଯାହାକୁ ଅଭିଭାବକମାନଙ୍କ ଠାରୁ ବ୍ୟାପକ ସମର୍ଥନ ମିଳିଛି। ସେ ଆହୁରି ମଧ୍ୟ ଦାବି କରିଛନ୍ତି ଯେ ସରକାର କେବଳ ଚାପରେ ଆସିଲେ ହିଁ ଦାବି ପୂରଣ କରନ୍ତି।ତାଙ୍କ କହିବା କଥା ଯେ ତେବେବେଳେ ସରକାର ଭୟଭୀତ ହୋଇପଡ଼ନ୍ତି ସେତେବେଳେ ସେ ଦାବି ମାନି ନିଅନ୍ତି।

# ଆସୁ ଆସୁ ବିବାଦ: ନୂଆ ଶିକ୍ଷା ମନ୍ତ୍ରୀଙ୍କୁ ଘେରିଲେ ରାହୁଲ



**ନୂଆଦିଲ୍ଲୀ:** ବିବାଦରେ ନୂଆ କରି ଶିକ୍ଷା ମନ୍ତ୍ରୀ ଦାୟିତ୍ୱ ପାଇଥିବା ବରିଷ୍ଠ ବିଜେପି ନେତା ପ୍ରହ୍ଲାଦ ଯୋଶୀ। ପ୍ରଶ୍ନପତ୍ର ବିବାଦରେ ଫସି ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେବା ପରେ ଶ୍ରୀ ଯୋଶୀ ଶିକ୍ଷା ମନ୍ତ୍ରୀ ହୋଇଥିଲେ। କିନ୍ତୁ ଏବେ ଗାନ୍ଧି ଭାଇ ଭଉଣୀ ନୂଆ ଶିକ୍ଷା ମନ୍ତ୍ରୀଙ୍କୁ ଘେରିଛନ୍ତି।ସଂସଦ ବାହାରେ ଓ ଭିତରେ ଭାଇ ଭଉଣୀ ମିଳିତ ଭାବେ ପ୍ରହ୍ଲାଦ ଯୋଶୀଙ୍କୁ ଟାର୍ଗେଟ କରିଛନ୍ତି। ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଲୋକଙ୍କ ସପକ୍ଷରେ ଏକଦା ପ୍ରହ୍ଲାଦ ଯୋଶୀ ବୟାନ ଦେଇଥିବା ଉଭୟ ରାହୁଲ ଗାନ୍ଧି ଓ ପ୍ରିୟଙ୍କା ଗାନ୍ଧି ଅଭିଯୋଗ କରିଛନ୍ତି। ହେଲେ ଏହାକୁ ଶାସକ ଦଳ ଓ ନିଜେ ପ୍ରହ୍ଲାଦ ଯୋଶୀ ଖଣ୍ଡନ କରିଛନ୍ତି। ଏଥିସପାଇଁ ସେମାନେ ପ୍ରିୟଙ୍କା ଗାନ୍ଧି ଭଦ୍ରାଙ୍କ କ୍ଷମା ଦାବି କରିଛନ୍ତି। ବିରୋଧୀ ଦଳ ନେତା ରାହୁଲ ଗାନ୍ଧି କହିଛନ୍ତି ଯେ "ଦୁଷ୍କର୍ମକାରୀଙ୍କ ଓକିଲାତି କରୁଥିବା ଜଣେ ବ୍ୟକ୍ତିଙ୍କୁ ବିଜେପି ଶିକ୍ଷା ମନ୍ତ୍ରୀ କରିଛି। ସେ ଜଣେ ଅତ୍ୟନ୍ତ ଅଭଦ୍ର ଶ୍ରେଣୀର ଲୋକ। ଦୁଷ୍କର୍ମକାରୀଙ୍କୁ ସୁରକ୍ଷା ଆବଶ୍ୟକ ଥିବା କହୁଥିବା ବ୍ୟକ୍ତିଙ୍କ ଠାରୁ ଘୃଣ୍ୟ ଆଉ କେହି ହୋଇ ନ ପାରନ୍ତି।" ଶିକ୍ଷା ବ୍ୟବସ୍ଥାକୁ ନେଇ ପ୍ରତିବାଦ କରୁଥିବା ଛାତ୍ରଛାତ୍ରୀଙ୍କ ପ୍ରସଙ୍ଗ ଉଠାଇ ରାହୁଲ କହିଛନ୍ତି ଯେ "ବିକ୍ଷୋଭ ସମୟରେ ଅନେକ ଯୁବକ ଓ ଯୁବତୀଙ୍କୁ ମାଡ଼ ମରାଯାଇଛି। ଏହାପରେ କ୍ୟାବିନେଟ୍‌ରେ ଅନେକ ସଦସ୍ୟ ଥିବା ସତ୍ତ୍ୱେ ପ୍ରଧାନମନ୍ତ୍ରୀ ଏପରି ଜଣେ ବ୍ୟକ୍ତିଙ୍କୁ ଶିକ୍ଷା ମନ୍ତ୍ରୀ ଭାବେ ବାଛିଛନ୍ତି, ଯିଏ ଦୁଷ୍କର୍ମକାରୀଙ୍କୁ ସୁରକ୍ଷା ଦିଅନ୍ତି। ଏହା ବେଶ୍ ଆଶ୍ଚର୍ଯ୍ୟଜନକ ଓ ଚିନ୍ତାଜନକ।"କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧି ଭଦ୍ରା ସଂସଦ ଭିତରେ ପ୍ରହ୍ଲାଦ ଯୋଶୀଙ୍କ ପୂର୍ବ ବୟାନକୁ ଉଠାଇ ତାଙ୍କୁ ସମାଲୋଚନା କରିଥିଲେ। ସେ କହିଛନ୍ତି, "ମହିଳା ସଂରକ୍ଷଣ ଓ ମହିଳା ନେତୃତ୍ୱକୁ ପ୍ରୋତ୍ସାହନ ଦେବା କଥା ସରକାର କହୁଥିବା ବେଳେ ମହିଳାଙ୍କ ଅଧିକାରକୁ ନେଇ ସରକାରଙ୍କ ବାର୍ତ୍ତା ପରସ୍ପରର ବିରୋଧାଚାରଣ କରୁଛି। ଏହା ଅତ୍ୟନ୍ତ ଭୁଲ୍ ବାର୍ତ୍ତା।"ଏଥିସହ ପ୍ରହ୍ଲାଦ ଯୋଶୀ ଦୁଷ୍କର୍ମକାରୀଙ୍କ ସପକ୍ଷରେ ଦେଇଥିବା ବୟାନର ଭିଡିଓ ସମେତ ସମସ୍ତ ପ୍ରମାଣ ଓ ଦସ୍ତାବିଜକୁ ସେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସାରେ ଗୃହରେ ଦାଖଲ କରିବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ରମନ୍ତ୍ରୀ କିରନ ରିଜିଜୁ ଲୋକସଭାରେ ପ୍ରିୟଙ୍କା ଗାନ୍ଧି ଭଦ୍ରାଙ୍କ ମନ୍ତବ୍ୟକୁ ଦୃଢ଼ ଭାବେ ବିରୋଧ କରିଥିଲେ। ସେ ଏହି ମନ୍ତବ୍ୟକୁ ଅନୁଚିତ ଓ ଅପମାନଜନକ ବୋଲି କହିବା ସହ ସଂସଦୀୟ ରେକର୍ଡରୁ ଏହାକୁ ହଟାଇବାକୁ ଦାବି କରିଛନ୍ତି। ଏଥିସହ ପ୍ରିୟଙ୍କା ଗାନ୍ଧିଙ୍କୁ କ୍ଷମା ମାଗିବାକୁ ମଧ୍ୟ ସେ ଦାବି କରିଛନ୍ତି। କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ତାଙ୍କ ବିରୋଧରେ ଦୁଷ୍କର୍ମକାରୀଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ ଆଣିବା ପରେ ଜୋଶୀ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି ଏବଂ ପ୍ରିୟଙ୍କାଙ୍କୁ କ୍ଷମା ମାଗିବାକୁ ଦାବି କରିଛନ୍ତି। ପ୍ରହ୍ଲାଦ ଯୋଶୀ ମଧ୍ୟ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି।ସେ କହିଛନ୍ତି, "ପ୍ରିୟଙ୍କାଜୀ ନିଜ ମନ୍ତବ୍ୟ ଦେବା ପୂର୍ବରୁ ତଥ୍ୟର ସତ୍ୟତା ଯାଞ୍ଚ କରିବା ଉଚିତ ଥିଲା। ପ୍ରଚାର କରାଯାଉଥିବା ଭୁଲ ତଥ୍ୟ ବିରୋଧରେ ପଦକ୍ଷେପ ନିଆଯିବା ଦରକାର। କେହି କ'ଣ ଯାହା ଇଚ୍ଛା କହିଦେଇ ଖସିଯାଇପାରିବେ? ମୁଁ ଏହି ଅଭିଯୋଗଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ଖଣ୍ଡନ କରୁଛି। ତାଙ୍କ ବୟାନକୁ ଗୃହରୁ ବାଦ ଦିଆଯିବା ଉଚିତ ଓ ସେ କ୍ଷମା ମାଗିବା ଦରକାର।" ରାହୁଲ ଓ ପ୍ରିୟଙ୍କା ଗାନ୍ଧିଙ୍କ ମନ୍ତବ୍ୟ ୨୦୨୨ ମସିହାରେ ବିଲକିସ ବାନୋ ଗଣଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ୧୧ ଜଣଙ୍କୁ ମୁକ୍ତ କରିବାକୁ ଗୁଜରାଟ ସରକାର ନେଇଥିବା ନିଷ୍ପତ୍ତି ଉପରେ ଆଧାରିତ। ୧୧ ଜଣ ଦୁଷ୍କର୍ମକାରୀଙ୍କୁ ଜେଲରୁ ଖଲାସ କରିବା ପାଇଁ ସରକାର ନେଇଥିବା ନିଷ୍ପତ୍ତିକୁ ଯୋଶୀ ପରୋକ୍ଷରେ ସମର୍ଥନ କରିଥିଲେ। ସେ କହିଥିଲେ ଯେ "ଆଇନ ଓ ରାଜ୍ୟର କ୍ଷମା ପ୍ରଦାନ ନୀତି ଅନୁସାରେ ଦୋଷୀମାନଙ୍କୁ ମୁକ୍ତି ଦିଆଯାଇଥିଲା। ଏଥିରେ କୌଣସି ଭୁଲ ନାହିଁ।'"ତେବେ ସୁପ୍ରିମକୋର୍ଟ ଏହି କ୍ଷମାଦାନକୁ ରଦ୍ଦ କରିବା ସହ ଦୋଷୀମାନଙ୍କୁ ପୁଣି ଜେଲ୍କୁ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ।

## ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ

# ଭାରତୀୟ ଦଳରେ ୩୩ ବର୍ଷୀୟ ସାରାଂଶ

ନୂଆଦିଲ୍ଲୀ,୨୮।୭(ଏଜେନ୍ସି): ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ଶୃଙ୍ଖଳା ପାଇଁ ଭାରତୀୟ ଦଳ ଘୋଷଣା ହୋଇଛି। ବହୁ ବରିଷ୍ଠ ଖେଳାଳି ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ମଧ୍ୟପ୍ରଦେଶର ୩୩ ବର୍ଷୀୟ ଅଲରାଉଣ୍ଡର ସାରାଂଶ ଜୈନ ନୂଆ ମୁହଁ ଭାବେ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଘରୋଇ କ୍ରିକେଟରେ ବର୍ଷ ବର୍ଷ ଧରି କଠିନ ପରିଶ୍ରମ କରିଥିବା ସାରାଂଶଙ୍କୁ ଶେଷରେ ବଡ଼ ସଫଳତା ମିଳିଛି। ସେ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟର ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବା ଆଶା କମ। ଶୁଭମନ ଗିଲଙ୍କ ନେତୃତ୍ୱାଧିନ ଦଳରେ କୁଲଦୀପ ଯାଦବ ଓ ରବିନ୍ଦ୍ର ଜାଡେଜାଙ୍କ ଭଳି ଅଭିଜ୍ଞ ଖେଳାଳି ରହିଛନ୍ତି। ସେହିଭଳି ମାନବ ସୁତାର ମଧ ଆଫଗାନିସ୍ତାନ ବିପକ୍ଷରେ ଡେବ୍ୟୁ କରି କମାଲ କରିଥିଲେ। ଏପରି ସ୍ଥିତିରେ ସାରାଂଶଙ୍କୁ ସୁଯୋଗ ମିଳିବା ଆଶା ଖୁବ କମ ରହିଛି। ତଥାପି ସେ ଭାରତୀୟ ଟେଷ୍ଟ ଦଳର ୧୫ ଜଣିଆ ତାଲିକାରେ ସ୍ଥାନ ପାଇବା କିଛି ଛୋଟ କଥା ନୁହେଁ। ଅଫ ସ୍ପିନର ସାରାଂଶ ଅନ୍ୟତମ ସଫଳ ରେଡ ବଲ ଅଲରାଉଣ୍ଡ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ଘରୋଇ କ୍ରିକେଟରେ ସୃଷ୍ଟି କରିଛନ୍ତି। ସେ କ୍ରମାଗତ ଭାବେ ବ୍ୟାଟ ଓ ବଲରେ ଭଲ ପ୍ରଦର୍ଶନ କରିଥିଲେ ମଧ ତାଙ୍କୁ ବରିଷ୍ଠ ଦଳରେ ସୁଯୋଗ ମିଳିନଥିଲା।

ଫିଟନେସକୁ ନେଇ ୱାଶିଂଟନ ସୁନ୍ଦରଙ୍କ ଅନିଶ୍ଚିତତା ଥିବା ବେଳେ ରବିନ୍ଦ୍ର ଜାଡେଜା, କୁଲଦୀପ ଯାଦବ ଓ ମାନବ ସୁତାରଙ୍କ ସହ ଦଳକୁ ସନ୍ତୁଳିତ କରିବା ପାଇଁ ଜଣେ ବିଶେଷଜ୍ଞ ଡାହାଣ ହାତୀ ଫିଙ୍ଗର ସ୍ପିନରଙ୍କ ଆବଶ୍ୟକତା ଥିଲା। ଏହି ପରିସ୍ଥିତିରେ ଚୟନକର୍ତ୍ତା ସାରାଂଶ ଜୈନଙ୍କ ଉପରେ ଦେଖାଇଛନ୍ତି।




ଇନ୍ଦୋରରେ ଜନ୍ମିତ ସାରାଂଶ ୨୦୧୪-୧୫ ସିଜନରେ ମଧ୍ୟପ୍ରଦେଶ ପାଇଁ ପ୍ରଥମ ଶ୍ରେଣୀ କ୍ରିକେଟରେ ପଦାର୍ପଣ କରିଥିଲେ। ସେବେ ଠାରୁ ସେ ଦଳର ଅନ୍ୟତମ ଭରଷାଯୋଗ୍ୟ ଖେଳାଳି ହୋଇରହିଛନ୍ତି। ୫୪ଟି ପ୍ରଥମ ଶ୍ରେଣୀ ମ୍ୟାଚରେ ୨୦୦୦ରୁ ଅଧିକ ରନ ସହ ୧୮୮ଟି ୱିକେଟ୍ ନେଇଛନ୍ତି। ସାରାଂଶଙ୍କ ପରିବାର ମଧ କ୍ରିକେଟ ସହ ଜଡିତ। ତାଙ୍କ ବାପା ସୁବୋଧ ଜୈନ ରଣଜୀ ଟ୍ରଫିରେ ମଧ୍ୟପ୍ରଦେଶର ପ୍ରତିନିଧିତ୍ୱ କରିଥିଲେ। ସାରାଂଶଙ୍କ ପରିବାର ପ୍ରାରମ୍ଭିକ ସମୟରେ ତାଙ୍କ ବାପାଙ୍କର କ୍ୟାନସର ଅସ୍ତ୍ରୋପଚାର ହୋଇଥିଲା। ଅପରେସନ ପରେ କଥା କହିପାରୁନଥିବା ସୁବୋଧ ପୁଅକୁ ଚିଠି ଲେଖି କ୍ରିକେଟ ଉପରେ ଧ୍ୟାନକେନ୍ଦ୍ରୀତ କରିବାକୁ କହିଥିଲେ। ସାରାଂଶ ଚିଠିକୁ ନିଜର କ୍ୟାରିୟର ସାରା ସଂରକ୍ଷିତ ରଖିଛନ୍ତି।

ଶ୍ରୀଲଙ୍କା ଗସ୍ତରେ ଭାରତୀୟ ଦଳ ୨ଟି ଟେଷ୍ଟ ମ୍ୟାଚ ଖେଳିବ। ପ୍ରଥମ ଟେଷ୍ଟ ଅଗଷ୍ଟ ୧୫ରେ ଗାଲେରେ ଆରମ୍ଭ ହେବ। ସେହିଭଳି ଦ୍ୱିତୀୟ ଟେଷ୍ଟ ଅଗଷ୍ଟ ୨୩ରୁ କଲମ୍ବୋରେ ଖେଳାଯିବ। ଭାରତୀୟ ଦଳ ଶ୍ରୀଲଙ୍କା ଗସ୍ତରେ ଦୃଢ଼ କରିବାକୁ ପଡିବ। ବିଶ୍ୱ ଟେଷ୍ଟ ଚାମ୍ପିଅନସିପର ଚଳିତ ଚକ୍ରରେ ଭାରତ ନିଜର ସ୍ଥିତିକୁ ଉନ୍ନତ କରିବାକୁ ଚେଷ୍ଟ କରିବ। ଏହା ଶୁଭମନ ଗିଲଙ୍କ ପାଇଁ ଅଧିନାୟକ ଭାବେ ଆଉ ଏକ ପ୍ରମୁଖ ଚ୍ୟାଲେଞ୍ଜ ହେବ। ଚୟନକର୍ତ୍ତା ଅଭିଜ୍ଞ ଖେଳାଳି ଏବଂ ଯୁବ ପ୍ରତିଭାଙ୍କ ସନ୍ତୁଳିତ ଦଳ କରିବାକୁ ପ୍ରୟାସ କରିଛନ୍ତି। ଆହତ ଦ୍ରୁତ ବୋଲର ଯଶପ୍ରୀତ ବୁମରା ଏବଂ ଅଲରାଉଣ୍ଡ ରବିନ୍ଦ୍ର ଜାଡେଜାଙ୍କୁ ମଧ ଭାରତୀୟ ଟେଷ୍ଟ ଦଳରେ ସାମିଲ କରାଯାଇଛି। ବିମରା ବର୍ତ୍ତମାନ ଆହତ ଅଛନ୍ତି। ସେ ଫିଟ ହେବା ପରେ ଦଳରେ ଯୋଗ ଦେଇପାରିବେ।

ବ୍ୟାଟର ସାଇ ସୁଦର୍ଶନ ମଧ ଅନଫିଟ ଥିବା ସତ୍ୱେ ଦଳରେ ସ୍ଥାନ ବଜାୟ ରଖିଛନ୍ତି।

**ଭାରତୀୟ ଦଳ:** ଶୁଭମନ ଗିଲ (ଅଧିନାୟକ), ଲୋକେଶ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ରିଷଭ ପନ୍ତ, ସାଇସୁଦର୍ଶନ, ଧ୍ରୁବ ଜୁରେଲ, ରବିନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ମାନବ ସୁତାର, ଯଶପ୍ରୀତ ବୁମରା, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଗୁରନୁର ବ୍ରାର, ଦେବଦୂତ ପଡିକାଲ ଓ ସାରାଂଶ ଜୈନ।

## ▶▶ ରାଜ୍ୟଗୋଷ୍ଠୀ କ୍ରୀଡା

# ୨୦ ବର୍ଷ ଅପେକ୍ଷାର ଅନ୍ତ ଘଟାଇଲେ ଶର୍ମିଳା

ନୂଆଦିଲ୍ଲୀ,୨୮।୭(ଏଜେନ୍ସି): ଗ୍ଲାସଗୋ ରାଜ୍ୟ ଗୋଷ୍ଠୀ କ୍ରୀଡାରେ ଭାରତକୁ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ମିଳିଛି। ଦେଶ ପାଇଁ ଏହି ପଦକ ଜିତିଛନ୍ତି ପାରାସଟପୁଟ ଖେଳାଳି ଶର୍ମିଳା ଧନକଡ଼। ମହିଳା ସଟପୁଟ ଏଫ-୫୭ ଇଭେଣ୍ଟରେ ୯.୮୧ ମିଟର ସଟପୁଟ ଫିଙ୍ଗି ନିଜର ଶ୍ରେଷ୍ଠ ପ୍ରଦର୍ଶନ ସହ ସ୍ୱର୍ଣ୍ଣ ଜିତିଛନ୍ତି। ଏହାସହ ଶର୍ମିଳା ରାଜ୍ୟ ଗୋଷ୍ଠୀ କ୍ରୀଡା ପାରା ଆଥଲେଟିକରେ ଦେଶ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଛନ୍ତି। ତାଙ୍କର ଏହି ସଫଳତା ରାଜ୍ୟଗୋଷ୍ଠୀ ପାରାଆଥଲେଟିକ୍ସରେ ଭାରତର ୨୦ ବର୍ଷର ପଦକ ଅନ୍ତ ଘଟାଇଛି।



ରାଜ୍ୟଗୋଷ୍ଠୀ କ୍ରୀଡାର ପଞ୍ଚମ ଦିବସ ଶେଷ ସୁଧା ଭାରତର ପଦକ ସଂଖ୍ୟା ୧୦କୁ ବୃଦ୍ଧି ପାଇଛି। ପୂର୍ବରୁ ଭାରତୀୟ ହାଇଜମ୍ପର ସର୍ବେଶ୍ୱର କୁଷାରୀ ରୌପ୍ୟ ପଦକ ଜିତିଛନ୍ତି। ତୁଷାରେ ମୋଟ ୨.୨୮ ମିଟର ଡେଇଁ ରୌପ୍ୟ ପଦକ ଜିତିଥିଲେ। ଏହି ବର୍ଗରେ ଜାମାଇକାର ରୋମେନ ବେକଫର୍ଡ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଭାରୋତ୍ତୋଳନରେ ଭଲ୍ଲୁରୀ ଅଜୟ ବାବୁ ଏବଂ ଜ୍ଞାନେଶ୍ୱରୀ ଯାଦବ ଗୋଟିଏ ଲେଖାଏଁ ରୌପ୍ୟ ହାସଲ କରିଥିଲେ। ମାଲେସିଆର ମହମ୍ମଦ ଏରି ହୁଦାୟତଙ୍କ ଠାରୁ ମାତ୍ର ୧ କିମି ପଛରେ ରହି ବଲ୍ଲୁରୀ ସ୍ୱର୍ଣ୍ଣ ପଦକରୁ ଅଳ୍ପକେ ବଞ୍ଚିତ ହୋଇଥିଲେ। ଜ୍ଞାନେଶ୍ୱରୀ ମଧ ପଦାର୍ପଣରେ ମହିଳା ୫୩ କିଲୋଗ୍ରାମ ବର୍ଗରେ ରୌପ୍ୟ ପଦକ ଜିତିଥିଲେ। ସଟପୁଟରେ ଶିକ୍ଷା ସାଇଲା ଏଫ-୫୭ ଇଭେଣ୍ଟରେ ନାଟକୀୟ ଭାବେ ବ୍ରୋଞ୍ଜ ପଦକ ଜିତିଥିଲେ। ମ୍ୟାଚ ପରିବର୍ତ୍ତୀ ପ୍ରତୀକ୍ଷା ସମୀକ୍ଷା ନାଇଜେରିଆର ୟୁଚାରିଆଙ୍କ ବୈଧ ସ୍କୋରକୁ ରଦ୍ଦ କରାଯିବା ପରେ ଶିକ୍ଷାଙ୍କୁ ବ୍ରୋଞ୍ଜ ପଦକ ମିଳିଥିଲା। ଚଳିତ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡାରେ ଏପର୍ଯ୍ୟନ୍ତ ଭାରତ ୨ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଏବଂ ୩ଟି ବ୍ରୋଞ୍ଜ ପଦକ ସହିତ ମୋଟ୍ ୧୦ ପଦକ ଜିତିଛି।

# ମୁମ୍ବାଇ ଏଫସି ଡୁରାଣ୍ଡ କପ ଦଳରେ ଟାଇଗର

ମୁମ୍ବାଇ,୨୮।୭(ଏଜେନ୍ସି): ବଲିଉଡ ଅଭିନେତା ଟାଇଗରଶ୍ରଫ ଫୁଟବଲ ପଡିଆରେ ନଜର ଆସିବାକୁ ଯାଉଛନ୍ତି। ଡୁରାଣ୍ଡ କପ ପାଇଁ ଘୋଷଣା ହୋଇଥିବା ମୁମ୍ବାଇ ଦଳରେ ଟାଇଗରଶ୍ରଫଙ୍କ ନାମ ସାମିଲ କରାଯାଇଛି। ଏହାସହିତ ସେ ଡୁରାଣ୍ଡ କପ ଜରିଆରେ ନିଜର ପ୍ରଫେସନାଲ ଫୁଟବଲ ଡେବ୍ୟୁ କରିବାର ସମ୍ଭାବନା ରହିଛି। କ୍ଲବର ସହ ମାଲିକ ଅମରାନୀଙ୍କ କହିବା ଅନୁସାରେ ଟାଇଗର କ୍ଲବ ସହିତ ପଞ୍ଜିକୃତ ହୋଇସାରିଛନ୍ତି। ବର୍ତ୍ତମାନ ଦଳ ସହ ସେ ଅଭ୍ୟାସ କରୁଛନ୍ତି। ସିଲଂରେ ଖେଳାଯିବାକୁଥିବା ଗ୍ରୁପ ପର୍ଯ୍ୟାୟ ମ୍ୟାଚ ଗୁଡିକ ମଧ୍ୟରୁ ଅତିକମରେ ଗୋଟିଏ ମ୍ୟାଚ ପାଇଁ ସେ ଦଳ ସହ ଯାତ୍ରା କରିପାରନ୍ତି। ୨୦୨୪ରେ ମୁମ୍ବାଇ ଏଫସି ଗଠନ ହେବା ଦିନଠାରୁ ଟାଇଗର ଯୋଡି ହୋଇରହିଛନ୍ତି। ମୁମ୍ବାଇ ଡିଷ୍ଟ୍ରିକ୍ ଲିଗରେ ମଧ ନିୟମିତ ଖେଳିଛନ୍ତି। ୨୦୨୩ରେ ଏକ ଇନଫ୍ଲୁଏନସର ଲିଗ ମ୍ୟାଚରେ ଟାଇଗର ଖେଳିଥିଲେ। ଖେଳିପ୍ରତି ତାଙ୍କର ଆଗ୍ରହ ଦେଖି ଜୋହେବ ତାଙ୍କୁ ମୁମ୍ବାଇ ଏଫସି ଦଳରେ ଆମନ୍ତ୍ରଣ କରିଥିଲେ। ଅଗଷ୍ଟ ୩ରେ ପ୍ରଥମ ମ୍ୟାଚ ଲାଙ୍ଗସିଂ ବିପକ୍ଷରେ, ଅଗଷ୍ଟ ୮ରେ ସିଲଂ ଲାଜୋଙ୍ଗ ବିପକ୍ଷରେ ଦ୍ୱିତୀୟ ମ୍ୟାଚ ଏବଂ ଅଗଷ୍ଟ ୧୧ରେ ନୋଙ୍ଗକ୍ରେସ ଏସଏସ ଓ ସିସି ବିପକ୍ଷରେ ମୁମ୍ବାଇ ଏଫସି ମ୍ୟାଚ ଖେଳିବ।



# ଦୁଇଟି ମ୍ୟାଚ ଡ୍ର’

ଭୁବନେଶ୍ୱର,୨୮।୭(ସବ୍ୟୁ): ଫୁଟବଲ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ)ର ଘରୋଇ ପ୍ରତିଯୋଗିତା ଏମଜିଏମ ଫାଓ ଲିଗର ୨୩ ତମ ଦିନ ଅନୁଷ୍ଠିତ ଦୁଇଟି ମ୍ୟାଚ ଡ୍ର’ ରହିଛି। ବାରାବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ମ୍ୟାଚଟି ରାଇଜିଂ ଷ୍ଟୁଡେଣ୍ଟ ଓ ରାଧାରମଣ କ୍ଲବ ମଧ୍ୟରେ ୨-୨ ଗୋଲରେ ଡ୍ର’ ରହିଥିଲା। ଏହି ଚିତାକର୍ଷକ

**ଫାଓ ଲିଗ୍**

ମ୍ୟାଚରେ ରାଇଜିଂ ଷ୍ଟୁଡେଣ୍ଟର ଅଙ୍କିତ ବେହେରା ଓ ମହମ୍ମଦ ନିଆଜ ଗୋଲସ୍କୋର କରିଥିଲେ। ସେହିଭଳି ରାଧାରମଣ କ୍ଲବ ପକ୍ଷରୁ ପିପିନ ଆହିବାମ ଓ ସମୀର ବାର୍ଲା ଗୋଲସ୍କୋର କରିଥିଲେ। ଦ୍ୱିତୀୟ ମ୍ୟାଚଟି ସନସାଇନ କ୍ଲବ ଓ ଟାଉନ କ୍ଲବ ମଧ୍ୟରେ ଖେଳାଯାଇଥିଲା। ସନସାଇନ କ୍ଲବ ପକ୍ଷରୁ ୯୨ ମିନିଟରେ ସୁଧାକର ଦଶ ଓ ଟାଉନ କ୍ଲବର ଅନୁଭବ ବସ୍ତି ୨୦ତମ ମିନିଟରେ ଗୋଲ କରିଥିଲେ।

# ଲଗାତାର ୫ ମେଡେନ, ୫ ୱିକେଟ

ନୂଆଦିଲ୍ଲୀ,୨୮।୭(ଏଜେନ୍ସି): ୱେଷ୍ଟଇଣ୍ଡିଜ୍ ବୋଲର ଜଷ୍ଟିସ ଗିଭର୍ସ ଇତିହାସ ରଚିଛନ୍ତି। ପାକିସ୍ତାନ ବିପକ୍ଷ ପ୍ରଥମ ଟେଷ୍ଟରେ କ୍ରମାଗତ ୫ ଓଭର ମେଡେନ ଏବଂ ୫ ୱିକେଟ ନେଇ ସେହି ସଫଳତା ପାଇଛନ୍ତି। ଟେଷ୍ଟ କ୍ରିକେଟରେ ପ୍ରଥମଥର କୌଣସି ବୋଲର ଲଗାତାର ୫ ଓଭର ମେଡ଼େନ ପକାଇ ୫ ଓଭର ଅକ୍ତିଆର କରିବା ପ୍ରଥମଥର ଘଟିଛି। ତ୍ରିନିଦାଦରେ ପାକିସ୍ତାନ ଓ ଇଣ୍ଡିଜ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ ଖେଳାଯାଉଛି। ମ୍ୟାଚର ତୃତୀୟ ଦିନ ଜଷ୍ଟିନ ମଧ୍ୟାହ୍ନ ଭୋଜନ ବିରତି ପୂର୍ବରୁ ଏବଂ ପରେ ଘାତକ ବୋଲିଂ କରିଥିଲେ। ଏହାସହ ପାକିସ୍ତାନର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ଏହାସହ ତାଙ୍କ କ୍ୟାରିୟରର ପ୍ରଥମ ୫ ୱିକେଟ୍ ଭାଙ୍ଗି ଦେଇଥିଲେ। ଏହା ପୂର୍ବରୁ ଇଂଲଣ୍ଡର ଷ୍ଟୁଆର୍ଟ ବ୍ରଡଙ୍କ ନାଁରେ ଏପରି ଏକ ରେକର୍ଡ ଥିଲା। ୨୦୧୬ ଫେବୃଆରୀରେ ଦ,ଆଫ୍ରିକା ବିପକ୍ଷରେ ବ୍ରଡ ଲଗାତାର ୪ ଓଭର ମେଡେନ ପକାଇଥିଲେ। ଜଷ୍ଟିନ ଏହି ରେକର୍ଡକୁ ମଧ ପଛରେ ପକାଇ ଦେଇଥିଲେ।



## ୟୁଏସ ଓପନ

# ମିକ୍ସଡ ଡବଲ୍ସ ଖେଳିବେ ଜୋକୋଭିକ-ସାବାଲେଙ୍କା

ନୂଆଦିଲ୍ଲୀ,୨୮।୭(ଏଜେନ୍ସି): ସର୍ବିଆର ଟେନିସ୍ ତାରକା ନୋଭାକ ଜୋକୋଭିକ ଓ ଆର୍ଯ୍ୟାନା ସାବାଲେଙ୍କା ଆଗାମୀ ୟୁଏସ ଓପନ ମିକ୍ସଡ ଡବଲ୍ସ ପ୍ରତିଯୋଗିତାରେ ଏକାଠି ଖେଳିବେ। ଏହି ଯୋଡି ୧୬ ଦଳୀୟ ଏହି ପ୍ରତିଯୋଗିତାକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତାର ବିଜେତା ଦଳକୁ ଏକ ମିଲିୟନ ଡଲାର ପୁରସ୍କାର ପ୍ରଦାନ କରାଯିବ। ତେଣୁ ଗତବର୍ଷଠୁ ଆରମ୍ଭ ହୋଇଥିବା ପ୍ରତି ପୁଣିଥରେ ଅନେକ ଶ୍ରେଷ୍ଠ ଖେଳାଳି ଆକୃଷ୍ଟ ହୋଇଛନ୍ତି।



ସାବାଲେଙ୍କା-ଜୋକୋଭିକଙ୍କ ବ୍ୟତୀତ ଗତ ସଂସ୍କରଣ ଉପବିଜେତା ଯୋଡି ଇଗା ସ୍ୱିଟେକ-କାସ୍ପର ରୁଡ, ଏଲିନା ରେବାକିନା-ଟେଲର ଫ୍ରିଜ୍, ନାଓମୀ ଓସାକା-କେଇ ନିଶିକୋରୀ, ଜେସିକା ପେଗୁଲା- ଜ୍ୟାକ ଡ୍ରପର ପ୍ରତିଦ୍ୱନ୍ଦ୍ୱିତା କରିବେ। ଗତ ସଂସ୍କରଣର ବିଜେତା ସାରା ଇରାନୀ ଓ ଆନ୍ଦ୍ରୀୟା ଭାବାସ୍ୱରୀଙ୍କ ଏକକ ମାନ୍ୟତା କମ ଥିବାରୁ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ୱାଇଲ୍ଡ କାର୍ଡର ଆବଶ୍ୟକତା ପଡିବ। ଏହି ପ୍ରତିଯୋଗିତାର ମୁଖ୍ୟ ଡ୍ର’ ଅଗଷ୍ଟ ୨୫ ଓ ୨୬ ତାରିଖରେ ନ୍ୟୁୟର୍କ ସିଟିର ଏଥର ଏସ ଷ୍ଟାଡିୟମ ଓ ଲୁଇସ ଆମଷ୍ଟ୍ରଙ୍ଗ ଷ୍ଟାଡିୟମରେ ଖେଳାଯିବ। ୬ଟି ଶ୍ରେଷ୍ଠ ଯୋଡି ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ।

## ରାଜ୍ୟ ସ୍କୁଲ ଓପନ ଚେସ ଚାମ୍ପିଅନସିପ୍

# ବିଶ୍ୱପ୍ରୀତ ବିଜେତା

ଭୁବନେଶ୍ୱର,୨୮।୭(ସବ୍ୟୁ): ଓଡିଏମ ଗ୍ଲୋବାଲ ସ୍କୁଲ ପରିସରରେ ଅନ୍ତର୍ଜାତୀୟ ଚେସ ଦିବସ ଅବସରରେ ରାଜ୍ୟ ସ୍କୁଲ ଓପନ ଚାମ୍ପିଅନସିପ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଏମ ଗ୍ଲୋବାଲ ସ୍କୁଲର ବିଶ୍ୱପ୍ରୀତ ରାୟ ୫ ରାଉଣ୍ଡରୁ ୫ ପଏଣ୍ଟ ହାସଲ କରି ଚାମ୍ପିଅନ ହୋଇଛନ୍ତି। ଉଦୟକାନ୍ତ ନାୟକ ଦ୍ୱିତୀୟ, ଆହାନ ଅଭିଜ୍ଞାନ ତୃତୀୟ, ଆରିସ ନନ୍ଦ ଗୋସ୍ୱାମୀ ଚତୁର୍ଥ, ରିଆନ ଭରଦ୍ୱାଜ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ୬, ୮, ୧୦, ୧୨ ଏବଂ ୧୪ ବର୍ଷରୁ କମ ବୟସ ବର୍ଗରେ ଦୁଇ ଜଣ ଲେଖାଏଁ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ଏତଦବ୍ୟତୀତ ୭ ଜଣ ଖେଳାଳି ଭାବେ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ପାଣିଗ୍ରାହୀ ତଥା ବରିଷ୍ଠ ସାମ୍ବାଦିକ ସୁଦେଶନା ନନ୍ଦ, ବିଶ୍ୱଜିତ ସିଂ ପ୍ରମୁଖ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।



ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ସିଧାସଳଖ ପଠାଇପାରିବେ। ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ: classifiedsamaya@gmail.com ରେ ପଠାଇ ପାରିବେ। ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ।

# ୬୬ତମ ରାଜ୍ୟ ବରିଷ୍ଠ ଚେସ୍ ପ୍ରତିଯୋଗିତା: ଫକୀର ମାଝୀ ଏକକ ଅଗ୍ରଣୀ

ଭୁବନେଶ୍ୱର,୨୮।୭(ସବ୍ୟୁ): ନିଖିଳ ଓଡ଼ିଶା ଚେସ ସଂଘ ଆନୁକୂଲ୍ୟରେ ସ୍ଥାନୀୟ କିଟ ବିଶ୍ୱନାଥନ ଆନନ୍ଦ ଅନ୍ତର୍ଜାତୀୟ ଚେସ ହଲରେ ଚାଲିଥିବା ୬୬ତମ ରାଜ୍ୟ ବରିଷ୍ଠ ରେଟେଡ୍ ଚେସ୍ ପ୍ରତିଯୋଗିତାର ଚତୁର୍ଥ ଦିନ ଅଷ୍ଟମ ରାଉଣ୍ଡ ଖେଳ ଶେଷ ସୁଦ୍ଧା ୨୨ ବର୍ଷୀୟ ଉଦୟମାନ ତାରକା ରାୟଗଡାର ଫକୀର ମାଝୀ (କିସ୍) ୭ ପଏଣ୍ଟ ହାସଲ କରି ଏକକ ଅଗ୍ରଣୀ ଲାଭ କରିଛନ୍ତି। ମାତ୍ର ଅଧ ପଏଣ୍ଟ କମ୍ ବ୍ୟବଧାନରେ ସାଢ଼େ ଛଅ ପଏଣ୍ଟ ସହ ଚାରି ଜଣ ଖେଳାଳି ଜଗଦୀଶ୍ ବାରିକ ପୁରୀ, ଶିଧେଶ କାମିଲା ବାଲେଶ୍ୱର, ଓମ୍ ଆଦିତ୍ୟ ଖାଡ଼ଙ୍ଗା ଓ ସ୍ୱପ୍ନିଳ ପ୍ରିୟଦର୍ଶୀ ଉଭୟ ଖୋର୍ଦ୍ଧା, ସମସ୍ତେ ମିଳିତ ଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ପଏଣ୍ଟ ସହ ତୃତୀୟ ସ୍ଥାନରେ ସାତ ଜଣ ଖେଳାଳି ,ଆୟୁଷ ପଟ୍ଟନାୟକ, ସାର୍ଥକ ମହାନ୍ତି,ଆଶୀର୍ବାଦ ସ୍ୱାଇଁ, ବିନୀତ ନାୟକ,ତପନ ବଡ ମୁଣ୍ଡି,ଏସ ପି ଇନ୍ଦ୍ରଜିତ୍ ଓ ଆର୍ଯ୍ୟ ଅନିବେଶ ରହିଛନ୍ତି।

ଚତୁର୍ଥ ଦିନରେ ଅଷ୍ଟମ ରାଉଣ୍ଡରେ ପ୍ରଥମ ଟେବୁଲରେ ଚତୁର୍ଥ ସିଡ୍ ଫକୀର ମାଝୀ ଓ ନୟାଗଡ଼ର ଏକ ନମ୍ବର ସିଡ୍ ଆଶୀର୍ବାଦ ସ୍ୱାଇଁ ମଧ୍ୟରେ କଡ଼ା ଟକର ହୋଇଥିଲା । ଫକୀର ନିଜଠାରୁ ୩୦୦ ଏଲୋ ପଏଣ୍ଟ ଅଧିକ ଆଶୀର୍ବାଦ ଙ୍କୁ ଧଳା ଦାନରେ କୁଇନ୍ ଗାମ୍ବିଟ୍ ଡିକ୍ଲାଇନ୍ ପ୍ରଣାଳୀରେ ଖେଳର ସବୁ ବିଭାଗରେ ଚାପ ସୃଷ୍ଟି କରି ଦୁଇଟି ପନ ଅଧିକ ମାରି ୪୦ଟି ଚାଲରେ ଏକ ସହଜ ବିଜୟ ହାସଲ କରିଥିଲେ। ଦ୍ୱିତୀୟ ଟେବୁଲରେ ଖୋର୍ଦ୍ଧାର ଓମ୍ ଆଦିତ୍ୟ ଖାଡ଼ଙ୍ଗା ଓ ପୁରୀର ଜଗଦୀଶ୍ ବାରିକ ଙ୍କ ମଧ୍ୟରେ ଲାର୍ସନ ଓପନିଂ ରେ ୫୮ ଟି ଚାଲରେ ବିଜୟର କୌଣସି ସମ୍ଭାବନା ନ ଥିବାରୁ ଉଭୟ ଶାନ୍ତି ଚୁକ୍ତି କରି ଡ୍ର ମାଧ୍ୟମରେ ପଏଣ୍ଟ ଭାଗ କରିଥିଲେ। ସେହିପରି ତୃତୀୟ ଟେବୁଲରେ ସିଦ୍ଧେଶ କାମିଲା ଓ ପୂର୍ବତନ ମଧ୍ୟପ୍ରଦେଶ ଚାମ୍ପିଅନ ଆୟୁଷ ପଟ୍ଟନାୟକ ଙ୍କ ମଧ୍ୟରେ ବାଜି ଫ୍ରେଞ୍ଚ୍ ଡିଫେନ୍ସ ଓପନିଙ୍ଗ ରେ ଆରମ୍ଭ ହୋଇ ମାତ୍ର ୨୭ ଚାଲରେ ଥ୍ରୀ ଫୋଲ୍ଡ ରିପିଟେସନ ନିୟମରେ ଅମୀମାଂସିତ ରହିଥିଲା। ସେହିପରି ୪ର୍ଥ ବୋର୍ଡରେ ପୁରୀର ଆୟୁଷ୍ମାନ ମହାନ୍ତି ଟୁ ନାଇଟ ଡିଫେନ୍ସ ରେ ମାତ୍ର ୩୬ ଟି ଚାଲରେ ଖୋର୍ଦ୍ଧାର ସତ୍ୟମ୍ ମିଶ୍ର ଙ୍କୁ ପରାସ୍ତ କରିଥିଲେ। ସକାଳେ ଅନୁଷ୍ଠିତ ସପ୍ତମ ରାଉଣ୍ଡ ଖେଳରେ ଗତକାଲିର ଅଗ୍ରଣୀ ଖେଳାଳି ଆୟୁଷ୍ମାନ ଙ୍କୁ ଆଶୀର୍ବାଦ ଓ ଲଳିତ ଙ୍କୁ ଓମ୍ ଆଦିତ୍ୟ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିଥିଲେ।




ଆଜିର ଅନ୍ତିମ ଅଷ୍ଟମ ରାଉଣ୍ଡ ଖେଳ ପୂର୍ବରୁ ଓଡ଼ିଶାର ବିସ୍ମୟ ଚେସ ବାଳକ ତଥା ଏସୀୟ,ରାଜ୍ୟଗୋଷ୍ଠୀ ଓ ବିଶ୍ୱ ଚେସ ପଦକ ବିଜେତା ସ୍ୱାତ୍ତିକ ସ୍ୱାଇଁ ଏବଂ ତାଙ୍କ ପିତା ସମ୍ବିତ୍ ସ୍ୱାଇଁ ଙ୍କୁ ଓଡ଼ିଶା ରାଜ୍ୟ ଚେସ ସଂଘ ତରଫରୁ ବିରଳ ସଫଳତା ପାଇଁ ସଭାପତି ସତ୍ୟ ରଂଜନ ପଟ୍ଟନାୟକ,ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି,କଳାହାଣ୍ଡି ଜିଲ୍ଲା ଚେସ ସମ୍ପାଦକ ରବୀନ୍ଦ୍ର ସାହୁ ଓ ବଲାଙ୍ଗୀର ଜିଲ୍ଲା ଚେସ ସମ୍ପାଦକ ପ୍ରିୟବ୍ରତ ପଣ୍ଡାଙ୍କ ଉପସ୍ଥିତିରେ ଉଚ୍ଚ ସମ୍ମାନ ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

ସମୟ
ସମୟ LIVE
Check out this amazing Odia News app
Andriod
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି